୭୯ତମ
ସ୍ୱାଧୀନତା ଦିବସ ଅବସରରେ
'ସକାଳ' ପରିବାର ତରଫରୁ
ହାର୍ଦ୍ଦିକ ଶୁଭେଚ୍ଛା ।

ସ୍ୱାଧୀନତା ଦିବସ ଉପଲକ୍ଷେ
୧୫ ତାରିଖ 'ସକାଳ'
କାର୍ଯ୍ୟାଳୟ ଛୁଟି ରହୁଥିବାରୁ
ପରବର୍ତ୍ତୀ ସଂସ୍କରଣ
୧୭ ତାରିଖ (ରବିବାର)
ପ୍ରକାଶ ପାଇବ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

୭୯ ତମ ସ୍ୱାଧୀନତା ଦିବସ

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | •VOLUME- 43 •ISSUE-52 •FRIDAY •15 AUGUST 2025 •PAGE-14 •₹ 6.00

•ବର୍ଷ-୪୩ •ସଂଖ୍ୟା-୫୨ •ଶୁକ୍ରବାର •୧୫ ଅଗଷ୍ଟ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦



DADLS-41



## ୭୯ତମ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା

## ବିକଶିତ ଭାରତ@୨୦୪୭ ମାର୍ଗରେ ଓଡ଼ିଶାର ସମାବେଶୀ ବିକାଶ

### ସୁରକ୍ଷିତ ହେଉଛି ଓଡ଼ିଆ ଅସ୍ମିତା, ବିକଶିତ ହେଉଛି ଐତିହ୍ୟ

ପୁରୀର ପ୍ରସିଦ୍ଧ 'ସାହିଯାତ'କୁ ମିଳିଛି **୧୭ ଲକ୍ଷ** ଟଙ୍କାର ଅନୁଦାନ

'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ଶୁଭାରମ୍ଭ

### ସଶକ୍ତ ମହିଳା, ବିକଶିତ ଓଡ଼ିଶା

'ସୁଭଦ୍ରା' ଯୋଜନାରେ **୧ କୋଟି** ମହିଳା ଉପକୃତ, କୋଟିଆ ପଞ୍ଚାୟତରୁ ୧୭୮୩

**୧୭ ଲକ୍ଷ** 'ଲକ୍ଷପତି ଦିଦି' ସୃଷ୍ଟି କରି ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### କୃଷି ଓ କୃଷକଙ୍କ କଲ୍ୟାଣରେ ସମର୍ପିତ ଲୋକଙ୍କ ସରକାର

ଗୋପାଳକଙ୍କୁ ପ୍ରୋତ୍ସାହିତ କରୁଛି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ' ଯୋଜନାରେ **୧୧୭ ପ୍ରକାର** କୃଷି ଉଦ୍ୟୋଗ ପାଇଁ **୧ କୋଟି** ଟଙ୍କା ଯାଏଁ ରିହାତି

### ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ

### ସୁଲଭ ଓ ସୁରକ୍ଷିତ ଯାତାୟାତ ଏବଂ ଉନ୍ନତ ପରିବହନ ଓ ପର୍ଯ୍ୟଟନ ବ୍ୟବସ୍ଥା

ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ

ସୁବର୍ଣ୍ଣପୁରରୁ-ପୁରୁଣାକଟକକୁ ରେଳ ସଂଯୋଗ

୧୦୦ ଗୋଟି ଇ-ବସ୍ ସେବାର ଶୁଭାରମ୍ଭ

### ଲୋକଙ୍କ ସରକାରରେ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

କାର୍ଯ୍ୟରତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ମୃତ୍ୟୁରେ **୨ ଲକ୍ଷ** ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଓ ଅକ୍ଷମତା କ୍ଷେତ୍ରରେ **୧ ଲକ୍ଷ**ରୁ **୨ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା

ପରିମଳ (ସ୍ୱରେଜ ଓ ସେପ୍ଟିକ୍ ଟାଙ୍କି ସଫେଇ) କର୍ମଚାରୀଙ୍କ ପାଇଁ **୧୦ ଲକ୍ଷ** ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନି ହେଲେ **୩୦ ଲକ୍ଷ** ଟଙ୍କାର ସହାୟତା ରାଶି

### ସବୁ ଜିଲ୍ଲାରେ ଶିଳ୍ପ, ସବୁ ଜିଲ୍ଲାରେ ଉଦ୍ୟୋଗୀ

ଘରୋଇ ପୁଞ୍ଜିନିବେଶରେ ଦେଶରେ ଓଡ଼ିଶା ୧ ନମ୍ବର ୨୦୨୫ ଏପ୍ରିଲରୁ ଜୁନ ମଧ୍ୟରେ ସାରା ଦେଶର ମୋଟ ଘରୋଇ ପୁଞ୍ଜିନିବେଶର ୪୦% ଓଡ଼ିଶାରେ

DMF ପାଣ୍ଠି ସଂଗ୍ରହରେ ମଧ ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### ଲୋକଙ୍କ ସରକାରରେ ସୁଶାସନ ଓ ସୁରକ୍ଷାକୁ ପ୍ରାଧାନ୍ୟ, ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼

ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ସରକାରଙ୍କ 'ଶୂନ୍ୟ ସହନଶୀଳ' ନୀତି ଅବଲମ୍ବନ ପ୍ରଶସ୍ତ କରୁଛି ସୁଶାସନ ଓ ଗରିବ କଲ୍ୟାଣ

ଲୋକଙ୍କ ସରକାରରେ ସୁଦୃଢ଼ ହେଉଛି ସହାୟତା ବ୍ୟବସ୍ଥା, ଜରୁରୀକାଳୀନ ପ୍ରଶମନ ପାଇଁ 'ଡାଏଲ ୧୧୨ ଯୋଜନା'ର ସମ୍ପ୍ରସାରଣ

### ଯୁବ ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କ ସରକାର

ସରକାରୀ ଚାକିରି ଆବେଦନ ବୟସ ସୀମା **୩୨ ରୁ ୪୨** କୁ ବୃଦ୍ଧି

ଗତ ଏକ ବର୍ଷରେ ବିଭିନ୍ନ ସରକାରୀ ପଦବୀରେ ମିଳିଛି **୨୮ ହଜାର**ରୁ ଅଧିକ ନିଯୁକ୍ତି, ଚଳିତବର୍ଷ ଆଉ **୪୦ ହଜାର** ସରକାରୀ ଚାକିରୀ ଦେବାର ଲକ୍ଷ୍ୟ

### ଜନଜାତି ଉନ୍ନତିରେ ଲୋକଙ୍କ ସରକାର

'ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'ରେ **୩ ଲକ୍ଷ** ଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳୁଛି ବାର୍ଷିକ **୫ ହଜାର** ଟଙ୍କା

'ଆମେ ପଢ଼ିବା ଆମ ଭାଷାରେ' ଯୋଜନାରେ **୧୭ଟି** ଆଦିବାସୀ ଭାଷାରେ ମିଳୁଛି ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା

### ସୁଦୃଢ଼ ହେଉଛି ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ ହେଉଛି ଭବିଷ୍ୟତ

ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତତା ପାଇଁ ପ୍ରଥମ ପର୍ଯ୍ୟାୟରେ **୮୩୫** 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ମାଗଣା ଛାତ୍ରାବାସ ସୁବିଧା'

### ବିକଶିତ ଓଡ଼ିଶା ପାଇଁ ବିକଶିତ ଗାଁ ଓ ସମୃଦ୍ଧ ସହର

'ପିଏମ୍-ଆବାସ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନାରେ **୨.୭୫ ଲକ୍ଷ** ଲୋକଙ୍କୁ ମିଳିଛି ପକ୍କା ଘର

ମହାନଗର ନିଗମରେ ପରିଣତ ହେବ ପୁରୀ ପୌରପାଳିକା

### ପରିବେଶ ଅନୁକୂଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଲୋକଙ୍କ ସରକାର

ଅକ୍ଷୟ ଶକ୍ତି ବ୍ୟବହାରରେ ଅଗ୍ରଣୀ ଓଡ଼ିଶା

ସୌରଶକ୍ତିସମ୍ପନ୍ନ ହୋଇଛି **୭୦୩ଟି** ସରକାରୀ କୋଠା

### ଲୋକଙ୍କ ସରକାରରେ ସୁନିଶ୍ଚିତ ହେଉଛି ଛାତ୍ରୀଙ୍କ ସୁରକ୍ଷା

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ଆତ୍ମରକ୍ଷା ଓ ସଶକ୍ତିକରଣ ସୁନିଶ୍ଚିତତା ପାଇଁ ଐତିହାସିକ ପଦକ୍ଷେପ 'ଶକ୍ତିଶ୍ରୀ'

ଛାତ୍ରୀଙ୍କ ସାଥି 'ଶକ୍ତିଶ୍ରୀ ମୋବାଇଲ ଆପ୍'

### ଓଡ଼ିଆ ଅସ୍ମିତାର ପରିଚୟ ବୁଣାକାରଙ୍କୁ ମିଳୁଛି ସମ୍ମାନ

ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ 'ଓଡ଼ିଶା ଟେକ୍ସ-୨୦୨୫'ରେ **୧୭୦**ରୁ ଅଧିକ ଉଦ୍ୟୋଗପତିଙ୍କ ସହିତ **୩୩ ଏମଓୟୁ** ସ୍ୱାକ୍ଷରିତ, **୮ ହଜାର କୋଟି** ପୁଞ୍ଜି ନିବେଶ ପ୍ରସ୍ତାବ ପ୍ରାପ୍ତ-**୫୩,୩୦୦** ନିଯୁକ୍ତି ସୁଯୋଗ ସୃଷ୍ଟି

### ଲୋକଙ୍କ ସରକାରରେ ତ୍ୱରାନ୍ୱିତ ହେଉଛି ସାମଗ୍ରିକ ବିକାଶଧାରା

ଦୁର୍ଗମ ତଥା ପଛୁଆ ଅଞ୍ଚଳର ଉତ୍ପାଦକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରୋତ୍ସାହିତ କରିବ 'ଆକାଂକ୍ଷା ହାଟ'

'ଡିଜିଟାଲ ଇ-ମାର୍କେଟ ପ୍ଲେସ'ରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲାର ଉତ୍ପାଦ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0954/2526

## 'ଭୋଟ୍ ଚୋରି' ପ୍ରସଙ୍ଗକୁ ଜୋର୍‌ଦାର୍ କଲା କଂଗ୍ରେସ

# ରାଜ୍ୟବ୍ୟାପୀ ପ୍ରତିବାଦ, ମଶାଲ ଶୋଭାଯାତ୍ରା




ଭୁବନେଶ୍ୱର, ୧୪।୮ (ସମିସ): ଦେଶରେ ଭୋଟ ଚୋରି ଅଭିଯୋଗର ପ୍ରତିବାଦରେ ରାଜ୍ୟ କଂଗ୍ରେସ ଆଜି ମଶାଲ ଶୋଭାଯାତ୍ରା କରିଛି। ରାଜ୍ୟର ବିଭିନ୍ନ ସ୍ଥାନରେ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ଆୟୋଜନ କରାଯିବା ସହ ଉଭୟ ନିର୍ବାଚନ ଆୟୋଗ ଓ ବିଜେପି ଉପରେ ନେତାମାନେ ବର୍ଷିଛନ୍ତି।

କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତ ୭ ତାରିଖ ଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଟ୍ ଚୋରି ପ୍ରସଙ୍ଗରେ ନିର୍ବାଚନ ଆୟୋଗଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ କରିଥିଲେ। ନିର୍ବାଚନ ଆୟୋଗଙ୍କ ସହଯୋଗରେ ଭୋଟର୍ କାର୍ଡରେ ବ୍ୟାପକ ହେରଫେର୍ ଓ ଜାଲିଆତି କରି 'ଭୋଟ୍ ଚୋରି' ଜରିଆରେ ବିଜେପି କିପରି ଏକାଧିକ ନିର୍ବାଚନ ଜିଣିଛି, ତାହା ରାହୁଲ ବର୍ଣ୍ଣନା କରିଥିଲେ। ଏହା ପରଠାରୁ ଦେଶବ୍ୟାପୀ ଏହି ପ୍ରସଙ୍ଗ ଆଲୋଡ଼ନ ସୃଷ୍ଟି କରିଛି। ଉକ୍ତ ସାମ୍ବାଦିକ ସମ୍ମିଳନୀର ସ୍କ୍ରିନିଂ ଗତ ୯ ଓ ୧୧ ତାରିଖରେ ଯଥାକ୍ରମେ ରାଜ୍ୟ ଓ ଜିଲ୍ଲାସ୍ତରରେ କଂଗ୍ରେସ ପକ୍ଷରୁ କରାଯାଇଥିଲା। ଏହି ପ୍ରସଙ୍ଗକୁ ଆହୁରି ଆଗକୁ ନେବା ପାଇଁ କଂଗ୍ରେସ ଦଳ ମଶାଲ ଶୋଭାଯାତ୍ରା ଆୟୋଜନ କରିଛି।

ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସହ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ସମେତ ବହୁ କଂଗ୍ରେସ ନେତା ସାମିଲ ହୋଇଥିଲେ। ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଭୋଟ୍ ଚୋରି ଦ୍ୱାରା ଗଣତନ୍ତ୍ରର ହତ୍ୟା କରାଯାଉଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଥିବା ବେଳେ ବିଜେପି ସରକାର ଭୋଟ୍ ଚୋରି କରି ଗାଦି ହାତେଇଛି। ଆଜି ବି ବିହାରର ଗରିବ ଲୋକମାନେ ବିଭିନ୍ନ ଜାଗାରେ କାମ କରି ଚଳୁଛନ୍ତି। ସେମାନଙ୍କୁ ରାଜ୍ୟରୁ ବାହାର କରାଯାଇପାରିବ ନାହିଁ। ସେମାନଙ୍କୁ ଅନ୍ୟ ରାଜ୍ୟର ବାସିନ୍ଦା ବୋଲି କହି ଭୋଟର୍ ଲିଷ୍ଟରୁ ହଟାଇଦେବା ଉଚିତ ନୁହେଁ। ନିର୍ବାଚନ ଆୟୋଗ ପ୍ରତ୍ୟେକ ଭୋଟର୍‌ଙ୍କ ନାଁ ଗୋଟି ଗୋଟି କରି ଦିଅନ୍ତୁ ବୋଲି ଭକ୍ତ କହିଛନ୍ତି।

ସୂଚନାଥାଉକି ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ୧୪ ତାରିଖ ଗୁରୁବାର ସନ୍ଧ୍ୟା ସାଢ଼େ ୬ଟାରେ ରାଜ୍ୟର ସମସ୍ତ ଜିଲ୍ଲାରେ ଅନ୍ୟୁନ ୨ କିମିର ମଶାଲ ଶୋଭାଯାତ୍ରା କରିବା ପାଇଁ ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ କଂଗ୍ରେସ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଶୋଭାଯାତ୍ରା କରାଯାଇଛି।

## ଖାକିରେ ଦାଗ

# ମହିଳାଙ୍କୁ ଦୁଷ୍କର୍ମ; ସବ୍‌ଇନ୍ସପେକ୍ଟର ଗିରଫ

ଫୁଲବାଣୀ, ୧୪।୮ (ସମିସ): ଖାକିରେ ପୁଣି ଦାଗ। ଥରେ କି ଦୁଇଥର ନୁହେଁ, ପୁଲିସ୍ ବର୍ଦ୍ଦିର ଭୟ ଦେଖାଇ ଜଣେ ବିବାହିତ ମହିଳାଙ୍କୁ ବାରମ୍ବାର ଦୁଷ୍କର୍ମ। ଏପରି ଏକ ସଂଗିନ୍ ଅଭିଯୋଗରେ କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ପୁଲିସ୍ ଜଣେ ସବ୍-ଇନ୍ସପେକ୍ଟର୍‌ଙ୍କୁ ଗିରଫ କରିଛି। ସେ ହେଲେ, କୋଟଗଡ଼ ଥାନାର ଏସ୍‌ଆଇ ସ୍ମୃତିସାଗର ସାମଲ। ପୂର୍ବରୁ ସେ ଗୋଛାପଡ଼ା ଥାନାରେ କାର୍ଯ୍ୟରତ ଥିଲେ। ଆଜି ତାଙ୍କୁ ପୁଲିସ୍ କୋର୍ଟଚାଲାଣ କରିଥିଲା। ତେବେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ସ୍ମୃତିସାଗର ଗୋଛାପଡ଼ା ଥାନାରେ କାର୍ଯ୍ୟରତ ଥିବା ବେଳେ ଥାନା ପାଖରେ ଥିବା ଜଣେ ମହିଳାଙ୍କ ଭେରାଇଟି ଷ୍ଟୋର୍‌କୁ ପ୍ରାୟ ସମୟରେ ଯିବା ଆସିବା କରୁଥିଲେ। ତେବେ ଦିନକୁ ଦିନ ତାଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିଥିଲା। ସେ ସମ୍ପୃକ୍ତା ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏପରିକି, ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପାଇଁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଉଥିଲେ। ୨୦୨୪ ମସିହା ମେ' ମାସରେ ଘରେ କେହି ନ ଥିବାର ସୁଯୋଗ ନେଇ ସେ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ କହିଲେ ସ୍ୱାମୀଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ପୀଡ଼ିତାଜଣଙ୍କ ଏ ସଂପର୍କରେ ମୁହଁ ନ ଖୋଲିବାରୁ ସ୍ମୃତିସାଗରଙ୍କ ମୁହଁ ବଢ଼ି ଯାଇଥିଲା। ପରେ ସେ ମହିଳାଙ୍କୁ ପୁଲିସ୍ ବର୍ଦ୍ଦିର ଭୟ ଦେଖାଇ ବାରମ୍ବାର ଦୁଷ୍କର୍ମ କରିଥିଲେ। ଏଥିରେ ଅତିଷ୍ଠ ହୋଇ ଶେଷରେ ପୀଡ଼ିତା ସାହସ ଜୁଟାଇଥିଲେ ଏବଂ ଏ ସଂପର୍କରେ ତାଙ୍କ ହୋମଗାର୍ଡ ସ୍ୱାମୀଙ୍କୁ ଜଣାଇଥିଲେ। ପରେ ଦୁହେଁ ଏ ସଂପର୍କରେ ତତ୍‌କାଳୀନ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଗତ ବୁଧବାର ପୁଣି ମହିଳାଜଣଙ୍କ ଥାନାରେ ଏତଲା ଦେଇଥିଲେ। ପୁଲିସ ଏନେଇ ୧୮୬/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଗୁରୁବାର ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସରକାରୀ ଓକିଲ ପଙ୍କଜ କୁମାର ବେହେରା ସୂଚନା ଦେଇଛନ୍ତି।



# ହୋଟେଲରୁ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର

ପୁରୀ, ୧୪।୮ (ସମିସ): ହୋଟେଲ ରୁମ୍‌ରେ ଝୁଲିପଡ଼ିଲେ ପ୍ରେମୀଯୁଗଳ। ସମଦ୍ର କୂଳ ଥାନା ପୁଲିସ ଆଜି ପୁରୀର ଏକ ହୋଟେଲରୁ ଦୁଇ ବଙ୍ଗୀୟ ପର୍ଯ୍ୟଟକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକଦ୍ୱୟ ହେଲେ, ପଶ୍ଚିମବଙ୍ଗର କୁମରେଶ ଘୋଷ ଓ ମିତାଲି ଘୋଷ। ଦୁହେଁ ଅନ୍ୟତ୍ର ବିବାହ କରିଥିଲେ। ଦୁଇ ଦିନ ପୂର୍ବରୁ ଦୁହେଁ ଆତ୍ମହତ୍ୟା କରିଥିବା ପୁଲିସ ସୂଚନା ଦେଇଛି। ତେବେ କେଉଁ ପରିସ୍ଥିତିରେ ଦୁହେଁ ଏପରି ଚରମ ପଦକ୍ଷେପ ନେଲେ, ସେ ସଂପର୍କରେ ପୁଲିସ୍ ତଦନ୍ତ ଚଳାଇଛି। ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେମାନେ ରହୁଥିବା ହୋଟେଲ କର୍ତ୍ତୃପକ୍ଷଙ୍କୁ ପୁଲିସ୍ ଚରାଉଚରା କରିଛି। ଦୁହେଁ, କେବେଠାରୁ ଏଠାରେ ରହୁଥିଲେ, କ'ଣ ପରିଚୟ ଦେଇଥିଲେ; ସେସବୁର ଖୋଳତାଡ଼ କରୁଛି ପୁଲିସ। ସେମାନେ ଗତ ୯ ତାରିଖରେ ହୋଟେଲରେ ରୁମ୍ ବୁକ୍ କରି ରହିଥିଲେ। ୧୫ତାରିଖରେ ରୁମ୍ ଛାଡ଼ିଥାନ୍ତେ। କିନ୍ତୁ ଦୁଇଦିନ ତଳୁ ସେମାନଙ୍କ ରୁମ୍ ବନ୍ଦ ଥିବାରୁ ସନ୍ଦେହରେ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଦୁହିଁଙ୍କ ମୃତଦେହ ଉଦ୍ଧାର କରିଥିଲା। ଶୁକ୍ରବାର ସେମାନଙ୍କ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂଚନା ଦେଇଛି।













# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 43 ◆ISSUE-52 ◆FRIDAY ◆15 AUGUST 2025 ◆PAGE-14 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୫୨ ◆ଶୁକ୍ରବାର ◆୧୫ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦




### ଏସ୍ଆଇଆର୍ ମାମଲା: ଇସିଆଇଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ୬୫ ଲକ୍ଷ ଭୋଟରଙ୍କ ତଥ୍ୟ ସାର୍ବଜନୀନ କର

■ **ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାକୁ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ। ତାଲିକା ସଂଶୋଧନ ବେଳେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି ସେମାନଙ୍କ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଲୋଡ଼ିଛନ୍ତି। ଏହି ଭୋଟରଙ୍କ ନାମ ତାଲିକା ସହିତ ସେମାନେ କାହିଁକି ବାଦ୍ ପଡ଼ିଛନ୍ତି, ତାହାର କାରଣ ଦର୍ଶାଇବା ଲାଗି କୁହାଯାଇଛି। ଏହାର ପୂର୍ଣ୍ଣାଙ୍ଗ ବିବରଣୀ ଆଞ୍ଚଳିକ ଭାଷାର ସମ୍ବାଦପତ୍ର ସହିତ ଜାତୀୟ ସମ୍ବାଦପତ୍ର, ଟିଭି ଓ ରେଡିଓରେ ପ୍ରକାଶ ଓ ପ୍ରସାର କରିବା ଲାଗି ସର୍ବୋଚ୍ଚ ଅଦାଲତ କମିସନଙ୍କୁ କହିଛନ୍ତି।

ବିହାରରେ ଏସ୍ଆଇଆର୍ ପାଇଁ ଜୁନ୍ ୨୪ରେ ନିର୍ବାଚନ କମିସନ ନେଇଥିବା ନିଷ୍ପତ୍ତିକୁ ଚାଲେଞ୍ଜ କରି ଆଗତ ପିଟିସନ ଉପରେ ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ବେଞ୍ଚ ଆଜି ନିର୍ବାଚନ କମିସନଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶ କାର୍ଯ୍ୟକାରୀ ହୋଇଛି କି ନାହିଁ ଏବଂ ଯଦି ହୋଇଛି କେତେ ଦୂର ହୋଇଛି ତାହାର କଂପ୍ଲାୟନ୍ସ ରିପୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି (ଅଗଷ୍ଟ ୨୨ ତାରିଖ) ପୂର୍ବରୁ ଦାଖଲ କରିବାକୁ କହିଛନ୍ତି।



**ସମ୍ବାଦପତ୍ର, ଟିଭି ଓ ରେଡିଓରେ ବାଦ୍ ପଡ଼ିଥିବା ଭୋଟରଙ୍କ ବିବରଣୀ ପ୍ରକାଶ କର**

**ଆଧାର କାର୍ଡ ଦେଖାଇ ନାମ ସାମିଲ କରିପାରିବେ ଭୋଟର**

କୋର୍ଟ କହିଛନ୍ତି ଯେ ଭୋଟର ତାଲିକାରେ ଯେଉଁମାନଙ୍କୁ ମୃତ ଦର୍ଶାଯାଇଛି କିମ୍ବା ଯେଉଁମାନେ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ବୋଲି କୁହାଯାଉଛି ସେମାନଙ୍କର ତାଲିକା ସମସ୍ତ ପଞ୍ଚାୟତ ସ୍ତରୀୟ ଅଫିସ, ଜିଲ୍ଲା ସ୍ତରୀୟ ରିଟର୍ଣ୍ଣି ଅଫିସର କାର୍ଯ୍ୟାଳୟରେ ଲଗାଇବାକୁ ହେବ। ଟିଭି, ରେଡିଓ, ଇଂରାଜୀ ସମ୍ବାଦପତ୍ର ସମେତ ଆଞ୍ଚଳିକ ଭାଷା ସମ୍ବାଦପତ୍ରରେ ଏହି ତଥ୍ୟ ସଂପର୍କରେ ସୂଚନା ଦେବାକୁ ପଡ଼ିବ। ଏହାସହିତ କୋର୍ଟ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇ କହିଛନ୍ତି ଯେ ଯେଉଁ ଭୋଟରଙ୍କର ନାମ ▶ପୃଷ୍ଠା-୭

### ଫାଟିଲା ବାଦଲ; ଧସିଲା ପାହାଡ଼

# ୪୬ ମୃତ, ୨୦୦ ନିଖୋଜ

■ **ଶ୍ରୀନଗର, ୧୪।୮ (ଏଜେନ୍ସି):** ଜମ୍ମୁ-କଶ୍ମୀରର କିସ୍ତୱାର ଜିଲ୍ଲାରେ ଆଜି ବାଦଲଫଟା ବର୍ଷା ଯୋଗୁଁ ବଡ଼ ଧରଣର ବିପର୍ଯ୍ୟୟ ଘଟି ୪୬ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୨୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୧୨୦ ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୩୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଉଦ୍ଧାର କାର୍ଯ୍ୟ ଚାଲିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ମୃତକଙ୍କ ମଧ୍ୟରେ ୨ ସିଆଇଏସଏଫ୍ ଯବାନ ଅଛନ୍ତି।



**କିସ୍ତୱାରରେ ପ୍ରକୃତିର ତାଣ୍ଡବ**

ମିଳିଥିବା ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ୧୨ଟା ୩୦ରେ ବାଦଲ ଫଟା ବର୍ଷା କାରଣରୁ କିସ୍ତୱାର ଜିଲ୍ଲାର ଚୋସିଟି ଗ୍ରାମ ଧ୍ୱଂସ ହୋଇଯାଇଛି। ପାର୍ବତ୍ୟ ଅଞ୍ଚଳରେ ଥିବା ଏହି ଗ୍ରାମରେ ହଜାର ହଜାର ଶ୍ରଦ୍ଧାଳୁ ଏକ ଧାର୍ମିକ କାର୍ଯ୍ୟକ୍ରମ ପାଇଁ ଏକତ୍ରିତ ହେଉଥିବା ବେଳେ ଏଭଳି ବିପର୍ଯ୍ୟୟ ଘଟିଛି। ପାହାଡ଼ରୁ ବୋହି ଆସିଥିବା ଆବର୍ଜନାପୂର୍ଣ୍ଣ ପାଣି ସୁଅରେ ଅନେକ ଲୋକ ଭାସି ଯାଇଥିବା ବେଳେ ଅନେକ ଅତଡ଼ା ତଳେ ଚାପି ହୋଇ ରହିଛନ୍ତି। ମଚୈଲ ମାତା ମନ୍ଦିର ଯିବା ଲାଗି ଶ୍ରଦ୍ଧାଳୁ ବିଭିନ୍ନ ଗାଡ଼ିରେ ଆସି ଏଠାରେ ଏକାଠି ହୋଇଥିଲେ। ଏଠାରୁ ସେମାନେ ଚାଲିଚାଲି ମନ୍ଦିର ଯାଇଥା'ନ୍ତେ। ବର୍ଷା ବେଳେ ଏହି ଗାଁରେ ଲଙ୍ଗରରେ ଶ୍ରଦ୍ଧାଳୁମାନେ ଏକାଠି ଖାଉଥିଲେ। ସେମାନଙ୍କୁ ସୁରକ୍ଷା ଦେବାଲାଗି ପାଖରେ ନିରାପତ୍ତା ଯବାନଙ୍କର କ୍ୟାମ୍ପ ମଧ୍ୟ ଲାଗିଥିଲା। ଏହି କ୍ୟାମ୍ପ ମଧ୍ୟ ▶ପୃଷ୍ଠା-୭



### ମନ୍ତ୍ରୀଙ୍କ ନାଲିଆଖି, ସଚିବଙ୍କ ଚେତାବନୀ ପ୍ରଭାବହୀନ

# ଜିଦ୍‌ରେ ଅଟଳ ରାଜସ୍ୱ ଅମଲା

■ **ଭୁବନେଶ୍ୱର, ୧୪।୮ (ସମିସ):** ରାଜସ୍ୱ ମନ୍ତ୍ରୀ ନାଲି ଆଖି ଦେଖାଇଲେ, ସଚିବ ଦରମା ବନ୍ଦ କରିବାକୁ ଧମକ ଦେଲେ; ମାତ୍ର ଏହି ଚେତାବନୀ ରାଜସ୍ୱ ଅମଲା ସଂଘ ଉପରେ କୌଣସି ପ୍ରଭାବ ପକାଇବାକୁ ସମର୍ଥ ହୋଇ ନାହିଁ। ଦାବି ପୂରଣ ପାଇଁ ରାଜ୍ୟର ୧୦ ହଜାର ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି। ଫଳରେ ସାରା ରାଜ୍ୟରେ ରାଜସ୍ୱ କାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି। ବ୍ଲକ୍, ତହସିଲ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପଞ୍ଚାୟତିରାଜ ସଂସ୍ଥାରେ କାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି । ଆଲୋଚନା ପରିବର୍ତ୍ତେ ସରକାର ଆନ୍ଦୋଳନକୁ ଦବାଇବା ପାଇଁ କରୁଥିବା ଉଦ୍ୟମକୁ ସଂଘ ତୀବ୍ର ବିରୋଧ କରିଛି। ଯେ ପର୍ଯ୍ୟନ୍ତ ସରକାର ସେମାନଙ୍କର ଦାବି ପୂରଣ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ ▶ପୃଷ୍ଠା-୭

**୧୫ ଦିନରେ ଦାବି ପୂରଣ ପ୍ରତିଶ୍ରୁତି ଦେଇଥିଲେ ମନ୍ତ୍ରୀ**

**୩୦ ଜିଲ୍ଲାର ୧୦ ହଜାର ରାଜସ୍ୱ ଅମଲାଙ୍କ କାର୍ଯ୍ୟବନ୍ଦ**

### ଲଘୁଚାପ ସକ୍ରିୟ

# ଲାଗି ରହିବ ବର୍ଷା

■ **ଭୁବନେଶ୍ୱର, ୧୪।୮ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିଥିବା ବେଳେ ଆଭ୍ୟନ୍ତରୀଣ ଓ ଉତ୍ତର ଓଡ଼ିଶାରେ କୋହଲା ପାଗ ସାଙ୍ଗକୁ କାଁ ଭାଁ ବର୍ଷା ହେଉଛି। ଶୁକ୍ରବାର ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଆଦି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ଗଞ୍ଜାମ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜରେ ମଧ୍ୟ ବର୍ଷା ସମ୍ଭାବନା ରହିଛି। ଅନ୍ୟପଟେ ଗୁରୁବାର ଗୋପାଳପୁରରେ ସର୍ବାଧିକ ୪୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବାରିପଦାରେ ୨୫, ନୟାଗଡ଼ରେ ୧୯, ନବରଙ୍ଗପୁର ୧୭, ▶ପୃଷ୍ଠା-୭











# ହାଇକୋର୍ଟରେ କଟକ ସହର ସମସ୍ୟା

# ଏସ୍‌ସିବିରେ ଖୁବ୍‌ଶୀଘ୍ର ନିଯୁକ୍ତ ହେବେ ୮୦ ସହକାରୀ ପ୍ରାଧ୍ୟାପକ

କଟକ,୧୪।୮ (ସମିସ):

କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଥିବା ବେଳେ ଆଜି ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଡାକ୍ତରଙ୍କ ଅଭାବ ପ୍ରସଂଗରେ ମେଡିକାଲ ଅଧୀକ୍ଷକ ଏକ ସତ୍ୟପାଠ ଦାଖଲ କରି ଅଦାଲତଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରିଛନ୍ତି। ମେଡିକାଲରେ ୧୫ଟି ପ୍ରଫେସର,୩୩ଟି ଆସୋସିଏଟ ପ୍ରଫେସର ୧୬ଟି ଆସିଷ୍ଟାଣ୍ଟ ପ୍ରଫେସର ଓ ୨୭ଟି ସିନିଅର ରେସିଡେଣ୍ଟ ପଦ ଖାଲି ଥିବା କୁହାଯାଇଥିଲା।ତେବେ ଆସିଷ୍ଟାଣ୍ଟ ପ୍ରଫେସର ପଦରେ ପ୍ରାୟ ୮୦ଜଣଙ୍କୁ ନିଯୁକ୍ତ କରାଯିବ। ଓପିଏସସି ପକ୍ଷରୁ ଯୋଗ୍ୟତା ତାଲିକା ଜାରି କରାଯାଇସାରିଛି। ଖୁବଶୀଘ୍ର ସେମାନେ କାର୍ଯ୍ୟରେ ଯୋଗଦେବେ। ସେହିଭଳି ଖାଲି ଥିବା ପ୍ରଫେସର,ଆସୋସିଏଟ ପ୍ରଫେସର ପଦ ଗୁଡ଼ିକ ପଦୋନ୍ନତି ଦ୍ୱାରା ପୂରଣ କରାଯିବ। ଡ୍ୟୁଟି ସମୟରେ ଡାକ୍ତରଙ୍କ ଅନୁପସ୍ଥିତି ଯାଞ୍ଚ ପାଇଁ ସ୍ୱତନ୍ତ୍ର ଟିମ ଅଚାନକ ଯାଞ୍ଚ କରୁଛି। ଏହି ପ୍ରକ୍ରିୟାରେ ଜଣେ ଖିଲାପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଏସସିବି ଅଧୀକ୍ଷକ ହାଇକୋର୍ଟରେ ଜବାବ ରଖିଛନ୍ତି।

## ୪୯୬ କୋଟିର ଡ୍ରେନେଜ ପ୍ରକଳ୍ପ ଡିପିଆର ପ୍ରସ୍ତୁତିରେ ସରକାରୀ ନିର୍ଦ୍ଦେଶ ଅବମାନନା ନେଇ ହାଇକୋର୍ଟ କ୍ଷୁବ୍ଧ

ଆଜି ମହାନଗର ନିଗମ ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା ୪୯୬ କୋଟି ଟଙ୍କାର ଡ୍ରେନେଜ ପ୍ରକଳ୍ପ ଡିପିଆର ପ୍ରସ୍ତୁତିରେ ସରକାରୀ ନିର୍ଦ୍ଦେଶ ଅବମାନନା କରାଯାଇଥିବା ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଏ ସଂକ୍ରାନ୍ତରେ ସିଟି ଇଞ୍ଜିନିୟରଙ୍କ ପକ୍ଷରୁ ଦାଖଲ ସତ୍ୟପାଠକୁ ନେଇ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିବା ସହ ନଗର ଉନ୍ନୟନ ବିଭାଗରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏକ ଘରୋଇ ସଂସ୍ଥା ଭିଜନ ଟେକ କନସଲଟାନ୍ସି ଲିମିଟେଡକୁ କିଭଳି ଏହି ଡିପିଆର ପ୍ରସ୍ତୁତ ପାଇଁ ଦାୟିତ୍ୱ ଦିଆଯାଇଛି। ପ୍ରକଳ୍ପର ଜଟିଳତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ମହାନଗର ନିଗମକୁ ଆଇଆଇଟି ଭୁବନେଶ୍ୱର ସହ ପରାମର୍ଶ କରି ଏହି ଡିପିଆର ପ୍ରସ୍ତୁତ ପାଇଁ ଚିଠି କରାଯାଇଥିଲା। ହେଲେ ଆଇଆଇଟି ପରିବର୍ତ୍ତେ ସମ୍ବଲପୁର ବୁର୍ଲାସ୍ଥିତ ଭିସୁଟ ସହ ପରାମର୍ଶ ପାଇଁ ସିଟି ଇଞ୍ଜିନିୟରଙ୍କ ପକ୍ଷରୁ କିଭଳି ନିଷ୍ପତ୍ତି କରାଗଲା ସେ ନେଇ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ସିଏମସି କମିସନର ଭର୍ଚୁଆଲରେ ହାଜର ହୋଇ ଏହି ପ୍ରସଂଗରେ ପରବର୍ତ୍ତୀ ଶୁଣାଣିରେ ସ୍ପଷ୍ଟ କରିବେ ବୋଲି କହିଥିଲେ।

## ଯକୃତ ପ୍ରତିରୋପଣ ଚୁକ୍ତି ନିଷ୍ପତ୍ତି ସରକାରଙ୍କ ଅନୁମୋଦନ ଅପେକ୍ଷାରେ

ଏସସିବିରେ ଗତ ୨୦୨୪ ନଭେମ୍ବର ପର ଠାରୁ ଆଉ ଯକୃତ ପ୍ରତିରୋପଣ ହୋଇପାରିନଥିବା ନେଇ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ପୂର୍ବରୁ ଯେଉଁ ଏଆଇଜି ନାମକ ସଂସ୍ଥା ସହ ରାଜିନାମା ସ୍ୱାକ୍ଷର ହୋଇଥିଲା ତାହାର ଅବଧି ଶେଷ ହୋଇଥିବା ବେଳେ ନୂଆ ସଂସ୍ଥା ତାମିଲନାଡୁର ଏମଜିଏମ ସହ ଚୁକ୍ତି ପାଇଁ ପ୍ରସ୍ତାବ ରହିଛି। ଖୁବଶୀଘ୍ର ସରକାରଙ୍କ ପକ୍ଷରୁ କେଉଁ ସଂସ୍ଥା ସହ ଚୁକ୍ତି କରାଯିବ ତାହା ଅନୁମୋଦନ ଲାଭ କରିବା ପରେ ପୁନଃ ପ୍ରତିରୋପଣ ଆରମ୍ଭ ହେବ ଅଦାଲତଙ୍କୁ ସ୍ୱାସ୍ଥ୍ୟ ସଚିବ ଅବଗତ କରିଛନ୍ତି। ଅନ୍ୟପଟରେ



ଏସସିବି ଅଧୀକ୍ଷକ ଦର୍ଶାଇଛନ୍ତି ଯେ ଯକୃତ ପ୍ରତିରୋପଣ ପାଇଁ ବର୍ତ୍ତମାନ ୫ଜଣ ରୋଗୀଙ୍କ ଯାଞ୍ଚ କରାଯାଇଛି। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ମ୍ୟାଚିଂ ଡୋନର ରହିଛନ୍ତି। ଅନ୍ୟପଟରେ ପ୍ରତିରୋପଣ ପାଇଁ ଅପେକ୍ଷାରେ ଥିବା ରୋଗୀ ସେମାନଙ୍କ ଆବଶ୍ୟକ ପରୀକ୍ଷା ନିରୀକ୍ଷା ପାଇଁ ସହଯୋଗ କରୁନଥିବା କର୍ତ୍ତୃପକ୍ଷ ଦର୍ଶାଇଥିବା ବେଳେ ସେମାନଙ୍କ କାଉନସେଲିଂ କରାଯିବା ଉପରେ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି।

## ଏସସିବିରେ ଦୁଇ ରୋଗୀଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ସ୍କ୍ରିନିଂ

ଅନ୍ୟପଟରେ ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ହେମାଟୋଲେଜି ବିଭାଗର ମୁଖ୍ୟଙ୍କ ଅବସର ପରେ ଅସ୍ଥିମଜ୍ଜା ପ୍ରତିରୋପଣ ବନ୍ଦ ହୋଇଥିବା ପ୍ରସଂଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅଦାଲତଙ୍କୁ ଅବଗତ କରାଇଥିଲେ ସ୍ୱାସ୍ଥ୍ୟ ସଚିବ। ଏମସର ଅବସରପ୍ରାପ୍ତ ବିଶେଷଜ୍ଞ ପ୍ରବୋଧ କୁମାର ଦାସଙ୍କୁ ଏଥିପାଇଁ ମେଣ୍ଟର ଭାବେ ନିଯୁକ୍ତି ଦିଆଯାଇଥିବା ନେଇ ଅଦାଲତ ଅବଗତ ହୋଇଥିଲେ। ଏହି ବିଭାଗରେ ରୋଗୀ ବାରଣ୍ଡାରେ ଗଡୁତିବା ନେଇ ଆଡଭୋକେଟ କମିଟିର ରିପୋର୍ଟ ଉପରେ ଅଧୀକ୍ଷକ ଜବାବ ରଖିଥିଲେ। ବିଭାଗରେ ମୋଟ ୨୦ଟି ଶଯ୍ୟା ଥିବା ବେଳେ ଏହାକୁ ୬୦କୁ ଆଗାମୀ ଦିନରେ ବୃଦ୍ଧି କରାଯିବ। ଦୁଇ ଜଣ ରୋଗୀଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ସ୍କ୍ରିନିଂ କରାଯାଇଛି। ତେବେ ସେମାନେ ବାକି ଥିବା ପ୍ରକ୍ରିୟା ପୂରଣ ପାଇଁ ଧରାଛୁଆଁ ଦେଉନଥିବାରୁ ସେମାନଙ୍କୁ ପତ୍ର ଲେଖିଛନ୍ତି କର୍ତ୍ତୃପକ୍ଷ। ସେହିଭଳି ପର୍ଯ୍ୟାୟ କ୍ରମେ ବିଭାଗର ଡାକ୍ତରଙ୍କୁ ଟାଟା ମେମୋରିଆଲ ଇନିଷ୍ଟିଚ୍ୟୁଟକୁ ପ୍ରଶିକ୍ଷଣ ପାଇଁ ପଠାଯିବ ବୋଲି କୁହାଯାଇଛି।

## ସିଟି ସ୍କାନ କେନ୍ଦ୍ରରେ ଶବ୍ଦ ରେକର୍ଡିଂ ଯୁକ୍ତ ସିସିଟିଭି ଓ ଡିଜିଟାଲ ବୋର୍ଡ ଲଗାଅ

ଏସସିବି ମେଡିକାଲ କଲେଜ ହସପିଟାଲରେ ବର୍ତ୍ତମାନ ତିନୋଟି ଯାକ ସିଟି ସ୍କାନ ମେସିନ କାର୍ଯ୍ୟକ୍ଷମ ରହିଛି। ଓଏସଏମସିଏଲ ଓ ଗ୍ରୀଡକୋ ପକ୍ଷରୁ ଦୁଇଟି ଓ ବାକି ଗୋଟିଏ ନିଦାନ କେନ୍ଦ୍ରରେ ପିପିପି ଜରିଆରେ ସେବା ଯୋଗାଉଛି। ତେବେ ଆଉ ଗୋଟିଏ ୧୨୮ ସ୍ଲାଇସ ସିଟି ସ୍କାନ ମେସିନ ପାଇଁ ଓଏସଏମସିଏଲ ପକ୍ଷରୁ କ୍ରୟ ଆଦେଶ ଦିଆଯାଇଥିଲେ ସୁଦ୍ଧା ଏହାକୁ ସ୍ଥାପନ ପାଇଁ ଆବଶ୍ୟକ ସ୍ଥାନ ନଥିବାରୁ ଏହା ଦିଆଯାଇପାରିନାହିଁ। ଅନ୍ୟପଟରେ ନିଜସ୍ୱ ମେସିନ ସ୍ଥାପନ କରିବା ବଦଳରେ ପିପିପି ଜରିଆରେ ଚାଲିଥିବା ମେସିନ ପାଇଁ ଏମଓୟୁ ଚୁକ୍ତି ଅବଧିକୁ ଆଉ ଏକ ବର୍ଷ କାହିଁକି ବୃଦ୍ଧି କରାଗଲା ସେ ନେଇ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟରେ ସିଟିସ୍କାନ କେନ୍ଦ୍ରରେ ଅନିୟମିତତା ରୋକିବା ପାଇଁ ଶବ୍ଦ ରେକର୍ଡିଂ ଯୁକ୍ତ ସିସିଟିଭି ଲଗାଇବା ସହ ରୋଗୀଙ୍କ ନାମ ସହ ସିଟି ସ୍କାନର ଧାର୍ଯ୍ୟ ସମୟ ଡିଜିଟାଲ ଡିସପ୍ଲେ ବୋର୍ଡରେ ପ୍ରଦର୍ଶୀତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଭୋଟ ଚୋରି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା




କଟକ,୧୪।୮ (ସମିସ): ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ଆଜି କଟକ ନଗର କଂଗ୍ରେସ ପକ୍ଷରୁ ଭୋଟ ଚୋର-ଗାଦି ଛାଡ ପ୍ରସଙ୍ଗରେ ଏକ ମଶାଲ ଶୋଭାଯାତ୍ରା ସନ୍ଧ୍ୟାରେ ଦୋଳମୁଣ୍ଡାଇ ଛକ ଠାରୁ ବାହାରି ଗୌରୀଶଙ୍କର ପାର୍କ ଠାରେ ସମାପ୍ତ ହୋଇଥିଲା। ନିର୍ବାଚନ ଆୟୋଗ ପରି ଏକ ପବିତ୍ର ସାମ୍ବିଧାନିକ ଅନୁଷ୍ଠାନକୁ ହାତବାରିସି କରି ଏ ଦେଶର ଗଣତନ୍ତ୍ରକୁ ହତ୍ୟା କରାଯାଉଛି ବୋଲି ବିଧାୟିକା ସୋଫିଆ ଫିରଦୋସ ଓ ପୂର୍ବତନ ବିଧାୟକ ମହମ୍ମଦ ମୋକିମ କହିଥିଲେ। ଏଥିରେ ଗିରିବାଳା ବେହେରା, ନିକୁଞ୍ଜ ପସାୟତ, ବିଶ୍ୱଜିତ ଦାସ, ଶୈଳବାଳା ଜେନା, ଶରତ ଚନ୍ଦ୍ର ସେଠୀ, ସୂର୍ଯ୍ୟକାନ୍ତ ରାଉତ, କର୍ପୋରେଟର ଲିଜାରାଣୀ ରାଉତ, ଜେ କାମେଶ୍ୱର ରାଓ, ଅନିତା ନାୟକ, ଅମ୍ରିତା ଦାସ, କଳ୍ପନା ଦାସ, ଇର୍ସାଦ ଖାନ, ଜାକିର ହୁସେନ, ଚନ୍ଦନ ଦାସ, ସେକ ଆବିଦ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ସାହିତ୍ୟ ସମାଜ ନିର୍ବାଚନ ଅକ୍ଟୋବର ୧୨ରେ


କଟକ,୧୪।୮ (ସମିସ): ଉତ୍କଳ ସାହିତ୍ୟ ସମାଜର ଭୋଟ ଗ୍ରହଣ ଆସନ୍ତା ଅକ୍ଟୋବର ୧୨ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟନିର୍ବାହିକା ସମିତି ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏହା ପୁନଃନିର୍ଦ୍ଧାରିତ ହୋଇଛି। ପୂର୍ବରୁ ଭୋଟ ଗ୍ରହଣ ସେପ୍ଟେମ୍ବର ୭ ତାରିଖରେ କରାଯିବ ବୋଲି ଘୋଷଣା ହୋଇଥିଲା। ମାତ୍ର ସେଦିନ ଚନ୍ଦ୍ରଗ୍ରହଣ ଓ ପରବର୍ତ୍ତୀ ସମୟରେ କଟକରେ ପର୍ବପର୍ବାଣୀ ରହିଥିବାରୁ କାର୍ଯ୍ୟନିର୍ବାହିକା ସମିତି ଏହି ନିର୍ବାଚନକୁ ଆସନ୍ତା ଅକ୍ଟୋବର ୧୨ ତାରିଖରେ କରିବାକୁ ସର୍ବସମ୍ମତିକ୍ରମେ ସ୍ଥିର କରିଛି। ଆଗାମୀ ଦିନରେ ଏହି ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଓ ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ଜଣାଇଛନ୍ତି।

# ଶ୍ରୀ ଶିରିଡ଼ି ସାଇବାବାଙ୍କ ଚଭାଡ଼ି ଶୋଭାଯାତ୍ରା

କଟକ,୧୪।୮ (ସମିସ): ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ରୁଚି ପ୍ରୋଜିଟ୍ ଡିଭିଜନ ଶ୍ରୀ ଶ୍ରୀ ଶିରିଡ଼ି ସାଇ ମନ୍ଦିର ପକ୍ଷରୁ



ଗୁରୁବାର ଦିନ ବାବାଙ୍କ ପବିତ୍ର ଚଭାଡ଼ି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଧିପୂର୍ବକ ପ୍ରାତଃ ଅଭିଷେକ, ପୂଜାର୍ଚ୍ଚନା, ମଙ୍ଗଳ ଆଳତୀ ପରେ ଅପରାହ୍ନରେ ଏକ ସୁସଜ୍ଜିତ ପାଲିଙ୍କିରେ ବାବାଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା। ଘଣ୍ଟ ଘଣ୍ଟା, ବାଦ୍ୟ ଓ ଭଜନକୀର୍ତ୍ତନ ମଧ୍ୟରେ ଏକ ଭବ୍ୟ ଶୋଭାଯାତ୍ରାରେ ବାବାଙ୍କୁ ରୁଚି ପରିସର ସ୍ଥିତ ଶ୍ରୀ ଲକ୍ଷେଶ୍ୱର ମନ୍ଦିରକୁ ନିଆଯାଇ ବିଶେଷ ପୂଜାର୍ଚ୍ଚନା ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଏହାପରେ ଖପୁରିଆ ନୂଆପଡ଼ା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାବାଙ୍କୁ ନିଆଯାଇ ନଗର ପରିକ୍ରମା କରାଯାଇଥିଲା। ବାବାଙ୍କ ମନ୍ଦିରର ମୁଖ୍ୟ ପୂଜକ ଚିତ୍ତ ରଞ୍ଜନ ପଣ୍ଡା ଓ ଲକ୍ଷେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ନାରାୟଣ ମହାପାତ୍ର ପୂଜାର୍ଚ୍ଚନା ସହିତ ଆଳତୀ ପ୍ରଦାନ କରିଥିଲେ। ସାଇଆଶ୍ରିତା ରଶ୍ମୀ ସାହୁ ଓ ସଙ୍ଗୀତା ସାହୁ ପ୍ରମୁଖ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇ ପରିବାର ପକ୍ଷରୁ ଉଲ୍ଲାସ ଚନ୍ଦ୍ର ବେହୁରା, ଶିଳ୍ପା ଦାସ, ଆଦ୍ୟାଶା ପଟ୍ଟନାୟକ, ହିମାଂଶୁ ମହାପାତ୍ର ଓ ମନୋରଞ୍ଜନ ଓଝା ପ୍ରମୁଖ ଅନେକ ଭକ୍ତ ଚଭାଡ଼ି ଶୋଭାଯାତ୍ରାରେ ଯୋଗଦେଇଥିଲେ।




# ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ବିଦ୍ୟାର୍ଥୀ କ୍ୟାବିନେଟର ଶପଥ ପାଠ




କଟକ,୧୪।୮ (ସମିସ): ମିଶନ ରୋଡ ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲର ବିଦ୍ୟାର୍ଥୀ କ୍ୟାବିନେଟର ଶପଥ ପାଠ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ରେଭେରେଣ୍ଡ ମୋଜେସ ମହାନ୍ତିଙ୍କ ପୌରହିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସରେ ଅଧ୍ୟକ୍ଷ ପ୍ରାରମ୍ଭିକ ପ୍ରାର୍ଥନା କରିଥିଲେ ଓ ଶିକ୍ଷୟିତ୍ରୀ ସୁସ୍ମିତା ପାତ୍ର ଉତ୍ସବର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ହେଡ଼ ବୟ ଅଭିଳାଷ ସିହ୍ନା, ହେଡ଼ ଗାର୍ଲ ଆଏଶା ବାରିକ, କ୍ରୀଡା କ୍ୟାପଟେନ ସୋଲୋମନ ସାହୁ, କ୍ରୀଡା ଉପ କ୍ୟାପଟେନ ଆଫିୟା ମହସୀନ ତଥା ଚାରି ହାଉସ ଯଥା ମଦରଟେରେସା ହାଉସ, ମଧୁସୂଦନ ଦାସ ହାଉସ, ବିଶପ ହାଉସ ଓ ସୁବାଷ ଚନ୍ଦ୍ର ବୋଷ ହାଉସର କ୍ୟାପଟେନ ଓ ଉପ କ୍ୟାପଟେନ ସହିତ ପ୍ରିଫେକ୍ଟ ମାନଙ୍କର ଚୟନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ବିଦ୍ୟାର୍ଥୀ ପରିଷଦର ସମସ୍ତ ସଦସ୍ୟଙ୍କୁ ସେମାନଙ୍କର ବିଦ୍ୟାଳୟ ପ୍ରତି କର୍ତ୍ତବ୍ୟବୋଧ ବିଷୟରେ ଅବଗତ କରାଇଥିଲେ। ହେଡ଼ ବୟ ଓ ହେଡ଼ ଗାର୍ଲ ବିଦ୍ୟାର୍ଥୀ ପରିଷଦର ସମସ୍ତ ସଦସ୍ୟଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଂଯୋଜିକା ସୁମିତ୍ରା ପଣ୍ଡା, ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁ, ବରିଷ୍ଠ ଶିକ୍ଷୟିତ୍ରୀ ଆଭା ବିଶ୍ୱାଳ, ସୁଲତା ବେହେରା, ରୋଜଲୀନ ନାୟକ, ମିତ୍ରାବିନ୍ଦା ସାମନ୍ତରାୟ, ମର୍ସି ରାଉତ, ଶାରୀରିକ ଶିକ୍ଷା ଶିକ୍ଷକ ଅମୂଲ୍ୟ ବେହେରା, ପ୍ରେମାଶିଷ ଜେନା ଓ ଇଫସାନ ପାଣି ପ୍ରମୁଖ ପରିଚାଳନା କରିଥିଲେ। ଉକ୍ତ ଦିବସରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

କଟକ,୧୪।୮ (ସମିସ): କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ହର ଘର ତ୍ରିରଙ୍ଗା ଅଭିଯାନ ଅବସରରେ ଏକ ବିଶାଳ ତ୍ରିରଙ୍ଗା




ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜାତୀୟତା ଓ ଅଖଣ୍ଡତାର ପ୍ରତୀକ ତ୍ରିରଙ୍ଗା ପ୍ରତି ସମ୍ମାନ ସହ ଦେଶର ପ୍ରଗତିର ବାର୍ତ୍ତାବହ ଜାତୀୟ ପତାକାକୁ ନେଇ ଜାତୀୟ ସଂହତି ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନେତାଜୀ ସଂଗ୍ରହାଳୟରୁ ତ୍ରିରଙ୍ଗା ଶୋଭାଯାତ୍ରା ବାଇକ ରାଲି ଶୁଭାରମ୍ଭ କରିଛନ୍ତି। କଟକ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସହରର ପ୍ରମୁଖ ଛକ ଓ ରାସ୍ତା ଦେଇ ଏହି ତ୍ରିରଙ୍ଗା ଶୋଭାଯାତ୍ରା ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଜିଲ୍ଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଏନସିସି, ପୁଲିସ, ସେନା, ନୌସେନା, ଅଗ୍ନିଶମ ବାହିନୀ ଓ ବରିଷ୍ଠ ନାଗରିକ ଓ ବିଭିନ୍ନ ପ୍ରମୁଖ ସଂଗଠନର କର୍ମକର୍ତ୍ତା ଯୋଗଦାନ କରିଥିଲେ।




# ରେଭେନ୍‌ସା ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ଗଠିତ

କଟକ,୧୪।୮ (ସମିସ): ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ୨୦୨୪ ଅନୁସାରେ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ନୂତନ ସିଣ୍ଡିକେଟ ଗଠନ କରାଯାଇଛି। ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ରବିନାରାୟଣ କର, ଡକ୍ଟର ନାରାୟଣ ମହାନ୍ତି, ଡକ୍ଟର ସୁଶାନ୍ତ କୁମାର ଦାସ ଓ ପ୍ରଫେସର ମହେଶ୍ୱର ସାହୁଙ୍କୁ ରାଜ୍ୟପାଳ ତଥା କୁଳାଧିପତି ସିଣ୍ଡିକେଟର ସଭ୍ୟ ରୂପେ ମନୋନୀତ କରିଛନ୍ତି। ସେମାନଙ୍କ କାର୍ଯ୍ୟକାଳ ଚାରି ବର୍ଷ ରହିବ ବୋଲି ପ୍ରକାଶିତ ବିଜ୍ଞପ୍ତିରୁ ଜଣାଯାଇଛି।

# ଆସୁଛନ୍ତି ଗଜାନନ: ଥ୍ରୀ-ଡି ତୋରଣକୁ ନେଇ ଚର୍ଚ୍ଚା

କଟକ,୧୪।୮ (ସମିସ):

ପାର୍ବଣର ପ୍ରଥମ ପର୍ଯ୍ୟାୟ ଭାଦ୍ରବ ଶୁକ୍ଳ ଚତୁର୍ଥୀ ଦିନରେ ରୌପ୍ୟନଗରୀକୁ ଆସିବେ ଗଜାନନ। ପାର୍ବଣ'ର ପହିଲି ଚିଟାଉ ଧରି ହଜାର ବର୍ଷର ସହରରେ ପୂଜା ପାଇବେ ଶ୍ରୀ ଗଣେଶ...ଦୁଲୁକିବ

## ବିଶ୍ୱରୂପ କ୍ଲବ୍, ନୂଆପଡ଼ା

କଟକ। ବାଜା, ବାଣ ଓ ଆକର୍ଷଣୀୟ ଆଲୋକ ସଜ୍ଜାରେ ଝଲସି ଉଠିବ ମହାନଦୀବିହାରରୁ ମର୍କତନଗର। ମହାନଦୀ ଆଉ କାଠଯୋଡ଼ି'ର ହୃଦୟ ଚିରା ବକ୍ଷ'ରେ ଏ ସହରରେ ଶୁଭିବ 'ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭଃ.. ନିର୍ବିଘ୍ନ କୁରୁମେ ଦେବୋ, ସର୍ବକାର୍ଯ୍ୟେଷୁ ସର୍ବଦା'.. କଟକିଆ ବରାଦ ଦେଇ ନିର୍ଦ୍ଧୁମ୍ ପିଟିବେ ଶିଙ୍ଘ ବାଜା, ଦୁଲୁଦୁଲି, ମାଦଳ, ପଞ୍ଜାବୀ ବାଜା, ଘଣ୍ଟ



ସାଂଗକୁ ବ୍ୟାଣ୍ଡ ବାଜା। ମୂର୍ତ୍ତି ଗଢ଼ା ଚାଲିଲାଣି। ପୂଜାର ପୂର୍ବପ୍ରସ୍ତୁତିର ଝଲକକୁ ନେଇ ଆରମ୍ଭ ବିଶେଷଃ ଉପସ୍ଥାପନା....ଆସୁଛନ୍ତି ଗଜାନନ।

ନୂଆପଡାରେ ରହିଛି ବିଶ୍ୱରୂପ କ୍ଲବ। ୨୦୦୩ ମସିହାରୁ କ୍ଲବ ନୂଆ ଢଙ୍ଗରେ ଗଣେଶ ପୂଜା ଆୟୋଜନ କରି ଆସୁଛି। ଏହା ସହ କ୍ଲବ ପକ୍ଷରୁ ଚଳିତବର୍ଷ ଗଣେଶ ପୂଜା ପାଇଁ ମଧ୍ୟ ବିଶେଷ ଆୟୋଜନ କରାଯାଇଛି। ଏହି କ୍ଲବରେ ୧୮ ଜଣ ସଦସ୍ୟ ରହିଥିବାବେଳେ ସଭାପତି ସୋମେନ ବେଉରା ଓ ସମ୍ପାଦକ ସ୍ମୃତି ରଞ୍ଜନ ଜେନା ରହିଛନ୍ତି। ଏଠାରେ ଚଳିତବର୍ଷ ଗଣେଶ ପୂଜା ପାଇଁ କ୍ଲବ୍ ପକ୍ଷରୁ ୯ ଫୁଟ୍ ଉଚ୍ଚତାର ହାତୀ ଡିଜାଇନର ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇ ପୂଜା କରାଯିବ। ପ୍ରଥମ କରି ୪୦ ଫୁଟ୍ ଉଚ୍ଚତାର ଥ୍ରୀ-ଡି ତୋରଣ କରାଯିବ। ଏହି ତୋରଣଟି ଐତିହାସିକ ଦୁର୍ଗର ଡିଜାଇନ ରହିଛି। ଏହା ସହ ସମଗ୍ର ଅଞ୍ଚଳକୁ ଆଲୋକମାଳାରେ ସଜାଯିବ। କ୍ଲବ ପକ୍ଷରୁ ପୂଜା ପାଇଁ ପାଖାପାଖି ୩ ଲକ୍ଷ ଟଙ୍କା ବଜେଟ୍ କରାଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ଖିରି ଭୋଗ କରାଯାଇ ବଣ୍ଟାଯିବ। ୭ ତାରିଖ ଭସାଣି ଯାତ୍ରା କରାଯିବ ପ୍ରଥମେ ପ୍ରଭୁ ମେଲଣରେ ସାମିଲ ହେବେ ପରେ ବିସର୍ଜନ କରାଯିବ।



# ମେଟ୍ରୋ ପ୍ରକଳ୍ପ ପାଇଁ ଦିଆଯିବ କେନ୍ଦ୍ରକୁ ପ୍ରସ୍ତାବ

## ଗଠନ ହେଲା ସ୍ୱତନ୍ତ୍ର ଟେକ୍ନିକାଲ କମିଟି

ଭୁବନେଶ୍ୱର,୧୪।୮ (ସମିସ): ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ନିର୍ମାଣ ପାଇଁ କେନ୍ଦ୍ରକୁ ଦିଆଯିବ ପ୍ରସ୍ତାବ। କେନ୍ଦ୍ର ସରକାରଙ୍କ ସହଯୋଗରେ ନିର୍ମାଣ ହେବ ମେଟ୍ରୋ। ଏହାସହ ପ୍ରକଳ୍ପ ଆଗକୁ ନେବାକୁ ଏକ ବିସ୍ତୃତ ଗତିଶୀଳ ଯୋଜନା ପ୍ରସ୍ତୁତ କରାଯିବ। ନୂଆ ଢାଞ୍ଚାରେ ଏକ ଟେକ୍ନିକାଲ କମିଟି ଗଠନ ହେବ। ଏହି କମିଟିର ସଦସ୍ୟମାନେ ବିଭିନ୍ନ ରାଜ୍ୟରେ ଚାଲୁଥିବା ମେଟ୍ରୋ ପ୍ରକଳ୍ପ ବୁଲି ଦେଖିବେ। ଏହି ଅନୁଯାୟୀ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହାପରେ ରିପୋର୍ଟ ଆଧାରରେ ମେଟ୍ରୋ ପ୍ରକଳ୍ପକୁ ନେଇ ସରକାର ପଦକ୍ଷେପ ନେବେ ବୋଲି ମନ୍ତ୍ରିସ୍ତରୀୟ ସବ୍-କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ କେନ୍ଦ୍ର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ନୂଆ ଢାଞ୍ଚାରେ ଏକ ଟେକ୍ନିକ୍‌କାଲ କମିଟି ଗଠନ ହେବ। ଏଥିରେ ଅଧିକାରୀମାନଙ୍କ ସମେତ ଏକ୍ସପର୍ଟ ରହିବେ। ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ଲୋକଙ୍କ ସମେତ ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧି ମତାମତ ସଂଗ୍ରହ କରାଯିବ। କେଉଁଠି ଷ୍ଟେସନ ନିର୍ମାଣ ହେବ, କେଉଁଠି ପାର୍କିଂ କରାଯିବ, ସେଥିପାଇଁ କମିଟି ସ୍ଥିର କରିବ।

ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀଙ୍କ ମେଟ୍ରୋ ସମ୍ପର୍କିତ ବୟାନ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଶ୍ରୀ ସିଂହଦେଓ ମେଟ୍ରୋ ନିର୍ମାଣ ପାଇଁ ବୈଠକରେ ବସିଥିଲେ। ସହରଗୁଡ଼ିକରେ ମେଟ୍ରୋ କ୍ଷତିରେ ଚାଲୁଛି ବୋଲି କହିଥିଲେ। ମେଟ୍ରୋକୁ ସେତିକି ଯାତ୍ରୀ ଆସୁନାହାନ୍ତି, ଏଣୁ ସରକାରଙ୍କୁ କ୍ଷତିଭରଣା କରିବାକୁ ପଡୁଛି ବୋଲି ସେ କହିଥିଲେ। ଟେକ୍ନିକାଲ କମିଟି ଏସବୁକୁ ଅନୁଧ୍ୟାନ କରିବ। ଏହାପରେ ନିଷ୍ପତ୍ତି ନିଆଯିବ।

ସୂଚନାଯୋଗ୍ୟ, ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ନିର୍ମାଣକୁ ନେଇ ବହୁବାର କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ଏହାକୁ ବହୁବାର କେନ୍ଦ୍ର ସରକାରଙ୍କ ସହଯୋଗ ମିଳିନଥିଲା। ଏଣୁ ରାଜ୍ୟ ସରକାର ନିଜ ଖର୍ଚ୍ଚରେ ମେଟ୍ରୋ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଏକ ଟିମ୍ ବିଭିନ୍ନ ସ୍ଥାନ ପରିଦର୍ଶନ କରି ରିପୋର୍ଟ ଦେଇଥିଲା। ଏହି ଆଧାରରେ ମେଟ୍ରୋ ନିର୍ମାଣ ପାଇଁ ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଡିପିଆର୍ ପ୍ରସ୍ତୁତ ହୋଇଥିଲା। ଏହାପରେ ଟେଣ୍ଡର ହୋଇଥିଲ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ରେ ଏହି ପ୍ରକଳ୍ପକୁ ଶିଳାନ୍ୟାସ କରିଥିଲେ। ମୃତ୍ତିକା ପରୀକ୍ଷାଠାରୁ ଆରମ୍ଭ କରି ଅନେକ କିଛି କାମ ଆଗକୁ ଯାଇଥିଲା। ହେଲେ ସରକାର ବଦଳିବା ପରେ ମଧ୍ୟ କିଛି ଦିନ କାମ ଚାଲିଲା। ମେଟ୍ରୋ ପ୍ରକଳ୍ପକୁ ଅଚାନକ ସ୍ଥଗିତ କରାଗଲା। ଠିକାସଂସ୍ଥା ସହ ଟେଣ୍ଡର ବାତିଲ କରାଗଲା। ଯାହା ପୂର୍ବରୁ ହୋଇ ସାରିଥିଲା ସେସବୁ ପୁଣି କରାଯିବ।



ସ୍ୱାଧୀନତା ଦିବସ ଉପଲକ୍ଷେ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

## କାର୍ଯ୍ୟକ୍ଷେତ୍ରରେ ବିଶିଷ୍ଟ ସେବା

# ଓଡ଼ିଶାର ୨ଜଣଙ୍କୁ ମିଳିବ ରାଷ୍ଟ୍ରପତି ପଦକ

**୯ ଜଣଙ୍କୁ ସାହସିକତା, ୧୧ ଜଣଙ୍କୁ ଉଲ୍ଲେଖନୀୟ ସେବା ପଦକ**

ଭୁବନେଶ୍ୱର,୧୪।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ଦେଶରେ ବୀରତା ଏବଂ ସେବା କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ବ୍ୟକ୍ତିବିଶେଷମାନଙ୍କୁ ସମ୍ମାନିତ କରାଯିବ। ତନ୍ମଧ୍ୟରୁ କାର୍ଯ୍ୟ କ୍ଷେତ୍ରରେ ବିଶିଷ୍ଟ ସେବା ପାଇଁ ଓଡ଼ିଶାରୁ ୨ ଜଣଙ୍କୁ ରାଷ୍ଟ୍ରପତି ପଦକ ମିଳିବ। ସେମାନେ ହେଲେ, ଏଏସ୍‌ପି ରବୀନ୍ଦ୍ର ପଣ୍ଡା ଏବଂ କମାଣ୍ଡାଣ୍ଟ ନରେଶ ପଟେଲ। ସେହିପରି ଭାବେ ଓଡ଼ିଶାରୁ ୯ ଜଣ ସାହସିକତା ପଦକ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ୧୧ଜଣଙ୍କୁ ଉଲ୍ଲେଖନୀୟ ସେବା ପାଇଁ ପଦକ ମିଳିବ। ଏନେଇ ଗୃହ ମନ୍ତ୍ରାଳୟ ପକ୍ଷରୁ ତାଲିକା ପ୍ରକାଶ ପାଇଛି।

ଓଡ଼ିଶାର ଯେଉଁ ୯ ଜଣ ସାହସିକତା ପୁରସ୍କାର ପାଇବେ, ସେମାନଙ୍କ ମଧ୍ୟରେ ସବ୍-ଇନ୍ସପେକ୍ଟର୍ ଅମରେଶ ଚନ୍ଦ୍ର ନରେନ୍ଦ୍ର, କନେଷ୍ଟବଳ ଜିତେନ୍ଦ୍ର କୁମାର ନାୟକ, ଓଏପିଏଫ୍ ଅର୍ଜୁନ ମଲ୍ଲିକ, ଓଏପିଏଫ୍ ଯୁଧିଷ୍ଠିର ମଲ୍ଲିକ, ହାବିଲଦାର ଅଶ୍ୱିନୀ କୁମାର ବାଗ, କମାଣ୍ଡୋ ଡମ୍ବରୁଧର ଭୋଇ, ନବୀନ କୁମାର ସାହୁ, ପ୍ରଦୀନ ଶେଷ୍ଠ ଏବଂ ଅଭିମନ୍ୟୁ ମାଝୀ ରହିଛନ୍ତି। ସେହିପରି ୧୧ଜଣ ଅଧିକାରୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ମଧ୍ୟ ପୁଲିସ ପଦକ ପ୍ରଦାନ କରାଯିବ। ଅଧିକାରୀମାନେ ହେଲେ, ସହକାରୀ ମହାନିରୀକ୍ଷକ ମହେଶ୍ୱର ସେଠୀ, ଅତିରିକ୍ତ ପୁଲିସ ଅଧୀକ୍ଷକ ପ୍ରଦୀପ କୁମାର ପ୍ରଧାନ, ଅତିରିକ୍ତ ପୁଲିସ ଅଧୀକ୍ଷକ ଦେବେନ୍ଦ୍ର ନାରାୟଣ ଦାଶ, ଉପ ପୁଲିସ ଅଧୀକ୍ଷକ ଆଶିଷ କୁମାର ରାଉତ, ଇନ୍ସପେକ୍ଟର୍ ଏ. ଶ୍ରୀନିବାସ ଦୋରା, ଉପ ପୁଲିସ ଅଧୀକ୍ଷକ ହେମାମାଳିନୀ ନାୟକ, କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ଇନ୍ସପେକ୍ଟର୍ ସନ୍ତୋଷ କୁମାର ମିର୍ଦ୍ଧା, ସହକାରୀ ସବ-ଇନ୍ସପେକ୍ଟର୍ ଅରୁଣ କୁମାର ସାମନ୍ତ, ସହକାରୀ ସବ-ଇନ୍ସପେକ୍ଟର୍ ଅରବିନ୍ଦ ଦାସ ଏବଂ କନେଷ୍ଟବଳ ଚିନ୍ମୟୀ ରାଉତ।

ସୂଚନାଯୋଗ୍ୟ, ଗୃହ ମନ୍ତ୍ରଣାଳୟ ପକ୍ଷରୁ ୧,୦୯୦ ଜଣ ପୁଲିସ, ଅଗ୍ନିଶମ, ହୋମଗାର୍ଡ, ନାଗରିକ ପ୍ରତିରକ୍ଷା ଏବଂ ସୁଧାର ସେବା କର୍ମଚାରୀଙ୍କୁ ସାହସିକତା ତଥା ସେବା ପଦକ ପ୍ରଦାନ ପାଇଁ ନାମ ଘୋଷଣା କରାଯାଇଛି। ତନ୍ମଧ୍ୟରୁ ବିଶିଷ୍ଟ ସେବା ପାଇଁ ୯୯ଜଣଙ୍କୁ ରାଷ୍ଟ୍ରପତି ପଦକ, ୨୩୩ ଜଣଙ୍କୁ ସାହସିକତା ପଦକ ଏବଂ ପ୍ରଶଂସନୀୟ ସେବା ପାଇଁ ୭୫୮ଜଣଙ୍କୁ ପଦକ ମିଳିବ।

## ଧାନ ବିକ୍ରି ପଞ୍ଜୀକରଣ ଅଡୁଆ

# ରାଜପଥରେ ଚାଷୀ-ପୁଲିସ୍ ମୁହାଁମୁହିଁ






ବରଗଡ଼, ୧୪।୮ (ସମିସ): ରାଜପଥରେ ଚାଷୀ-ପୁଲିସ୍ ମୁହାଁମୁହିଁ। ବରଗଡ଼ ଜିଲ୍ଲାରେ ଆଜି ଜାତୀୟ ରାଜପଥ ଉପରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଧାନବିକ୍ରି ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ ପାଇଁ ଦାବି କରି ଆଜି ବହୁ ସଂଖ୍ୟାରେ ଚାଷୀ ଜାତୀୟ ରାଜପଥ ଅବରୋଧ କରିବାକୁ ଆସିଥିଲେ। ବରଗଡ଼ କଳାପାଣି ମାର୍କେଟ୍ ୟାର୍ଡରେ ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନ ପାଇଁ ଯୋଜନା କରୁଥିଲେ। କିନ୍ତୁ ପୁଲିସ ସେଠାରୁ ଚାଷୀମାନଙ୍କୁ ଉଠାଇ ନେଇଥିଲା। ତେବେ ପୁନର୍ବାର ଫରାପାର୍ଟ ମନ୍ଦିର ସମ୍ମୁଖରେ ଚାଷୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ସେଠାକୁ ମଧ୍ୟ ଏସ୍‌ଡିପିଓ ପଦାରବିନ୍ଦ

## ଚାଷୀଙ୍କୁ ଉଠାଇନେଲା ପୁଲିସ

ତ୍ରିପାଠୀଙ୍କ ନେତୃତ୍ୱରେ ପୁଲିସ ପହଞ୍ଚି ସମସ୍ତଙ୍କୁ ଉଠାଇ ନେଇଥିଲା। ଏଥିଯୋଗୁଁ କିଛି ସମୟ ପାଇଁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସମସ୍ତ ଚାଷୀଙ୍କୁ ନେଇ ରିଜର୍ଭ ପଡ଼ିଆରେ ଅଟକ ରଖିଥିବା ବେଳେ କିଛି ଚାଷୀ ସେଠାରୁ ଆସି ପୁଣି ଜାତୀୟ ରାଜପଥ ଅବରୋଧ କରିଥିଲେ। ପୁଲିସ୍ ପୁଣି ସେମାନଙ୍କୁ ଉଠାଇ ନେଇଥିଲେ। ପରେ ମନ୍ଦିର ପରିସର ସମ୍ମୁଖରେ ଚାଷୀଙ୍କ ଆଲୋଚନା ବେଳେ ଆଉ ଥରେ ଚାଷୀଙ୍କୁ ଉଠାଇ ନେଲା ପୁଲିସ। ଫଳରେ ଆଜି ଦିନସାରା ବିଭିନ୍ନ ସ୍ଥାନରେ ଚାଷୀ ଓ ପୁଲିସ ମୁହାଁମୁହିଁ ହୋଇଥିବା ଦେଖାଯାଇଥିଲା।

ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଡେପୁଟି କଲେକ୍ଟର୍ ମଦନ ପଣ୍ଡା, ଭଟଲି ତହସିଲଦାର ରାମକୃଷ୍ଣ ମିଶ୍ର, ଅତାବିରା ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡା ସମସ୍ତ ଚାଷୀଙ୍କୁ ରାସ୍ତା ଅବରୋଧ ନ କରିବା ପାଇଁ ବୁଝାଇଥିଲେ। ତେବେ ଆଜିର ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ ଥିଲା। ସରକାର ପଞ୍ଜୀକରଣ ସମସ୍ୟାର ତୁରନ୍ତ ସମାଧାନ ନ କଲେ, ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି।






## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ

# ଶୋଭାଯାତ୍ରାରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ

କନ୍ଦରପୁର,୧୪।୮ (ସମିସ):

କଟକ ସଦର ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ବୟାଳିଶମୌଜା ବିଜେପି ମଣ୍ଡଳରେ ଆଜି ଗୁରୁବାର ପୂର୍ବାହ୍ନରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱବଧାନରେ ଆୟୋଜିତ ହର ଘର ତ୍ରିରଙ୍ଗା ଓ ଘର ଘର ତ୍ରିରଙ୍ଗା ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କଡ଼ା ସୁରକ୍ଷା ବଳୟ ଭିତରେ ଯୋଗଦେଇଥିବା ଜଣାପଡିଛି। ଏକ ଖୋଲା ଗାଡ଼ିରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧାରଣ ଲୋକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ତାଙ୍କ ସହିତ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ



ଭାଉସାହେବ ସିନ୍ଧେ, ଡିସିପି ଋଷିକେଶ ଖିଲାରିଙ୍କ ସମେତ କଟକ ସହରର ସମସ୍ତ ଅଧିକାରୀ ଏହି ରାଲିରେ ଭାଗ ନେଇଥିବା ଦେଖିବାକୁ ମିଳିଥିଲା। ଏପରିକି କଟକ ସଦର ବିଡିଓ, ତହସିଲଦାର, ସମସ୍ତ ଅତିରିକ୍ତ ତହସିଲଦାର, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଠାରୁ ଆରମ୍ଭ କରି ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ୍ୟ ଏଥିରେ ଯୋଗଦେଇଥିଲେ। ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ସହିତ ଶତାଧିକ ପୁଲିସ କର୍ମଚାରୀ ଶୋଭାଯାତ୍ରାକୁ ନିୟନ୍ତ୍ରଣ କରିଥିଲେ। ଶୋଭାଯାତ୍ରା ଝିଙ୍କିରିଆ ଯଶୋଦା ଗାର୍ଡେନରୁ ଚାନ୍ଦୁଲି ନୀଳକଣ୍ଠ ମନ୍ଦିର ପର୍ଯ୍ୟନ୍ତ ଯିବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ କଳପଡା ଠାରୁ ଫେରିଯାଇଥିବା ଜଣାପଡିଛି।

### ଆଠଗଡ ବିଜେପି



କଟକ ଜିଲ୍ଲା ଗ୍ରାମୀଣ ବିଜେପି ପକ୍ଷରୁ ଆଠଗଡ ସହରରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଖୁଣ୍ଟୁଣୀ ଠାରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଆଠଗଡ ସହର ପରିକ୍ରମା କରି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଶେଷ ହୋଇଥିଲା। କଟକ ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ସଭାରେ ଅତିଥି ଭାବେ ବିଜେପିର ରାଜ୍ୟ ପ୍ରବକ୍ତା ସର୍ଜନ ଶର୍ମା, ରାଷ୍ଟ୍ରୀୟ ପରିଷଦ ସଭ୍ୟ ବ୍ରଜେନ୍ଦ୍ର ରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଜିଲ୍ଲା ସଭାପତି ଚୌଧୁରୀ ହେମନ୍ତ ସାହୁ, ଜିଲ୍ଲା ବୁଦ୍ଧିଜୀବୀ ପ୍ରକୋଷ୍ଠ ସଂଯୋଜକ ବିକ୍ରମ ଦାଶ, ପୂର୍ବତନ ବିଧାୟକ ରମେଶ ରାଉତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମୀଣ ଜିଲ୍ଲାର ସମସ୍ତ ପଦାଧିକାରୀ, ମଣ୍ଡଳ ସଭାପତି, ପ୍ରମୁଖ ନେତୃବୃନ୍ଦଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ହରେକୃଷ୍ଣ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ତାପସ ଜେନା ଧନ୍ୟବାଦ ଦେଇଥିଲେ।

**ନିଆଳି :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ସାରା ରାଜ୍ୟରେ ତ୍ରିରଙ୍ଗା ଯାତ୍ରା ଚାଲିଥିବା ବେଳେ ନିଆଳି ବିଧାୟକ ଛବି ମଲ୍ଲିକଙ୍କ ନେତୃତ୍ୱରେ ନିଆଳିରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ବିଜେପିର କର୍ମକର୍ତ୍ତା, କର୍ମୀ, ଜନପ୍ରତିନିଧିଙ୍କ ଗହଣରେ ବିଧାୟକ ଘର ଘର ବୁଲି ସ୍ୱାଧୀନତା ଦିବସ ଅବସରରେ ତ୍ରିରଙ୍ଗା ପତାକା ଉଡାଇବା ପାଇଁ ନିବେଦନ କରିଥିଲେ। ବୁଧବାର ନିଆଳି ବ୍ଲକର ୨୦ ଓ ୨୨ ନଂ ଜୋନରେ ହର ଘର ତ୍ରିରଙ୍ଗା ଯାତ୍ରା ଅବସରରେ ବିଜେପିର ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ସାଂସଦଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ ମହାନ୍ତି, ବିଜେପି ନେତା ଶଶିକାନ୍ତ ଲେଙ୍କା, ନିଆଳି ମଣ୍ଡଳ ସଭାପତି ନବଘନ ସ୍ୱାଇଁ, ସରପଞ୍ଚ ଜ୍ୟୋତିରଞ୍ଜନ ମଲ୍ଲିକଙ୍କ ସମେତ ବହୁ ବରିଷ୍ଠ କର୍ମୀ ଯୋଗଦେଇଥିଲେ।

**ଚୌଦ୍ୱାର :** ଚୌଦ୍ୱାର ପୌରପାଳିକା ତରଫରୁ ତ୍ରିରଙ୍ଗା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଜାତୀୟ ପତାକା



ହଲାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବିରୁପା ନଦୀ କୂଳରୁ ପଦଯାତ୍ରା ବାହାରି ପୌର କାର୍ଯ୍ୟାଳୟରେ ସମାପ୍ତ ହୋଇଥିଲା। ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, କାଉନସିଲର ବିଜୟ ମଲ୍ଲିକ, ସୁବ୍ରତ ସାମଲ, ରଙ୍ଗଲତା ସାହୁ, ଆଶୁତୋଷ ଦାସ, କଲ୍ୟାଣୀ ସାହୁ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ଚୌଦ୍ୱାର କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ରଶ୍ମୀ ରାଉତରାୟ ପତାକା ହଲାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ସୁମନ୍ତ ସାହୁଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ କଲେଜର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଏନସିସି, ୱାଇଆରସି, ରେଞ୍ଜର ଆଣ୍ଡ ରୋଭର୍ସର ପିଲାମାନେ ଚୌଦ୍ୱାର ସହର ପରିକ୍ରମା କରିଥିଲେ।

**ତିଗିରିଆ:** ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତ ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଓ ଗଣ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ହର ଘର ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ମହାବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ଯୁକ୍ତ ଦୁଇ, ଯୁକ୍ତ ତିନି ଶ୍ରେଣୀର କଳା, ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଏନଏସଏସ, ଏନସିସି ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରୁ ଶୋଭାଯାତ୍ରାରେ ବାହାରି ନିଜିଗଡ଼ ପଞ୍ଚାୟତ ବିଭିନ୍ନ ଗ୍ରାମ ପରିକ୍ରମା କରି ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମ ତିଗିରିଆ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ପ୍ରସନ୍ନମଣି ଦେବଙ୍କ ପୀଠରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ସୁଧୀର ଚନ୍ଦ୍ର ନାଥ, ବନୋଜ ଦାଶ, ଅଧ୍ୟାପକ ଡ. ପତିତପାବନ ପଣ୍ଡା, ରାମଚନ୍ଦ୍ର ବେହେରା, ବିଜୟ ଦାସ, ଅଧ୍ୟାପିକା ଇନ୍ଦିରା ସାମନ୍ତରାୟ, ରଶ୍ମିରେଖା ମଲ୍ଲିକ, ଗୁଲାପସା ତବସୁମ ଙ୍କ ସମେତ କର୍ମଚାରୀ ସ୍ଥାନୀୟ ପୋଲିସ, ପ୍ରଶାସନ ପକ୍ଷରୁ ସହଯୋଗ କରାଯାଇଥିଲା।

### ନୂଆପାଟଣା ମଣ୍ଡଳ ବିଜେପି



କଟକ ଜିଲ୍ଲା ତିଗିରିଆ ମଣ୍ଡଳ, ନୁଆପାଟଣା ମଣ୍ଡଳରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ତିଗିରିଆ ଜଗନ୍ନାଥ ମନ୍ଦିର ଠାରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ବିଦ୍ଧାଣିମା ଗାଁ, ନୂଆପାଟଣା ବଜାର ପରିକ୍ରମା କରି ନୂଆପାଟଣା ମା କଳାପାଟଙ୍କ ମନ୍ଦିରଠାରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତି, ବରିଷ୍ଠ ନେତା ବିକ୍ରମ ଦାଶ, ହରେକୃଷ୍ଣ ମହାନ୍ତି, ସନ୍ତୋଷ ରାଉତ, ତିଗିରିଆ ମଣ୍ଡଳ ସଭାପତି ମାନସ ନାୟକ, ନୂଆପାଟଣା ମଣ୍ଡଳ ସଭାପତି ଦିପୁନା ସେନାପତି, ମାନସ ରଞ୍ଜନ ସାହୁ ଓ ତିଗିରିଆର ସମସ୍ତ ପଦାଧିକାରୀ ପ୍ରମୁଖ ନେତୃବୃନ୍ଦଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

**ନିଶ୍ଚିନ୍ତକୋଇଲି :** ଭାରତୀୟ ଜନତା ପାର୍ଟି ନିଶ୍ଚିନ୍ତକୋଇଲି ବ୍ଲକ ସଂଗଠନ ପକ୍ଷରୁ ଏକ ତ୍ରିରଙ୍ଗା ପଦଯାତ୍ରା ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ମାହାଙ୍ଗା ବିଜେପି



ନେତା ସୁମନ୍ତ ଘଡ଼ାଇଙ୍କ ନେତୃତ୍ୱ ଓ ଯୁବନେତା ବିକାଶ ଚନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଏଥିରେ ଶହ ଶହ ବିଜେପି ମହିଳା ଓ ପୁରୁଷ କର୍ମୀମାନେ ଯୋଗ ଦେଇ ହାତରେ ୨ଶହ ମିଟର ଲମ୍ବ ବିଶିଷ୍ଟ ଏକ ଜାତୀୟ ପତାକା ଧରି ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ତହସିଲ ଛକ ସ୍ଥିତ ବିଜେପି କାର୍ଯ୍ୟାଳୟରୁ ଏହି ପଦଯାତ୍ରା ବାହାରି ଶୃଙ୍ଖଳିତ ଭାବେ ନିଶ୍ଚିନ୍ତକୋଇଲି ବଜାରରେ ଶେଷ ହୋଇଥିଲା। ବରିଷ୍ଠ ବିଜେପି କର୍ମକର୍ତ୍ତା ପ୍ରଫୁଲ୍ଲ ମହାପାତ୍ର, ମଣ୍ଡଳ ସଭାପତି ହରପ୍ରସାଦ ପୃଷ୍ଟି, ପ୍ରଭାତ ମଲ୍ଲିକ, କୈଳାସ ବେହେରା ଓ ସାଧାରଣ ସମ୍ପାଦକ ମଳୟ ଘଡ଼ାଇ, ରାକେଶ ବେହେରା, ମୀନକେତନ ଦାସଙ୍କ ସମେତ ବହୁ ବିଜେପି କର୍ମୀ ଏଥିରେ ଯୋଗଦାନ କରିଥିଲେ।

**ନରସିଂହପୁର :** ନରସିଂହପୁର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ତରଫରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନରସିଂହପୁର ମହାବିଦ୍ୟାଳୟ ପରିସରରୁ ଏନସିସି, ରେଡ଼କ୍ରସ ଏବଂ ଛାତ୍ରଛାତ୍ରୀଙ୍କୁ ନେଇ ତ୍ରିରଙ୍ଗା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଡ. ବଦ୍ରି ନାରାୟଣ ପତ୍ରି ପତାକା ଦେଖାଇ ଉଦଘାଟନ କରିଥିଲେ। ମହାବିଦ୍ୟାଳୟ ଠାରୁ ବାହାରି ଟାଉନ ପରିକ୍ରମା କରିଥିଲେ। ଦେଶର ପ୍ରଗତି ଦିଗରେ ସ୍ଲୋଗାନ ଦେଇଥିଲେ। ଏହି



କାର୍ଯ୍ୟକ୍ରମରେ ଏନସିସି ଅଧିକାରୀ ପ୍ରଶାନ୍ତ ବେହେରା, ଅଧ୍ୟାପକ ପ୍ରଦୀପ୍ତ ମହାରଣା, ଦିଲ୍ଲୀପ ଛାଟୋଇଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ। ସେହିପରି ନରସିଂହପୁର କାନପୁର ଆଞ୍ଚଳିକ ମହାବିଦ୍ୟାଳୟରେ ହର ଘର ତ୍ରିରଙ୍ଗା ସଚେତନତା ଶୋଭାଯାତ୍ରା, ସ୍ଥାନୀୟ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ନରସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହର ଘର ତ୍ରିରଙ୍ଗା ସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।




**ମାହାଙ୍ଗା :** ପଲିସାହି ସ୍ଥିତ ମାହାଙ୍ଗା ମହିଳା ମହାବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଏକ ବିରାଟ ସାଇକଲ ଶୋଭାଯାତ୍ରାରେ ମହାବିଦ୍ୟାଳୟରୁ ବାହାରି ଭଉଁରିଆ, ପାଲିସାହି, ସୁକ୍ଲେଶ୍ୱର, ଧାରୁଅ, ଖନ୍ଦୋଳ, ରାମକାପୁର ଆଦି ଗ୍ରାମ ପରିକ୍ରମା କରି ଓସ୍ତମୂଳ ବଜାରରେ ତ୍ରିରଙ୍ଗା ପତାକା ପ୍ରଦାନ କରିବା ସହିତ ଲୋକମାନଙ୍କୁ ସଚେତନ କରାଇଥିଲେ। ଏଥିରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଶୋଭାଯାତ୍ରାରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ସାଲେପୁର :** ସାଲେପୁର ବିଜେପି ପକ୍ଷରୁ ରାଇସୁଙ୍ଗୁଡ଼ାଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ରାଇସୁଙ୍ଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପି ନେତା ହିମାଂଶୁ ମହାନ୍ତି ଯୋଗଦେଇ ମେଡ଼ିକାଲ ପରିସର ସଫେଇ କରିଥିଲେ। ପରେ ଶତାଧିକ କର୍ମୀଙ୍କ ସହ ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରି ହାତରେ ତ୍ରିରଙ୍ଗା ଧରି ରାଇସୁଙ୍ଗୁଡ଼ା ବଜାର ପରିକ୍ରମା କରିବା ସହିତ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ତ୍ରିରଙ୍ଗା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ନିର୍ମଳା ସିଂହ, ପୁଷ୍ପଲତା ଦତ୍ତ, ତୁଳସୀରାଣୀ ଦାସ, ରେଣୁବାଳା ରାଉତ, ରୀନା ବରାଳ, ବିଦ୍ୟୁତ୍‌ଲତା ସ୍ୱାଇଁଙ୍କ ସମେତ ଶତାଧିକ କର୍ମୀ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ କରିବା ସହ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



# ବିଭାଜନ ବିଭୀଷିକା ସ୍ମୃତି ଦିବସରେ ନୀରବ ପଦଯାତ୍ରା

ନିଶ୍ଚିନ୍ତକୋଇଲି,୧୪।୮ (ସମିସ): ମାହାଙ୍ଗା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଭାଜନ ବିଭୀଷିକା ସ୍ମୃତି ଦିବସ ଅଗଷ୍ଟ ୧୪ ଅବସରରେ ନିଶ୍ଚିନ୍ତକୋଇଲିରେ ଅନୁଷ୍ଠିତ ହୋଇଛି। ଭାରତ ସ୍ୱାଧୀନ ହେବା ପରେ




ଏହି ଦିନ ପାକିସ୍ତାନ ଭାରତ ଠାରୁ ଅଲଗା ହୋଇଥିବାରୁ ଏହାକୁ ସ୍ମରଣ କରି ବିଜେପି ପକ୍ଷରୁ ଏହି ଦିବସକୁ ପାଳନ କରାଯାଉଛି। ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ବଉଳ ବଜାର ଠାରୁ ଏକ ନୀରବ ପଦଯାତ୍ରା ଆରମ୍ଭ ହୋଇ ବ୍ଲକ ଛକ ଠାରେ ଶେଷ ହୋଇଥିଲା। ନିର୍ବାଚନ ମଣ୍ଡଳୀରେ ଥିବା ୭ଟି ଜୋନ୍‌ର ବିଜେପି ମଣ୍ଡଳସ୍ତରୀୟ ସଭାପତି, ବହୁ ବରିଷ୍ଠ ବିଜେପି କର୍ମୀ, ହଜାର ହଜାର ଜନସାଧାରଣ ଓ ବହୁ ନେତୃବୃନ୍ଦ ହାତରେ ଜାତୀୟ ପତାକା ଧରି ଶୃଙ୍ଖଳିତ ଭାବେ ଏହି ନୀରବ ପଦଯାତ୍ରାରେ ଯୋଗଦେଇଥିଲେ। ଶୋଭାଯାତ୍ରାଟି ବଜାର ପରିକ୍ରମା କରିବା ସମୟରେ ବିଧାୟକ ଶ୍ରୀ ପ୍ରଧାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର, ନାରୀ ନେତ୍ରୀ ଯାଜ୍ଞସେନୀ ଜେନା, ଦେବେନ୍ଦ୍ର ସାହୁ, ସମିତିସଭ୍ୟ ମନୋରଂଜନ ନାୟକ, ଭବାନୀଶଙ୍କର ବେହେରା, ରମେଶଚନ୍ଦ୍ର ସ୍ୱାଇଁ, ଗୋପବନ୍ଧୁ ସେଠୀ, ବ୍ଲକ ଆମ୍ବା ସଭାପତି ଅଶୋକ ସାହୁଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ସଭ୍ୟା, ବିଭିନ୍ନ ବୁଥ୍‌ସ୍ତରୀୟ ନେତୃବୃନ୍ଦ ଓ ପଞ୍ଚାୟତସ୍ତରୀୟ ସଭାପତି ଯୋଗଦେଇଥିଲେ।

## ୧୭ ନଂ ୱାର୍ଡରେ ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟି

# ଚାଲିଛି ବେଆଇନ ଜବରଦଖଲ ଓ ଜମି କିଣାବିକା

ଚୌଦ୍ୱାର,୧୪।୮ (ସମିସ):




ଚୌଦ୍ୱାର ପୌରପାଳିକାର ୧୭ନଂ ୱାର୍ଡ ନୂଆସାହିରେ ଥିବା ସରକାରୀ ଜମିକୁ ପ୍ରଥମେ ଜବରଦଖଲ ଓ ପରେ ନୀରିହ ଲୋକଙ୍କୁ ମିଛ ସତ କହି ବିକ୍ରୟ କରୁଥିବା ଜମିମାଫିଆ ଏବେ ସକ୍ରିୟ ହୋଇଥିବା ଦେଖିବାକୁ ମିଳିଛି। ଏପରିକି ପୌରପାଳିକା ତରଫରୁ ମରାଯାଇଥିବା ନିଷିଦ୍ଧାଞ୍ଚଳ ବୋର୍ଡକୁ ମଧ୍ୟ ହଠାଇ ଉକ୍ତ ସ୍ଥାନକୁ ଜବରଦଖଲ କରାଯାଉଥିବା ଦେଖିବାକୁ ମିଳିଛି। କିଛି ଜାଗାକୁ ମନ୍ଦିର, ମଠ ଓ ଫାର୍ମ ହାଉସ ନାମରେ ଜବରଦଖଲ କରି ରଖିଛନ୍ତି କିଛି ଅସାଧୁ ବ୍ୟକ୍ତିବିଶେଷ। ତେବେ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଅବଗତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଫଳରେ ୱାର୍ଡବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉକ୍ତ ୱାର୍ଡରେ ବେଧଡକ ଭାବେ ମୂଲ୍ୟବାନ ସରକାରୀ ଜମିରେ ଜବରଦଖଲ କାରବାର ଚାଲୁଥିଲେ ମଧ୍ୟ ତହସିଲ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ପୌରପାଳିକା ବିଚିତ୍ର ନୀତି ଯୋଗୁ ଏଠାରେ ବେଧଡକ ଜବରଦଖଲ କାର୍ଯ୍ୟ ହେଉଥିବା ଲୋକେ କୁହନ୍ତି। ପୌରପାଳିକା ତରଫରୁ ଏଠାରେ ୨ଟି ଏଫଏସଟିପି ପ୍ଲାଣ୍ଟ ଓ ଏମସିସି ପ୍ଲାଣ୍ଟ ରହିଥିବା ବେଳେ ଏହାର ସଂପ୍ରସାରଣ ପାଇଁ ପୌରପାଳିକା ୫ଏକର ସରକାରୀ ଜମି ସରକାରଙ୍କ ଠାରୁ ଲିଜ ସୂତ୍ରରେ ନେଇଥିଲେ। ହେଲେ ଉକ୍ତ ୫ଏକର ଜାଗାକୁ ଆଜି ପର୍ଯ୍ୟନ୍ତ ପୌରପାଳିକା ଚିହ୍ନଟ ନ କରି ଛାଡି ଦେଇଥିବାରୁ ଉଭୟ ପ୍ଲାଣ୍ଟ କଡରେ ଥିବା ସରକାରୀ ଜମିକୁ ସ୍ଥାନୀୟ ଅଞ୍ଚଳର ଅସାଧୁ ବ୍ୟକ୍ତି ଶାଗମାଛ ଦରରେ ଜାଗା ବିକ୍ରି କରି ମାଲେମାଲ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ ଚୁପ କାହିଁ ବସିଛି ତାହା ସହଜରେ ବୁଝାପଡୁନି। ପୌରପାଳିକା ତରଫରୁ ସରକାରୀ ଜମି ଚିହ୍ନଟ କରି ତାରବାଡ ଘେରାଇବା ପାଇଁ ସରକାର ୨୦ ଲକ୍ଷ ଟଙ୍କା ଦେଇଥିବା ବେଳେ ପୌରପାଳିକା ଉକ୍ତ ଅର୍ଥକୁ କାର୍ଯ୍ୟରେ ବିନିଯୋଗ ନକରିବା ହେତୁ ଆଜି ଏଭଳି ପରିସ୍ଥିତି ଉପୁଜୁଥିବା ସ୍ଥାନୀୟ ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ତୁରନ୍ତ ଜିଲ୍ଲାପାଳ ମହୋଦୟ ଉକ୍ତ ୱାର୍ଡ ଉପରେ ଦୃଷ୍ଟିଦେଇ ଏହାର ତଦନ୍ତ କରିବା ସହିତ ଜବରଦଖଲ ହଟାଇବା ପାଇଁ ୱାର୍ଡବାସୀଙ୍କ ତରଫରୁ ନିବେଦନ କରାଯାଇଛି।

# ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ସଚେତନତା

ଆଠଗଡ,୧୪।୮ (ସମିସ): ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଯୋରନ୍ଦା ସେକ୍ଟରର ସମୂହ ଗାଁ କଲ୍ୟାଣ ସମିତି ମିଳିତ ଓ ଯୋରନ୍ଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ



ମିଳିତ ଆନୁକୂଲ୍ୟରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ବ୍ରହ୍ମପୁର ଭାରପ୍ରାପ୍ତ ଚିକିତ୍ସା ଅଧକ୍ଷକ ଡାକ୍ତର ସ୍ୱାଗତ ଦାସଙ୍କ ନିର୍ଦ୍ଦେଶରେ ଯୋରନ୍ଦା ସେକ୍ଟରର ବରିଷ୍ଠ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ମହମ୍ମଦ୍ ଅସ୍‌ଲମ୍‌ଙ୍କ ସଂଯୋଜନାରେ ଧାଇପୁର ପଞ୍ଚାୟତର ଗଦାଧରପୁର ଅଙ୍ଗନବାଡି କେନ୍ଦ୍ରଠାରେ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟକର୍ମୀ ପୁଷ୍ପାଞ୍ଜଳି ପ୍ରଧାନ, ବିଜୟ ଜେନା, ସିଏଚଓ ଜ୍ୟୋତ୍ସ୍ନାରାଣୀ ମହାନ୍ତି, ଅଙ୍ଗନବାଡି କର୍ମୀ ଶୁଭଲକ୍ଷ୍ମୀ ରାଉତ, ଆଶାକର୍ମୀ ପୁଷ୍ପଲତା ସାହୁ, ଗାଁ କଲ୍ୟାଣ ସମିତିର ସଭ୍ୟ/ ସଭ୍ୟା ଯୋଗଦାନ କରିଥିଲେ।

# ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନରସିଂହପୁର,୧୪।୮ (ସମିସ): ନରସିଂହପୁର ବ୍ଲକ ଅଧୀନ ମୁକ୍ତାନାଥ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷୟିତ୍ରୀ ରିତୁ ଦଳେଇଙ୍କ ଅନ୍ୟତ୍ର ବଦଳିକୁ ନେଇ ଏକ ସମ୍ବର୍ଦ୍ଧନାର ଆୟୋଜନ କରାଯାଇ ଆନୁଷ୍ଠାନିକ ଭାବେ ବିଦାୟ ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଲୋକ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ମଦନ ବେହେରା, ସନ୍ତୋଷ ପ୍ରଧାନ, ସମରକେଶରୀ ରାଉଳ, ଅରୁଣ ବେହେରା, ସଞ୍ଜିବନୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଶିକ୍ଷୟିତ୍ରୀ ରିତୁ ଦଳେଇଙ୍କ ଗୁଣଗାନ କରିଥିଲେ।

## ଅବଶିଷ୍ଟାଂଶ

### ୬୫ ଲକ୍ଷ ଭୋଟରଙ୍କ...

ତାଲିକାରୁ ବାଦ୍ ପଡ଼ିଛି ସେମାନେ ଆଧାର କାର୍ଡ ସହିତ ନିର୍ବାଚନ ଅଫିସ ଯାଇ ନିଜର ନାମକୁ ସାମିଲ କରିପାରିବେ । ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ପହିଲାରେ କମିସନ ପକ୍ଷରୁ ଯେଉଁ ଭୋଟର ଚିଠାତାଲିକା ପ୍ରକାଶ କରାଯାଇଛି ସେଥିରେ ୬୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି । ଏହି ଭୋଟରଙ୍କ ନାମ ପୁରୁଣା ତାଲିକାରେ ଥିଲା । କମିସନ କହିଥିଲେ ଯେ ଯେଉଁମାନଙ୍କ ନାମ କଟାଯାଇଛି ସେମାନଙ୍କ ମଧ୍ୟରୁ ୨୨ ଲକ୍ଷ ୩୪ ହଜାର ଜୀବିତ ନୁହନ୍ତି, ୩୬ ଲକ୍ଷ ୨୮ ହଜାର ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ ୭ ଲକ୍ଷ ଭୋଟରଙ୍କ ନାମ ଏକାଧିକ ସ୍ଥାନରେ ରହିଛି । କମିସନ ଏହି ସଂଖ୍ୟା ଦେଇଥିଲେ ମଧ୍ୟ ଭୋଟରଙ୍କ ନାମ କିମ୍ବା ବାଦ୍ ପଡ଼ିବାର କାରଣ ଦର୍ଶାଇ ନଥିଲେ । ୨୦୦୩ରେ ଭୋଟର ତାଲିକା ସଂଶୋଧନ ବେଳେ କେଉଁ ଦସ୍ତାବିଜ ଦାଖଲ ପାଇଁ କୁହାଯାଇଥିଲା, ସେସଂପର୍କରେ ମଧ୍ୟ ରିପୋର୍ଟ ଦେବାଲାଗି କୋର୍ଟ ନିର୍ବାଚନ କମିସନଙ୍କୁ କହିଛନ୍ତି । ଆଜି ଶୁଣାଣି ବେଳେ କମିସନଙ୍କ ଓକିଲ କହିଥିଲେ ଯେ ୨୦୦୩ ଭୋଟର ତାଲିକାରେ ଯେଉଁ ଭୋଟର ବା ସେମାନଙ୍କ ପିତାମାତାଙ୍କର ନାମ ରହିଥିଲା, ସେମାନଙ୍କ ଠାରୁ କୌଣସି ଦସ୍ତାବଜିତ ମଗାଯାଇ ନାହିଁ । ସେ ଆହୁରି କହିଥିଲେ ଯେ ଇଭିଏମକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଚାଲିଥିବା ବିବାଦରେ କମିସନକୁ ଅନାବଶ୍ୟକ ଭାବେ ଟଣାଯାଉଛି ।

### ୪୬ ମୃତ...

ବର୍ଷା ଓ ବନ୍ୟାରେ ଭାସିଯାଇଛି । ଖବର ପାଇଁ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଉଦ୍ଧାର ଅଭିଯାନରେ ସେନାକୁ ସାମିଲ କରାଯାଇଛି । ମାଟିତଳେ ୨୦୦ରୁ ୩୦୦ ଲୋକ ଫସିଥିବା ଆଶଙ୍କା କରାଯାଉଛି ବୋଲି ଡେପୁଟି କମିସନର ପଙ୍କଜ ଶର୍ମା କହିଛନ୍ତି । ଏନ୍‌ଡିଆରଏଫ୍‌ର ଦୁଇଟି ଦଳକୁ ଘଟଣା ସ୍ଥଳକୁ ପଠାଯାଇଛି । ସେ କହିଛନ୍ତି ଯେ ହଜାର ହଜାର ଶ୍ରଦ୍ଧାଳୁ ମଚୈଲ ଯାତ୍ରା ପାଇଁ ଚୋସିତି ଗାଁରେ ପହଞ୍ଚିଥିବା ବେଳେ ଏହି ଅଘଟଣ ଘଟିଥିଲା । ଯେଉଁ ଯାତ୍ରା ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା ସେହିଠାରେ ହିଁ ପ୍ରବଳ ବର୍ଷା ହୋଇଥିଲା । ଏହି ସ୍ଥାନରେ ଶ୍ରଦ୍ଧାଳୁଙ୍କ ବସ, ଟେଣ୍ଟ, ଲଙ୍ଗର ଓ କେତୋଟି ଦୋକାନ ଥିଲା । ସବୁ ବନ୍ୟାରେ ଭାସି ଯାଇଛି । ମଚୈଲ ତୀର୍ଥ ଯାତ୍ରା ପ୍ରତିବର୍ଷ ଅଗଷ୍ଟ ମାସରେ ହୋଇଥାଏ । ଏହି ଯାତ୍ରାରେ ସାମିଲ ହେବାକୁ ହଜାର ହଜାର ଶ୍ରଦ୍ଧାଳୁ ଦେଶର ବିଭିନ୍ନ ସ୍ଥାନରୁ ଆସିଥାନ୍ତି । ଯାତ୍ରା ଜୁଲାଇ ୨୫ରୁ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଚାଲିବ ।

### ଜିଦ୍‌ରେ ଅଟଳ...

ବୋଲି ଚେତାବନୀ ଦେଇଛନ୍ତି । ସାରା ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲା ୪ ଦିନ ହେବ କାମ ବନ୍ଦ କରିଛନ୍ତି । ଫଳରେ ସାଧାରଣ ଲୋକମାନେ ସରକାରୀ ସେବାରୁ ବଞ୍ଚିତ ହୋଇଛନ୍ତି । ରାଜ୍ୟ ସରକାର ଲୋକଙ୍କର କୌଣସି ସମସ୍ୟାକୁ ବରଦାସ୍ତ କରାଯିବ ନାହିଁ ବୋଲି କହୁଥିଲେ ମଧ୍ୟ ସଂଘ ସହ ଆଲୋଚନା ନିମନ୍ତେ ଆଗ୍ରହ ପ୍ରକାଶ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମୂହ ଛୁଟିରେ ଯିବା ନିଷ୍ପତ୍ତି ପୂର୍ବରୁ ନିଜର ଦାବି ପୂରଣ ନେଇ ସଂଘ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଜୁଲାଇ ୭ ତାରିଖରୁ ସଂଘର ସମସ୍ତ ସଦସ୍ୟ କଳାବ୍ୟାଚ ପରିଧାନ କରି ପ୍ରତିବାଦ ଜଣାଇଥିଲେ । ସେହିପରି ସମୟରେ ଜୁଲାଇ ୯ ତାରିଖ ଦିନ ରାଜ୍ୟ ସରକାରଙ୍କଠାରୁ ଆଲୋଚନା ପାଇଁ ଡାକରା ଆସିଥିଲା । ରାଜସ୍ୱ ମନ୍ତ୍ରୀ ରାଜ୍ୟ ସଂଘର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ୧୫ ଦିନ ଭିତରେ ନିଷ୍ପତ୍ତି ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏକ ମାସ ବିତିବାକୁ ବସିଥିଲେ ମଧ୍ୟ ରାଜ୍ୟ ସରକାର କୌଣସି ପଦକ୍ଷେପ ନାହାନ୍ତି । ଯାହାକୁ ନେଇ ସଂଘ ସରକାରଙ୍କ ଉପରେ ଭରସା ତୁଟାଇ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି ।

ଅନ୍ୟପକ୍ଷରେ ସରକାର ଆଲୋଚନା କରିବା ପରିବର୍ତ୍ତେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେବା ସରକାରଙ୍କ ପାଇଁ ବୁମେରାଂ ହୋଇଛି । ମନ୍ତ୍ରୀଙ୍କ ଧମକ, ସଚିବଙ୍କ ଚେତାବନୀ ଅମଲା ସଂଘକୁ ଅଧିକ କ୍ରୋଧିତ କରିଛି । ଫଳରେ ସଂଘ ବିନା ଆଲୋଚନାରେ ଆନ୍ଦୋଳନ ପ୍ରତ୍ୟାହାର ହେବ ନାହିଁ ବୋଲି ସଫା ମନା କରିଛି । ଯଦି ସରକାର ଲୋକଙ୍କ ସୁବିଧା ଚାହୁଁଛନ୍ତି, ତେବେ ଆଲୋଚନା କରିବାକୁ କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ସଂଘ ପ୍ରଶ୍ନ କରିଛି । ରାଜସ୍ୱ ଅମଲାମାନେ ଲୋକଙ୍କ ପାଇଁ କାମ କରୁଛନ୍ତି, ସରକାର ମଧ୍ୟ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାମ କରନ୍ତୁ ଓ ଚେତାବନୀ ନ ଦେଇ ଆମର ନ୍ୟାଯ୍ୟ ଦାବି ପୂରଣ କରନ୍ତୁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ସ୍ୱାଧୀନତା ଦିବସରେ ସଂଘର ସମସ୍ତ ସଦସ୍ୟ ଅର୍ଥାତ ରାଜସ୍ୱ ଅମଲାମାନେ ପତାକା ଉତ୍ତୋଳନ ସମ୍ପର୍କିତ ଜାତୀୟ ଉତ୍ସବରେ ଯୋଗ ଦେବେ; ମାତ୍ର ପୂର୍ବବତ୍ ସମୂହ ଛୁଟି ଆନ୍ଦୋଳନ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

### ଲାଗି ରହିବ...

ହୀରାକୁଦ ଓ ରାଉରକେଲା ଆଦିରେ ୧୦ ମିମି ଲେଖାଏଁ ବର୍ଷା ରେକର୍ଡ ହୋଇଛି । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ୫ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ । ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ସମ୍ଭାବନା ଅଧିକ ରହିଛି । ଉପକୂଳବର୍ତ୍ତୀ ଅଞ୍ଚଳରେ ପାଗ ମେଘୁଆ ସହ ପବନର ବେଗକୁ ନେଇ ସମୁଦ୍ର ଅଶାନ୍ତ ରହିବ । ତେଣୁ ଅଗଷ୍ଟ ୧୫ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନଯିବାକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି ।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ । ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ । ରୋଜଗାର ବୃଦ୍ଧି ହେବ । ଜୀବନସାଥୀଙ୍କ ସହଯୋଗ ମିଳିପାରେ । ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ । ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ । ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ । ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ । ନିବେଶ ଲାଗି ଉପଯୁକ୍ତ ସମୟ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ । ଭୁଲ୍ କାମରୁ ଦୂରେଇ ରହିବେ । ପାରିବାରିକ ଜୀବନରେ ସୁଖଶାନ୍ତି ରହିବ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ । କୌଣସି କଥାକୁ ନେଇ ମନ ଉଣା ହୋଇପାରେ ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି । ଗରିବଙ୍କୁ ସାହାଯ୍ୟ କରିବେ । ମାନସିକ ଶାନ୍ତି ମିଳିବ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ । ଅତିଥି ସତ୍କାର କରିପାରନ୍ତି ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ । କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ । କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ । ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ । ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ତୁଳା:** ଦିନଟିରେ ସଫଳତା ମିଳିବ । ପୈତୃକ ବ୍ୟବସାୟରୁ ଲାଭବାନ ହେବେ । ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ । ଆର୍ଥିକ ଲାଭ ମିଳିବ । ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ । କାମରୁ ସଫଳତା ମିଳିବ । ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ । ପ୍ରେମ ସମ୍ପର୍କ ସୁଖମୟ ହେବ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଆୟ ଓ ବ୍ୟୟ ସମାନ ରହିବ ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ । କାମ କରିବାରେ ସକ୍ଷମ ହେବେ ନାହିଁ । କୌଣସି ସମସ୍ୟାରେ ପଡ଼ିପାରନ୍ତି । ନକାରାତ୍ମକ ଚିନ୍ତାଧାର ଦୂର ହେବ । ଅଫିସ ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ ।

**ମକର:** ଧନଲାଭ ଯୋଗ ଅଛି । କୌଣସି କଥାକୁ ନେଇ ବିଚଳିତ ହେବା ବ୍ୟର୍ଥ । ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ କାଟିବେ । ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିପାରେ ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ । ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ । ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ । ବିବାହ ବିଳମ୍ବ ହେବ ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

# ବାନ୍ଧବୀଙ୍କୁ ସଂଜ୍ଞାହୀନ କରି ଦୁଷ୍କର୍ମ

ତେଲକୋଇ, ୧୪।୮ (ସମିସ): ବାନ୍ଧବୀଙ୍କୁ ମାଡ଼ ମାରି ସଂଜ୍ଞାହୀନ କରିବା ପରେ ଦୁଷ୍କର୍ମ ଏବଂ ପରେ ଯୁବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାଡ଼ି ପଳାଇଲା ପୁରୁଷ ବନ୍ଧୁ । କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅଞ୍ଚଳରୁ ଏଭଳି ଏକ ଲଜ୍ଜାଜନକ ଘଟଣା ପଦାକୁ ଆସିଛି । ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ତେଲକୋଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ହୃଦାନନ୍ଦ ପାତ୍ର (୨୨) ନାମକ ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମ ସଂପର୍କ ଥିଲା । ବୁଧବାର ସେ ନିଜର ସ୍ୱାସ୍ଥ୍ୟ ଖରାପ ଥିବା ବାହାନା କରି ତାଙ୍କୁ ଫୋନ୍ କରି ତେଲକୋଇକୁ ଡାକିଥିଲା । ପରେ ସେ ଯୁବତୀଙ୍କୁ ଏକ ଗାଡ଼ିରେ ଦେଉଳଡିହା ରାସ୍ତାର ହାତୀପୋଷ୍ଟର୍ ଆଡ଼କୁ ନେଇ ଯାଇଥିଲା ।



ମେଡିକାଲରେ ଛାଡ଼ି ପଳାଇଲା

ସେଠାରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲା । କିନ୍ତୁ ଯୁବତୀଜଣଙ୍କ ବାରଣ କରିବାରୁ ଏକ ବାଡ଼ିରେ ପିଟି ତାଙ୍କୁ ଲହୁଲୁହାଣ କରିଥିଲା । ପରେ ଯୁବତୀଙ୍କ ପିନ୍ଧିଥିବା ଚୁନୁରିରେ ତାଙ୍କ ବେକକୁ ଜୋରରେ ଭିଡ଼ି ଘୋଷାଡ଼ି ଘୋଷାଡ଼ି ଜଙ୍ଗଲ ମଧ୍ୟକୁ ନେଇ ଯାଇଥିଲା । ଯୁବତୀଜଣଙ୍କ ଚିତ୍କାର କରିବାରୁ ତାଙ୍କ ମୁଣ୍ଡକୁ ଏକ ପଥରରେ ଛେଚି ଦେଇଥିଲା । ଯୁବତୀଜଣଙ୍କ ସଂଜ୍ଞାହୀନ ହୋଇପଡ଼ିବା ପରେ ହୃଦାନନ୍ଦ ତାଙ୍କୁ ଦୁଷ୍କର୍ମ କରିଥିଲା । କିଛି ସମୟ ପରେ ଯୁବତୀଙ୍କ ଚେତା ଫେରିବା ପରେ ସେ ପୁଣି ତାଙ୍କୁ ଦୁଷ୍କର୍ମ ପାଇଁ ଉଦ୍ୟମ କରିଥିଲା । ଭୟଭୀୟ ହୋଇ ପୀଡ଼ିତା ପାଖରେ ଥିବା ଏକ ପୋଲ ତଳକୁ ଯାଇ ଲୁଚି ଯାଇଥିଲେ । କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିବାରୁ ସେ ପୁଣିଥରେ ସଂଜ୍ଞାହୀନ ହୋଇପଡ଼ିଥିଲେ । ତେବେ ହୃଦାନନ୍ଦ ତାଙ୍କୁ ଖୋଜି ବାହାର କରିବା ପରେ ଏକ ସ୍କୁଟିରେ ନେଇ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇବା ପରେ ସେଠାରୁ ପଳାଇଥିଲା । ଯୁବତୀଜଣଙ୍କ ସ୍କୁଟିରୁ ପଡ଼ି ଆହତ ହୋଇଛନ୍ତି ବୋଲି ସେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କହିଥିଲା । ଗଲା ବେଳେ ସେ ଯୁବତୀଙ୍କ ପାଖରେ ଥିବା ୧୧ହଜାର ଟଙ୍କା ଓ ମୋବାଇଲ ନେଇଯାଇଥିଲା ।

# ୧୩ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି

କଟକ, ୧୪।୮ (ସମିସ): ଓଡ଼ିଶା ହାଇକୋର୍ଟ ପକ୍ଷରୁ ୧୩ଜଣ ଜିଲ୍ଲା ଜଜ୍ କ୍ୟାଡର୍‌ର ବିଚାର ବିଭାଗୀୟ ଅଧିକାରୀଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି । ଏହି କ୍ରମରେ ସଞ୍ଜୀବ ଦୁବେଙ୍କୁ ସ୍ୱତନ୍ତ୍ର ବିଚାରପତି, ସିବିଆଇ ଅଦାଲତ ନମ୍ବର ୧, ଭୁବନେଶ୍ୱର, ସତ୍ୟପୀର ମିଶ୍ରଙ୍କୁ କଟକର ବିକ୍ରି କର ଟ୍ରିବ୍ୟୁନାଲର ପ୍ରଥମ ବିଚାର ବିଭାଗୀୟ ସଦସ୍ୟ, ଅନୁପ କୁମାର ଚନ୍ଦନ ବରଗଡ଼ ଜିଲ୍ଲା ଏବଂ ଦୌରାଜଜ୍, ଦୀପ୍ତିରଞ୍ଜନ କାନୁନଗୋଙ୍କୁ ପବ୍ଲିକ୍ ପ୍ରସିକ୍ୟୁସନ୍ ନିର୍ଦ୍ଦେଶକ, ପ୍ରଣମ କୁମାର ରାଉତ ଖରିଆର ଏଡିଜେ, ସରୋଜିନୀ ପତିଙ୍କୁ ଏସ୍.ସି. ଏବଂ ଏସ୍.ଟି (ପିଓ) ଆଇନ ଅନୁଯାୟୀ ସ୍ୱତନ୍ତ୍ର ଅଦାଲତର ପ୍ରିଜାଇଡିଂ ଅଫିସର, ଅଖିଳ କୁମାର ପଶ୍ଚିମକବାଟଙ୍କୁ ବୌଦ୍ଧ ଏଡିଜେ, ସ୍ରୋତସ୍ୱିନୀ କରଙ୍କୁ ନୀଳଗିରି (ନୂତନ) ଏଡିଜେ, ପ୍ରିୟରଞ୍ଜନ ମିଶ୍ରଙ୍କୁ କଟକ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍, ଅଶୋକ କୁମାର ପହିଙ୍କୁ ବାଲେଶ୍ୱର ପରିବାର ଅଦାଲତ ବିଚାରପତି, ଅଞ୍ଜଳି କୁମାରୀ ପାଢ଼ୀଙ୍କୁ ବଲାଙ୍ଗିର ଦ୍ୱିତୀୟ ଅତିରିକ୍ତ ଜିଲ୍ଲାଜଜ୍, ରାଜକିଶୋର ଲେଙ୍କାଙ୍କୁ ଭୁବନେଶ୍ୱର ସିବିଆଇ. ଅଦାଲତ ନମ୍ବର-୨ ସ୍ୱତନ୍ତ୍ର ବିଚାରପତି ଓ ପ୍ରଭାକର ଗଛିଆଙ୍କୁ କୁଚିଣ୍ଡା ଏଡିଜେ ଭାବେ ଅବସ୍ଥାପିତ କରାଯାଇଛି । ଏ ସଂକ୍ରାନ୍ତରେ ଆଜି ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ଅମୂଲ୍ୟ ପ୍ରଧାନ ବୋର୍ଡର ନୂତନ ଉପସଭାପତି

## ପରୀକ୍ଷା ନିୟନ୍ତ୍ରକ ଅମ୍ରିତା ପ୍ରୀତିନନ୍ଦାଙ୍କ ମଧ୍ୟ ବଦଳି

ଭୁବନେଶ୍ୱର, ୧୪।୮ (ସମିସ): ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ରେ ବଡ଼ଧରଣର ଅଦଳବଦଳ କରାଯାଇଛି । ପୂର୍ବରୁ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିବା ନୀହାର ରଞ୍ଜନ ମହାନ୍ତିଙ୍କ ସ୍ଥାନରେ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଥିବା ଅମୂଲ୍ୟ କୁମାର ପ୍ରଧାନଙ୍କୁ ବୋର୍ଡର ନୂତନ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି । ସେହିପରି ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଥିବା ଅମ୍ରିତା ପ୍ରୀତିନନ୍ଦାଙ୍କୁ ମଧ୍ୟ ବଦଳି କରାଯାଇଛି । ତାଙ୍କୁ ଏସ୍‌ଆଇଏଲ୍‌ଟିଟିର ଯୁଗ୍ମ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି । ତାଙ୍କ ସ୍ଥାନରେ ନବରଙ୍ଗପୁର ଏଡିଇଓ ଚକ୍ରଧର ବେହେରାଙ୍କୁ ପରୀକ୍ଷା ଉପନିୟନ୍ତ୍ରକ ଭାବେ ନିଯୁକ୍ତ କରାଯିବା ସହିତ ପରୀକ୍ଷା ନିୟନ୍ତ୍ରକ ଭାବେ ଭାରପ୍ରାପ୍ତ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି । ଅନୁରୂପ ଭାବେ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଫେଜ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମଙ୍କୁ ଏସ୍‌ଆଇଏଲ୍‌ଟିଟିର ସହ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ଜାରି କରାଯାଇଛି । ବହୁ ବର୍ଷରୁ ବୋର୍ଡରେ ଆସ୍ଥାନ ଜମାଇଥିବା ଅଧିକାରୀଙ୍କ ପ୍ରଶ୍ନପତ୍ର ଲିକ୍ ମାମଲାରେ ସମ୍ପୃକ୍ତି ଅଭିଯୋଗ ହେଉଥିବା ବେଳେ ବିଭାଗ ପକ୍ଷରୁ ଏହି ବଡ଼ଧରଣର ବଦଳି କରାଯାଇଛି । ଆଗକୁ ବୋର୍ଡ ସଭାପତିଙ୍କୁ ମଧ୍ୟ କାର୍ଯ୍ୟାନ୍ତର କରାଯାଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି ।

# ନୂଆଁଖାଇ ପର ଦିନ ହାଇକୋର୍ଟ ଛୁଟି

କଟକ, ୧୪।୮ (ସମିସ): ଅଗଷ୍ଟ ୨୯ ତାରିଖ ଶୁକ୍ରବାର ଦିନ ହାଇକୋର୍ଟ ଛୁଟି ରହିବ । ନୂଆଁଖାଇ ପର ଦିନ ଅଗଷ୍ଟ ୨୯ ତାରିଖକୁ ହାଇକୋର୍ଟ ପକ୍ଷରୁ ଛୁଟି ଭାବେ ଘୋଷଣା କରାଯାଇଛି । ଏହା ବଦଳରେ ସେପ୍ଟେମ୍ବର ୨୦ ତାରିଖ ଶନିବାରକୁ ହାଇକୋର୍ଟ ପାଇଁ କାର୍ଯ୍ୟ ଦିବସ ଭାବେ ଘୋଷଣା କରାଯାଇଛି । ଏ ନେଇ ଆଜି ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ଗଣେଶ ପୂଜା ଓ ନୂଆଁଖାଇ ପାଇ ଅଗଷ୍ଟ ୨୭ ଓ ୨୮ ତାରିଖ ହାଇକୋର୍ଟ ଛୁଟି ଥିଲା ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ ଜେଲ୍

କଟକ,୧୪।୮ (ସମିସ): ଜନୈକା ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗ ମାମଲାରେ ମାହାଙ୍ଗା ଥାନା ଅନ୍ତର୍ଗତ ଅଞ୍ଚଳର ରଞ୍ଜିତ ଜେନା ଓରଫ ବୁଟୁନା(୨୪)କୁ ୨୦ ବର୍ଷ ଜେଲ ଦଣ୍ଡ ପ୍ରଦାନ କରିଛନ୍ତି କଟକ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକସୋ ଅଦାଲତ । ଅଦାଲତ ଆଇପିସିର ଦଫା ୩୬୩, ୩୭୬(୩) ଓ ପୋକସୋ ଆଇନର ଧାରା ୪ରେ ରଞ୍ଜିତକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡ ପ୍ରଦାନ କରିଛନ୍ତି । ଏଥି ସହିତ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ ଗତ ୨୦୨୩, ଡିସେମ୍ବର ୧୦ ତାରିଖ ଅପରାହ୍ନ ୪ଟାରେ ୧୩ ବର୍ଷିୟା ପୀଡ଼ିତା ଅନ୍ୟ ଜଣେ ସାଙ୍ଗ ସହିତ ଟିଉସନ ଯାଇ ଆଉ ଘରକୁ ନଫେରିବାରୁ ପରଦିନ ପୀଡ଼ିତାଙ୍କ ମା ସଦର ଥାନାରେ ଏ ନେଇ ଏତଲା ଦେଇଥିଲେ । ସଦର ଥାନା ପୁଲିସ ଏତଲା ପଞ୍ଜୀକରଣ କରିବା ପରେ ତଦନ୍ତ ସମୟରେ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା । ପୀଡ଼ିତାଙ୍କୁ ରଞ୍ଜିତ ଅପହରଣ କରିବା ପରେ ଏକ ସ୍ଥାନରେ ରଖି ଦୁଷ୍କର୍ମ କରିଥିବା ତଦନ୍ତ ବେଳେ ଜଣା ପଡ଼ିଥିଲା । ପୁଲିସ ରଞ୍ଜିତକୁ ଗିରଫ କରିଥିଲା ବେଳେ ଗତ ୨୦୨୪, ମାର୍ଚ୍ଚ ୧୪ରେ ଅଭିଯୁକ୍ତ ବିରୋଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା । ଏହି ମାମଲାରେ ମେ ୮ରେ ଅଭିଯୁକ୍ତଙ୍କ ବିରୋଧରେ ଅଦାଲତ ଚାର୍ଜଫ୍ରେମ କରିଥିଲେ । ଅଦାଲତରେ ମାମଲାର ଶୁଣାଣି ବେଳେ ପୀଡ଼ିତା, ଏତଲାକାରୀଙ୍କ ସମେତ ୯ଜଣଙ୍କ ପ୍ରସିକ୍ୟୁସନ ତରଫରୁ ସାକ୍ଷ୍ୟ ଗ୍ରହଣ କରାଯାଇଥିଲାୟ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ ।

# ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସହ ଗଣଶିକ୍ଷା ସଚିବଙ୍କ ଆଲୋଚନା

ଭୁବନେଶ୍ୱର, ୧୪।୮ (ସମିସ): ଶିକ୍ଷା ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ ଆଜି ଆଲୋଚନା କରିଛନ୍ତି । ଆଲୋଚନା ମଧ୍ୟରେ ୨୦୦୪ ରୁ ୨୦୧୪ ମଧ୍ୟରେ ନିଯୁକ୍ତ ଶିକ୍ଷକଙ୍କ ୬ ବର୍ଷର ଚୁକ୍ତି ଅବଧିକୁ ନିୟମିତ ଭାବେ ଗଣନା କରି ୬ଟି ନେସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏହାପରେ ଅର୍ଥ ବିଭାଗର ଅନୁମୋଦନ ପାଇଁ ପଠାଯିବ ବୋଲି ସଚିବ କହିଛନ୍ତି । ସେହିପରି ୧୯୯୩ ମସିହା କ୍ୟାଡର୍ ଉଚ୍ଛେଦ କରିବା ପାଇଁ ଡ୍ରାଫ୍ଟ କାର୍ଯ୍ୟ ସରିଛି; ଖୁବ୍‌ଶୀଘ୍ର ସମସ୍ତ ଟିଜି, ହିନ୍ଦୀ, ସଂସ୍କୃତ ଏବଂ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ପାଇଁ ଏକାବେଳେ ଲାଗୁ କରାଯିବ । ବିଶେଷ କରି ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନେ ମଧ୍ୟ ପ୍ରଧାନ ଶିକ୍ଷକ ହୋଇପାରିବେ ବୋଲି ସଚିବ ସୂଚନା ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି । ଅନୁରୂପ ଭାବେ ପ୍ରୋମସନ୍ ପାଇଁ ଗ୍ରେଡେସନ୍ ଲିଷ୍ଟ ଦୁଇସପ୍ତାହ ମଧ୍ୟରେ ପ୍ରକାଶ ପାଇବ । ବଦଳି ସୁବିଧା ଯଥା ଟିଜି, ହିନ୍ଦୀ, ସଂସ୍କୃତ ଏବଂ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ଦମ୍ପତି ବଦଳି, ଏକାଧିକ ଥର ସହମତି ବଦଳିକୁ ଅଗ୍ରାଧିକାର ଦିଆଯିବ । ସ୍ୱାସ୍ଥ୍ୟ ବୀମା ପ୍ରଦାନ ସହ ୨୦୧୬ ବ୍ୟାଚ୍ ଶିକ୍ଷକଙ୍କ ବକେୟା ପାଉଣା, ଓଏସ୍ଏସ୍‌ଟିଇଟି ପାସ୍ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିୟମିତ କରିବା, ଟିଜି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ୪୬୦୦ ଗ୍ରେଡ୍ ପେ, ବିଏ ବିପିଇଡି ଓ ସିପିଇଡି ଉତ୍ତୀର୍ଣ୍ଣଙ୍କୁ ୪୨୦୦ ଗ୍ରେଡ୍ ପେ ସହ ପୁରୁଣା ପେନସନ୍ ପରି ମୋଟ୍ ୧୩ଟି ଦାବି ଉପରେ ଆଲୋଚନା ହୋଇଥିବା ସଙ୍ଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଆଲୋଚନାରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କେରକେରାଙ୍କ ସମେତ ସଂଘର ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ ବିଶ୍ୱାଳ ଓ ବହୁ ଅଧିକାରୀ ଉପସ୍ଥିତ ଥିଲେ ।


GOVT OF ODISHA O-564

OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH

At/Po- Nabaghanpur, Dist.- Nayagarh, ph-06753-252049, Email: nayagarhrw2006@yahoo.in

No. Tender Online Nayagarh Divn. 03/2025-26, Date 06.08.2025

e-Procurement Notice

1. Name of the work : Building works.
2. Total No. of Projects : 05(Five) Nos of projects
3. Class of contractor
   a) Estimated cost above Rs. 20.00 Lakhs & up to Rs.3.00 Crore — B Class ( of Odisha PWD) or relevant class of other licensing authorities.
   b) Estimated cost up to Rs. 40.00 Lakhs — C Class( of Odisha PWD) or relevant class of other licensing authorities
   c) Estimated cost up to Rs. 20.00 Lakhs — D Class ( of Odisha PWD) or relevant class of other licensing authorities.
4. Estimated cost put to tender: Rs.13.12 Lakhs to Rs.24.70 lakhs
5. Time for completion : 04(Four) & 03(Three) calendar month.
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No:-Tender – Online – Divn. NAYAGARH – 03/2025-26 | 21.08.2025 at 10.00 A.M | 04.09.2025 upto 5.30 P.M. | 06.09.2025 at 11.00 A.M |

Further details can be seen from the website www.tendersorissa.gov.in

OIPR-25106/11/0031/2526

Executive Engineer
Rural Works Division, Nayagarh



**AFFIDAVIT**

By virtue of an affidavit sworn before Executive Magistrate, Angul on dtd.02.08.2025, I Shreekanta Tripathy, S/o- Sheshadev Tripathy, At/Po./Ps./Dist.-Balangir- 767001 state that, I have changed my name from **Shrikant Tripathy** to **Shreekanta Kumar Tripathy**. Hence I shall be known as **Shreekanta Kumar Tripathy** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, PURI, dated 11/08/2025. I P.SONY RAO, Address JARAKATA SAHI,PURI declare that I have changed the name of my daughter from P.AISHWARAYA RAO to P NIHARIKA Henceforth,she shall be known as P **NIHARIKA** for all purposes.

P NIHARIKA

**AFFIDAVIT**

By virtue of an affidavit Sl No. 466, dtd- 5/8/2025 before the Executive Magistrate, Bisoi, Mayurbhanj. I, Saibu Soren, S/o Prasad Soren, resident of Vill-Jodia, Po- Sunajodia Ps- Bisoi, Dist- Mayurbhanj declare that in my Aadhar Card No. 7549 9427 5848 my name has been wrongly mentioned as Sana Saibu Soren instead of Saibu Soren. Now I want to change my name in the said Aadhaar Card. Henceforth, I am known as **Saibu Soren** in all purposes.

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.08.2025, I Anu Nayak resident of Harijana Basti, Near Durga Mandap, Unit-6, Bhubaneswar, Dist- Khorda, Odisha, PIN-751001, declare that I have changed my name from Anu Dei to Anu Nayak. Henceforth I shall be known as **ANU NAYAK** for all purposes.

**AFFIDAVIT**

I, Kala Das Mohapatra, W/o – Lalatendu Das Mohapatra, resident of 35, Park Tower Apartment, Unit 6, Bhubaneswar-751001 declare by this affidavit No 21 dated 6.8.2025 that now onwards I shall be known as Kala Pattnaik for all future purposes.

**AFFIDAVIT**

I, Sanatana Sethi, age about 49 years, S/o- Nirakar Sethi, resident of Plot No. 173, Nuasahi, Siripur, Near City Womens College, Bhubaneswar, Dist- Khordha, PIN- 751003, Odisha declared by this affidavit No. 1633, dated- 13.08.2025 that now onwards I shall be known as **SANATAN SETHI** for all future purposes.

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.08.2025, I Lily Raj resident of Suliapada, Guhaldiha, Po-Baghra, Dist-Mayurbhanj, Odisha, PIN-757022, declare that I have changed my name from Lily Majhi to Lily Raj. Henceforth I shall be known as **LILY RAJ** for all purposes.

**Notice (for Minor)**

By virtue of an affidavit sworn before Executive Magistrate, Begunia, dated 31.07.2025 I, Balaji Sahoo, Address At-Bagalpur,Po-Chakapada,Ps-Begunia,Dist-Khurda,Pin-752062 declare that I have changed the name of my son from Abhikit Sahoo to Abhijit Sahoo. Henceforth, he shall be known as Abhijit Sahoo for all purposes.

Balaji Sahoo

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, Affidavit No-103, on dated 11.08.2025, I Rama Krushna Padhy resident of S-3/563, Niladri Vihar, Near Pump House, Chandrasekharpur, Bhubaneswar, Dist- Khurdha, Odisha, PIN-751021, declare that I have changed the name of my Son from Ayusman Padhy to Ayushman Padhy . Henceforth, he shall be known as **AYUSHMAN PADHY** for all future purposes.

**AFFIDAVIT**

I, Kalandi Charan Sahoo, S/o- Pahali Sahoo, resident of Alana, Alanahat, Naugaon, Dist-Jagatainghpur, PIN-754107, Odisha declared by this affidavit No. 650, dtd- 12/08/2025 that now onwards I shall be known as **KALANDI SAHOO** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Umerkote, Nabarangpur, I Chinmayi Bachhar, W/o- Sekhar Bachhar resident of Vill.- Anchala, Po.- Ekamba, Ps.- Umerkote, Dist.- Nabarangpur, Odisha state that, I have changed my name from **CHINMAYEE BAIDYA** to **CHINMAYI BACHHAR**. Hence I shall be known as **Chinmayi Bachhar** for all future purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-MSDAC-487, ତା.07.08.2025ରିଖ

କାର୍ଯ୍ୟର ନାମ: 36 ମାସ ନିମନ୍ତେ SIEMENS ଦ୍ୱାରା ନିର୍ମିତ ମଲ୍ଟି ସେକ୍ସନ ଡିଜିଟାଲ ଏକ୍ସିଲ କାଉଣ୍ଟର ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

ଟେଣ୍ଡର ମୂଲ୍ୟ (₹): 70,51,290.12, EMD (₹): 1,41,000.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (₹): 5,900.00 ।

ବିକ୍ରି ଆରମ୍ଭ ହେବା ତାରିଖ : ତା.15.08.2025ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.08.2025 ରିଖ 1100 ଘଣ୍ଟିକାରେ ।

[illegible] www.ireps.gov.in [illegible]

PR-468/Q/25-26

**AFFIDAVIT**

By virtue of an affidavit before Executive Magistrate, Cuttack, Odisha.I, Adaitya Kumar Sahoo, S/o- Late Krushna Chandra Sahoo, Plot No-307/487, Paradipgarh, Jagatsinghpur, stated that in the MBPY book my name wrongly mentioned as Adwaita Sahoo instead of Adaitya Kumar Sahoo. So I declared by this affidavit dated 11 Aug 2025, Adwaita Sahoo and Adaitya Kumar Sahoo is one and same person. I shall be known as Adaitya Kumar Sahoo for all further purposes.

Sd/-Adaitya Kumar Sahoo.

**AFFIDAVIT**

I, Shek Azad, S/o- Sk Akbar, resident of At-Kanheipur, Po-Bhagatpur, Kotasahi, Dist- Cuttack, PIN-754022, Odisha declared by this affidavit No. 649, dtd-12/08/2025 that now onwards I shall be known as **SK AZAD** for all future purposes.

**AFFIDAVIT**

I, Shek Akbar, S/o- Sk Abdul Jabar, resident of Haladidiha, Bhadrak, Dist- Bhadrak, PIN-756100, Odisha declared by this affidavit No. 653, dtd-13/08/2025 that now onwards I shall be known as **SK AKBAR** for all future purposes.

**AFFIDAVIT**

I, Pritishree Chuadhary, D/o-Ramesh Chandra Panda, resident of H.N-81, Ramahari Nagar 2nd lane, Near Jenana Hospital, Brahmapur Sadar, Po-Berhampur, Dist- Ganjam, PIN- 760001, Odisha declared by this affidavit No. 654, dtd- 13/08/2025 that now onwards I shall be known as **PRITISHREE PANDA** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-10/08/2025. I, **Laxmipriya Sahoo** (new name) formerly called as **Rajani Sahu** (old name), W/o Bijaya Sahoo, Permanent resident of At-Habaleswar, P.O. Dimiria, P.S. Nandipada, Dist- Keonjhar (Odisha), PIN- 756121 now residing at the same place affirm that I have changed my name from **Rajani Sahu** (old name) to **Laxmipriya Sahoo** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Laxmipriya Sahoo** (new name).

Laxmipriya Sahoo

**AFFIDAVIT**

By virtue of an affidavit before The Notary Public, Titilagarh, on dated-04/08/2025. I, **Jhara Rana** (new name) formerly called as **Tilattama Rana** (old name), W/o Tulasiram Rana, Permanent resident of At-Patharla, P.O. Kholan, P.S. Titilagarh, Dist- Balangir (Odisha), PIN- 767066 now residing at the same place affirm that I have changed my name from **Tilattama Rana** (old name) to **Jhara Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Jhara Rana** (new name).

Jhara Rana

# ସମ୍ପାଦକୀୟ



ଆମର ପ୍ରକୃତ ଶତ୍ରୁ ବାହ୍ୟଶକ୍ତି ନୁହେଁ, ବରଂ ଆମ ଅନ୍ତର୍ନିହିତ ଦୁର୍ବଳତା।
-ଶ୍ରୀଅରବିନ୍ଦ

ସକାଳ THE SAKALA

## ସ୍ୱାବଲମ୍ବନର ଜୟଗାନ

ଆମେ ଆଜି ଏଭଳି ଏକ ସମୟରେ ୭୯ତମ ସ୍ୱାଧୀନତା ଦିବସ ପାଳନ କରୁଛୁ, ଯେତେବେଳେ ଦେଶର ସାର୍ବଭୌମତ୍ୱ ଓ ସ୍ୱାଭିମାନ ପ୍ରତି ପୁଣି ଏକ ବିଶାଳ ଆହ୍ୱାନ ସୃଷ୍ଟି ହୋଇଛି। ପ୍ରାୟ ତିନିମାସ ତଳେ ଆମେ ପାରମ୍ପରିକ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ସହିତ ଅଘୋଷିତ ଯୁଦ୍ଧର ସମ୍ମୁଖୀନ ହୋଇଛୁ, ଅଥଚ ସୀମାରେ ତିନିରାଷ୍ଟ୍ର ଚୀନ୍-ପାକିସ୍ତାନ-ତୁର୍କୀ ସାମରିକ ଶକ୍ତିର ମୁକାବିଲା କରିଛୁ। ଅସ୍ତ୍ରବିରତିର ଶ୍ରେୟ ଦାବି କରୁଥିବା ଆମେରିକାର ଅହଂକୁ ସ୍ୱୀକୃତି ନ ଦେବାର ପରିଣାମ ସ୍ୱରୂପ ଆମେ ସେହି ହିତଶତ୍ରୁ ରାଷ୍ଟ୍ରର ବାଣିଜ୍ୟ ଶୁଳ୍କ ଆକ୍ରମଣର ସମ୍ମୁଖୀନ ହୋଇଛୁ। ହୁଏତ ଏହାର ସୁଦୂରପ୍ରସାରୀ ଓ ବହୁମୁଖୀ ପ୍ରଭାବକୁ ପ୍ରତିହତ କରିବା ଲାଗି ଭାରତକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। ତଥାପି ଆମେ ପ୍ରସ୍ତୁତ ଅଛୁ। ସ୍ୱାଧୀନତାର ଅମୃତକାଳ ଯାତ୍ରାର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସବୁ ଆହ୍ୱାନକୁ ପ୍ରତିହତ କରିବାର ଦର୍ପ ଓ ଦମ୍ଭ ସହ ଆମେ ଆଜି ଆମ ସ୍ୱାଧୀନ-ସାର୍ବଭୌମ, ବୀରତ୍ୱ-ବଳିଦାନ, ପ୍ରଗତି-ପ୍ରେରଣାର ପ୍ରତୀକ ତ୍ରିରଙ୍ଗା ତଳେ ସଗର୍ବେ ଏକାଠି ହୋଇ ସ୍ୱାଧୀନତା-ସ୍ୱାବଲମ୍ବନ-ସ୍ୱାଭିମାନର ଜୟଗାନ କରୁଛୁ।

ଆଜି ଆମେ ତ୍ରିରଙ୍ଗା ତଳୁ ବିଦେଶୀ ଅହଂକାରୀ ଶକ୍ତିଙ୍କୁ ଏହି ବାର୍ତ୍ତା ଦେବାକୁ ଚାହୁଁ ଯେ ଭାରତ ଆଉ ଏବେ ୧୯୫୦-୬୦ କାଳଖଣ୍ଡରେ ସୀମାବଦ୍ଧ ନାହିଁ। ଅସହାୟତା ଓ ବାଧ୍ୟବାଧକତାର ଶିକୁଳି ଛିଣ୍ଡାଇ ଭାରତ ଏବେ ମହାଶକ୍ତିର ମୁକ୍ତବିହଙ୍ଗ ରୂପେ ବିଶ୍ୱଅତିକ୍ରମଣ କରିବାର କ୍ଷମତା ରଖିଛି। ଯେଉଁ ଆମେରିକା ଦିନେ ଭାରତକୁ ମାଗଣା ଦାନା ଦେଉଥିବାର ଗର୍ବ କରୁଥିଲା ଆଜି ସେହି ରାଷ୍ଟ୍ର ଭାରତର କୃଷି ଓ କୃଷକଙ୍କ ଉତ୍କର୍ଷରେ ଈର୍ଷାନ୍ୱିତ ଓ ଭୟଭୀତ ଏବଂ ଭାରତୀୟ କୃଷି ବଜାରରେ ପ୍ରବେଶ କରିବାକୁ ବ୍ୟାକୁଳ। ଭାରତର ଶ୍ରୀଅନ୍ନ ବା ମିଲେଟ୍ ଆଜି ଜାତିସଂଘରେ ସ୍ୱତନ୍ତ୍ର ସ୍ଥାନ ଓ ସମ୍ମାନର ଅଧିକାରୀ ଏବଂ କ୍ଷୁଧାମୁକ୍ତ ବିଶ୍ୱ ଗଠନରେ ପ୍ରମୁଖ ଭାଗିଦାରୀ। ଗୁଳିଗୋଳା ଓ ଅସ୍ତ୍ରଶସ୍ତ୍ର ଅଭାବରୁ ୧୯୬୨ରେ ଚୀନ୍ ଆଗରେ ଏକପ୍ରକାର ଆତ୍ମସମର୍ପଣ କରିଦେଇଥିବା ଭାରତ ଏବେ ବିକଶିତ ରାଷ୍ଟ୍ରଙ୍କୁ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରିପାରୁଛି। ନେଭିଗେସନ୍ ଓ ଜିପିଏସ୍ ସୂଚନା ସହାୟତା କ୍ଷେତ୍ରରେ ଆମେରିକାର ଅସହଯୋଗରୁ କାରଗିଲ୍ ଯୁଦ୍ଧରେ ପ୍ରଭୂତ କ୍ଷତି ସହିଥିବା ଭାରତ ଏବେ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳ ଅବତରଣ କରିବାର ବିରଳ ରେକର୍ଡ ପ୍ରତିଷ୍ଠା କରିଛି; ଉପଗ୍ରହ ପ୍ରେରଣରେ ବିଶ୍ୱ କୀର୍ତ୍ତିମାନ ସ୍ଥାପନା କରିଛି; ସୂର୍ଯ୍ୟଙ୍କୁ ନିକଟକୁ ଯିବାର ଦୁର୍ବାର ସାହସ କରିଛି ଏବଂ ଗଗନଯାନ ପାଇଁ ନିଜକୁ ପ୍ରସ୍ତୁତ କରୁଛି।

୧୯୫୦ ଦଶକରେ ଗୋଷ୍ଠୀ ନିରପେକ୍ଷ ଭୂମିକା ତୁଲାଇଥିବା ଭାରତ ଏବେ ଦକ୍ଷିଣ ବିଶ୍ୱର ନେତୃତ୍ୱ ନେଉଛି; ଜି-୨୦ର ଅଧ୍ୟକ୍ଷତା କରିଛି ଏବଂ ଆଗାମୀ ଦିନରେ ଅଲିମ୍ପିକ୍ ଓ ଜଳବାୟୁ ଶିଖର ସମ୍ମିଳନୀ ଆୟୋଜନ ଲାଗି ରୂପରେଖ ପ୍ରସ୍ତୁତ କରୁଛି। ସ୍ୱାଧୀନ-ସ୍ୱୟଂକ୍ରିୟ-ନୀତି ନିର୍ଦ୍ଧାରକ ଭାରତ ଆଉ ଏବେ କାହା ଅନୁମତି ଭିକ୍ଷା କରିବା ସ୍ଥିତିରେ ନାହିଁ। ବିଶ୍ୱର ପରିବର୍ତ୍ତିତ ବହୁଧ୍ରୁବୀୟ ଭୂରାଜନୈତିକ ସମୀକରଣରେ ଭାରତର ଅଭ୍ୟୁଦୟ ଅନ୍ୟମାନଙ୍କ ପାଇଁ ଈର୍ଷଣୀୟ ହୋଇଛି; ଅଥଚ ଭାରତର ସାର୍ବଭୌମତା, ଅଖଣ୍ଡତା ଓ ଏକତା ତା'ର ଶକ୍ତିରେ ରୂପାନ୍ତରିତ ହୋଇଛି। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି। ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ, ଯାହାର ସିଂହଭାଗ ଯୁବଶକ୍ତି। ଏହି ଜନସାଂଖ୍ୟିକ ବିସ୍ଫୋରଣ ବିଶ୍ୱ ବୈଷୟିକ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ଆମେରିକାର ବୃହତ୍ ଆଇଟି ହବ୍ ସିଲିକନ୍ ଭ୍ୟାଲି ଭାରତୀୟ ମେଧା ଭରସାରେ ଚାଲିଛି। ମାଇକ୍ରୋସଫ୍ଟ, ଗୁଗୁଲ୍, ଆଡୋବ୍‌ର ମୁଖ୍ୟ ଭାରତୀୟ ବଂଶୋଦ୍ଭବ। ଭାରତରେ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଯଥାକ୍ରମେ ୧୦୦ କୋଟି ଓ ୯୦ କୋଟି। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଅନ୍‌ଲାଇନ୍ ଆର୍ଥିକ ଦେଣନେଣ ମାଧ୍ୟମ 'ୟୁପିଆଇ' ଆମେରିକାର ଭିଜା ଓ ମାଷ୍ଟରକାର୍ଡକୁ ଟକ୍କର ଦେଉଛି। ଏହି ସଫଳତା ସ୍ୱାଧୀନତା ପରବର୍ତ୍ତୀ ଦୀର୍ଘକାଳୀନ ନିରନ୍ତର ଯୋଜନାବଦ୍ଧ ପ୍ରୟାସର ପ୍ରତିଫଳନ। ଭାରତ ବର୍ତ୍ତମାନ ସେମିକଣ୍ଡକ୍ଟର, ଏଆଇ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ, ସବୁଜ ଶକ୍ତି ନିଜସ୍ୱ ଜ୍ଞାନକୌଶଳରେ ବିକଶିତ କରି ବିଶ୍ୱରେ ନିଜକୁ ପ୍ରତିଯୋଗୀକ୍ଷମ ହୋଇପାରିଛି। 'ମେକ୍ ଇନ୍ ଇଣ୍ଡିଆ' କେବଳ ଏକ ସ୍ଲୋଗାନ୍ ହୋଇ ରହିନାହିଁ, ଗୁଗୁଲ୍, ଆପଲ୍, ଟେସ୍‌ଲା ଭଳି କମ୍ପାନୀଙ୍କୁ ଭାରତରେ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ଆକୃଷ୍ଟ କରିଛି। ନିର୍ମାଣ ଓ ଯୋଗାଣରେ ଭାରତ ଏବେ ଚୀନ୍‌ର ବିକଳ୍ପ ଭାବେ ଉଭା ହୋଇଛି। ଏହା ନିଶ୍ଚିତ ଭାବେ ତ୍ରିରଙ୍ଗା ତଳେ ସ୍ୱାବଲମ୍ବନ ଓ ସ୍ୱାଭିମାନର ଜୟଗାନ କରିବାର ମହାର୍ଘ ମୁହୂର୍ତ୍ତ।

ସବୁଠାରୁ ବଡ଼ କଥା ହେଉଛି ସାମ୍ପ୍ରତିକ ଭୂ-ରାଜନୈତିକ ସମୀକରଣରେ ଉତ୍ତର-ଦକ୍ଷିଣ ବିଶ୍ୱ ଖେଳରେ ଭାରତ ଆଉ ଏକ ମୋହରା ହୋଇନାହିଁ କି କାହାର ଧମକ କିମ୍ବା ଚାପରେ ନିଷ୍ପତ୍ତି ନେଉନାହିଁ। ଭାରତ ବଶମ୍ବଦ ହେବା ପରିବର୍ତ୍ତେ ପ୍ରତିସ୍ପର୍ଦ୍ଧାର ଆସ୍ପର୍ଦ୍ଧା ରଖୁଛି ଏବଂ ନିଜକୁ ବିଶ୍ୱର ମହାଶକ୍ତି ରୂପେ ଉପସ୍ଥାପିତ କରିପାରିଛି। ଭାରତର ବିଶାଳ ଉପଭୋକ୍ତା ବଜାର ଏହାର ଶକ୍ତି, ଯାହା ଆମେରିକୀୟ ଶିଳ୍ପପତି ଏପରିକି ରାଷ୍ଟ୍ରପତିଙ୍କୁ ମଧ୍ୟ ଟାଣି ଆଣିପାରୁଛି। ଭାରତୀୟ ମୁଦ୍ରା 'ଟଙ୍କା'ର ବିଶ୍ୱାୟନ ଆରମ୍ଭ ହୋଇସାରିଛି, ଯାହା ଡଲାର ଆଧିପତ୍ୟକୁ ସଂକୁଚିତ କରିବାର ଅପାର ସମ୍ଭାବନା ସୃଷ୍ଟି ହୋଇ ଆମେରିକାକୁ ଭୟଭୀତ କରିଛି।

ବହୁମତ, ବହୁ ପନ୍ଥ, ବହୁ ବାଦ ଓ ବିବିଧ ସଂସ୍କୃତି ଭିତରେ ଭାରତର ସାର୍ବଭୌମତ୍ୱର ଶକ୍ତି ହେଉଛି ଏହାର ଏକତା, ଯାହାକୁ ନେଇ ପ୍ରତିଟି ଭାରତୀୟ ଗର୍ବିତ ଓ ଗୌରବାନ୍ୱିତ। ଶାନ୍ତି, ସଂଯମ, ଭ୍ରାତୃତ୍ୱ ଆଦି ଅତିମାନବୀୟ ଗୁଣ ଭାରତର ଜନ୍ମଗତ। ଅହିଂସାର ଜନ୍ମଦାତା ଭାରତ 'ବସୁଧୈବ କୁଟୁମ୍ବକମ୍'ର ଉଦ୍‌ଘୋଷକ। ତେଣୁ ଭାରତର ସାର୍ବଭୌମ ଓ ଅଭ୍ୟୁଦୟ ଅନ୍ୟ ପାଇଁ ଆତଙ୍କ ଓ ବିପଦର ସଂକେତ ନୁହେଁ, ବରଂ ସ୍ୱାବଲମ୍ବନର ସନ୍ଦେଶ। ଯୁଦ୍ଧଖୋର ବିଶ୍ୱରେ ଭାରତ ଭ୍ରାତୃତ୍ୱର ବାର୍ତ୍ତାବହ। ଅତିମାନବିକତାର ଏହି ବିଶାଳ ଭିତ୍ତି ଉପରେ ପ୍ରଗତିର ପ୍ରତୀକ ତ୍ରିରଙ୍ଗା ତଳେ ଏକତାର ମହାମନ୍ତ୍ରରେ ଦୀକ୍ଷିତ ହୋଇ ଭାରତୀୟତାର ଜୟଗାନ କରିବା ଲାଗି ଏହା ହିଁ ଶ୍ରେଷ୍ଠ ଅବକାଶ।

## ସମ୍ମାନ ଓ ପ୍ରେରଣାର ତ୍ରିରଙ୍ଗା

ପ୍ରହଲାଦ କୁମାର ସିଂହ

ସାହସ, ତ୍ୟାଗ, ସତ୍ୟ, ଶାନ୍ତି, ବିଶ୍ୱାସ, ବୀରତ୍ୱ, ପ୍ରଗତି ଓ ପ୍ରେରଣାର ଅଫୁରନ୍ତ ଉତ୍ସ ଆମ ତ୍ରିରଙ୍ଗା। ସ୍ୱାଧୀନତା, ସ୍ୱଦେଶୀ, ସ୍ୱାଭିମାନ, ସମ୍ମାନ, ସ୍ୱାବଲମ୍ବନ, ସାର୍ବଭୌମତ୍ୱର ଅମୃତ ସନ୍ଦେଶ ଦେଇ ଆସୁଥିବା ଆମ ଜାତୀୟ ପତାକା ତ୍ରିରଙ୍ଗା ପଛରେ ରହିଛି ହଜାର ହଜାର ସହିଦଙ୍କ ବଳିଦାନ ଏବଂ ଲକ୍ଷଲକ୍ଷ ସଂଗ୍ରାମୀଙ୍କ କାରା ଓ ନିର୍ଯାତନା ବରଣର ଇତିହାସ।

ସ୍ୱାମୀ ବିବେକାନନ୍ଦଙ୍କ ପଟ୍ଟଶିଷ୍ୟା ଭଗିନୀ ନିବେଦିତା ୧୯୦୫ ମସିହାରେ ଭାରତ ପାଇଁ ଏକ ବର୍ଗାକୃତିର ନାଲି ପତାକା ତିଆରି କରିଥିଲେ। ଏହି ପତାକାର ଚାରିପଟର ଥିବା ଧଡ଼ିରେ ରହିଥିଲା ୧୦୮ଟି ପ୍ରଜ୍ୱଳିତ ଜ୍ୟୋତି ଓ ମଧ୍ୟଭାଗରେ ଶୋଭା ପାଉଥିଲା ଦେବରାଜ ଇନ୍ଦ୍ରଙ୍କ ବଜ୍ର। ବଜ୍ରର ଦୁଇପାର୍ଶ୍ୱରେ ବଙ୍ଗଳା ଭାଷାରେ ଲେଖାଥିଲା 'ବନ୍ଦେ ମାତରମ୍'। 'ବଙ୍ଗ ଭଙ୍ଗ ଆନ୍ଦୋଳନ' ସମୟରେ ବିପ୍ଳବୀମାନେ ୧୯୦୬ ମସିହା ଅଗଷ୍ଟ ୭ ତାରିଖରେ କଲିକତାର ଏକ ପାର୍କରେ ତିନି ରଙ୍ଗ ଥିବା ଏକ ପତାକା ଉଡ଼ାଇଥିଲେ। ଏହି ପତାକାର ଉପର ଅଂଶଟି ନୀଳ, ମଧ୍ୟଭାଗ ହଳଦିଆ ଓ ତଳପଟଟି ଲାଲ ବର୍ଣ୍ଣର ଥିଲା। ନୀଳ ଅଂଶରେ ୮ଟି ପଦ୍ମଫୁଲ, ଲାଲ ଅଂଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଛବି ଏବଂ ମଝିରେ ଥିବା ହଳଦିଆ ଅଂଶରେ ଲେଖାଯାଇଥିଲା 'ବନ୍ଦେ ମାତରମ୍'। ବିପ୍ଳବୀ ସତ୍ୟେନ୍ଦ୍ର ନାଥ ବୋଷ ଏହି ପତାକାର ସ୍ରଷ୍ଟା ବୋଲି କୁହାଯାଏ।

୧୯୦୭ ଅଗଷ୍ଟ ୨୨ ଆମ ପତାକାର ଇତିହାସରେ ଏକ ଅବିସ୍ମରଣୀୟ ଦିବସ। ଜର୍ମାନୀର ଷ୍ଟଟ୍‌ଗାର୍ଟ ସହରରେ ଅନୁଷ୍ଠିତ 'ଆନ୍ତର୍ଜାତିକ ସମାଜବାଦୀ କଂଗ୍ରେସ' ଅବସରରେ କାଥିଆବାଡ଼ର ଜଣେ ବିପ୍ଳବିନୀ ପାର୍ସି ମହିଳା ମାଡାମ୍ ଭିକାଜୀ ରୁସ୍ତମ କାମା ଜର୍ମାନୀ ମାଟିରେ ଇଂରେଜମାନଙ୍କ ପ୍ରଚଣ୍ଡ ବିରୋଧ ସତ୍ତ୍ୱେ ତାଙ୍କ ପ୍ରସ୍ତୁତ ଭାରତର ଜାତୀୟ ପତାକା ଉତ୍ତୋଳନ କରି ଅଗ୍ନିବର୍ଷୀ ଭାଷଣ ଦେଇ ଭାରତର ସ୍ୱାଧୀନତା ଓ ତା' ମାଧ୍ୟମରେ ବିଶ୍ୱର ଅନ୍ୟରାଷ୍ଟ୍ରର ମୁକ୍ତି ପାଇଁ ବିଶ୍ୱବାସୀଙ୍କ ସହଯୋଗ ଲୋଡ଼ିବା ସହ ପତାକାକୁ ସମସ୍ତେ ସମ୍ମାନ ଓ ସମର୍ଥନ ପ୍ରଦର୍ଶନ କରିବାକୁ ନିବେଦନ ରଖିଥିଲେ। ମାଡାମ୍ କାମାଙ୍କ ପତାକା ବି ଥିଲା ତ୍ରିରଙ୍ଗା। ଏହାର ଉପର ଅଂଶଟି ସବୁଜ, ମଧ୍ୟଭାଗ ହଳଦିଆ ଓ ନିମ୍ନ ଅଂଶ ଲାଲ ଥିଲା। ସବୁଜ ରଙ୍ଗର ପଟି ଉପରେ ୮ଟି ପଦ୍ମଫୁଲ, ଲାଲ ରଙ୍ଗ ଉପରେ ସୂର୍ଯ୍ୟ, ଚନ୍ଦ୍ର ଓ ତାରାଙ୍କ ଛବି ଏବଂ ହଳଦିଆ ରଙ୍ଗ ଉପରେ ଲେଖାଥିଲା 'ବନ୍ଦେ ମାତରମ୍'। ୧୯୧୬ ମସିହାରେ ଗଠିତ 'ଇଣ୍ଡିଆନ ଲିଗ୍' ପକ୍ଷରୁ ମଧ୍ୟ ଏକ ପତାକା ଉତ୍ତୋଳନ କରାଯାଇଥିଲା। ୧୯୧୭ରେ ଆନିବେଶାନ୍ତ ଆଉ ଏକ ପତାକା ସୃଷ୍ଟି କଲେ। ଏଥିରେ ୫ଟି ଲାଲ ଓ ୪ଟି ସବୁଜ ପଟି ରହିଥିବା ବେଳେ ସପ୍ତର୍ଷି ମଣ୍ଡଳ ସହିତ ଚନ୍ଦ୍ର ଓ ତାରାଙ୍କ ଛବି ଥିଲା। ଆନିବେଶାନ୍ତଙ୍କ ପତାକାର ବାମ କୋଣରେ ଇଂରେଜମାନଙ୍କ ଜାତୀୟ ପତାକା 'ୟୁନିଅନ ଜ୍ୟାକ୍'ର ପ୍ରତିଛବି ଥିବାରୁ ତାହା କ୍ରାନ୍ତିକାମୀ ଭାରତୀୟମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇନଥିଲା।

ଦେଶପ୍ରେମୀ ପୋଙ୍ଗାଲି ଭେଙ୍କିଆ ୧୯୨୧ରେ ବେଜୱାଡାଠାରେ ମହାତ୍ମା ଗାନ୍ଧୀଙ୍କୁ ଭେଟି ଗୁଡ଼ିଏ ପତାକାର ନକ୍ସା ଦେଖାଇଥିଲେ। ଏଥିରୁ ଗୋଟିଏ ପତାକାରେ ଲାଲ ଓ ସବୁଜ ରଙ୍ଗର ପଟି ଉପରେ ବଡ଼ ଚରଖାର ଚିହ୍ନ ଥିଲା। ହିନ୍ଦୁ-ମୁସଲମାନ ଏକତା ପାଇଁ ଏହା ସହାୟକ ହେବ ବୋଲି ଭେଙ୍କିଆ ମତ ରଖିଥିଲେ। ତେବେ ଅନ୍ୟ ସଂପ୍ରଦାୟଙ୍କ ଲାଗି ଏଥିରେ ଧଳା ଚିହ୍ନର ପଟିଟି ଯୋଡ଼ିବା ପାଇଁ ଗାନ୍ଧୀ ଆଗ୍ରହ ପ୍ରକାଶ କରିଥିଲେ। ଅସହଯୋଗ ଆନ୍ଦୋଳନ କାଳରେ ଏହି ପତାକା ବ୍ୟବହୃତ ହେଉଥିଲା। ୧୯୨୯-୩୦ର ଲାହୋର କଂଗ୍ରେସ ଅଧିବେଶନରେ ଜାନୁଆରୀ ୨୬କୁ 'ପୂର୍ଣ୍ଣସ୍ୱରାଜ ଦିବସ' ଭାବେ ପାଳନ କରିବା ସହ ଦେଶବାସୀଙ୍କୁ ଏହି ପତାକା ତଳେ ସ୍ୱାଧୀନତାର ସଂକଳ୍ପ ନେବା ଲାଗି ଆହ୍ୱାନ ଦିଆଯାଇଥିଲା। ୧୯୩୦ର 'ଲବଣ ସତ୍ୟାଗ୍ରହ' ବେଳେ ପତାକାର ବ୍ୟବହାର ବ୍ୟାପକ ହୋଇଥିଲା।

୧୯୩୧ରେ ଅନୁଷ୍ଠିତ 'କରାଚୀ କଂଗ୍ରେସ ଅଧିବେଶନ'ରେ ଏକ କମିଟି ଗଢ଼ାଯାଇ ପତାକା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି କମିଟି କରିଥିବା ସୁପାରିସ ମୁତାବକ କଂଗ୍ରେସ ପତାକାରେ କେଶରୀ, ଧଳା ଓ ସବୁଜ ରଙ୍ଗର ତିନୋଟି ପଟି ସହିତ ଧଳା ପଟି ଉପରେ ଚରଖା ସ୍ଥାନିତ ହେଲା। ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଏହା ଥିଲା ଜୀବନଠାରୁ ବଳି ଅଧିକ ମୂଲ୍ୟବାନ। ୧୯୪୬ରେ ସ୍ୱିଜରଲାଣ୍ଡର ରାଜଧାନୀ ଜୁରିକ୍‌ରେ ଅନୁଷ୍ଠିତ ବିଶ୍ୱ ଅଲମ୍ପିକ୍‌ରେ ବ୍ରିଟିଶ ଇଣ୍ଡିଆର ପ୍ରତିନିଧିତ୍ୱ କରିଥିବା କ୍ରୀଡ଼ାବିତ୍ ଜାନକୀ ଦାସ ମହାତ୍ମା ଗାନ୍ଧୀଙ୍କ ଦସ୍ତଖତ ଥିବା ଏହି ତ୍ରିରଙ୍ଗା ଝଣ୍ଡା ଉଡ଼ାଇ ଇତିହାସ ରଚିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ 'ଆଜାଦ ହିନ୍ଦ୍ ଫୌଜ'ର ଯେଉଁ ଝଣ୍ଡା ବର୍ଲିନରେ ଉତ୍ତୋଳନ କରିଥିଲେ ତାହା ବି ଥିଲା ତ୍ରିରଙ୍ଗା। ଏହାର ମଧ୍ୟ ଭାଗରେ ଧଳାପଟି ଉପରେ ଚରଖା ପରିବର୍ତ୍ତେ ଶୋଭା ପାଉଥିଲା ଲମ୍ଫ ପ୍ରଦାନକାରୀ ସିଂହର ଛବି।

ସ୍ୱାଧୀନତା ପୂର୍ବରୁ ଭାରତ ଶାସନ ବିଧେୟକ ସଭାରେ ୧୯୪୭ ଜୁନ୍ ମାସରେ ଏକ ସମିତି ଗଢ଼ାଯାଇ ଜାତୀୟ ପତାକା ସଂପର୍କରେ ଆଲୋଚନା କରାଯାଇଥିଲା। ୧୯୪୭ ଜୁଲାଇ ୨୨ ତାରିଖରେ ଭାରତ ଶାସନ ବିଧେୟକ ସଭା ତ୍ରିରଙ୍ଗା ଝଣ୍ଡାକୁ ଜାତୀୟ ପତାକାର ମାନ୍ୟତା ଦେଲେ, କିନ୍ତୁ ଏହାର ମଧ୍ୟଭାଗରେ ଚରଖାର ସ୍ଥାନ ନେଲା ସାରନାଥର ୨୪ଟି ଅର ଥିବା ଅଶୋକଚକ୍ର, ଯାହାକୁ 'ଧର୍ମଚକ୍ର' ଓ 'ସମୟଚକ୍ର' ବୋଲି କୁହାଯାଏ। ଆମ ପତାକାର ଶୀର୍ଷଅଂଶରେ ଥିବା ନାରଙ୍ଗୀ ରଙ୍ଗ ସାହସ ଓ ତ୍ୟାଗର ପ୍ରତୀକ ହୋଇଥିବା ବେଳେ ଧଳା ରଙ୍ଗକୁ ସତ୍ୟ ଓ ଶାନ୍ତି ଏବଂ ସବୁଜ ରଙ୍ଗଟି ବିଶ୍ୱାସ, ବୀରତ୍ୱ ଓ ପ୍ରଗତିକୁ ସୂଚାଇଥାଏ। ଅଶୋକଙ୍କ ସାରନାଥର ଧର୍ମଚକ୍ର ଆମକୁ ସମୟ ସହ ସଚେତନ ରହିବା ସଙ୍ଗେ ସଙ୍ଗେ ଆଗକୁ ବଢ଼ିବା ଲାଗି ପ୍ରେରଣା ଦେଉଥିବାରୁ ଏହି ଚକ୍ରକୁ ଆମ ଜାତୀୟ ପତାକାରେ ସ୍ଥାନିତ କରାଯାଇଛି। ଚରଖା ଚିହ୍ନିତ ତ୍ରିରଙ୍ଗା ଝଣ୍ଡା କଂଗ୍ରେସର ପତାକା ହୋଇଥିବାରୁ ଜାତୀୟ ପତାକାକୁ ରାଜନୈତିକ ଦଳର ଗଣ୍ଡି ମଧ୍ୟରେ ସୀମିତ ନ ରଖିବା ପାଇଁ ସେତେବେଳର ଅଗ୍ରଣୀ କଂଗ୍ରେସ ନେତାମାନେ ନୂଆ ପତାକାର ପରିକଳ୍ପନା କରିଥିଲେ। ଶେଷରେ ଜାତିର ଜନକ ତଥା ସ୍ୱାଧୀନତା ସଂଗ୍ରାମର ସେନାପତି ମହାମାନବ ମହାତ୍ମା ଗାନ୍ଧୀ ଅଶୋକଚକ୍ର ଥିବା ଏହି ତ୍ରିରଙ୍ଗା ଝଣ୍ଡାକୁ ସ୍ୱୀକାର କରିଥିଲେ।

ଭାରତଛାଡ଼ ଆନ୍ଦୋଳନ କାଳରେ ତ୍ରିରଙ୍ଗା ଝଣ୍ଡାର ଟେକ ରଖିବା ଲାଗି ଓଡ଼ିଶାର ମାଥିଲି, ନିମାପଡ଼ା, ପାପଡ଼ାହାଣ୍ଡି, ଲୁଣିଆ, ଇରମ, ତୁଡ଼ିଗଡ଼ିଆ-ଖଇରାଡିହି, କାଇପଡ଼ା-କଳାମାଟିଆ ଆଦି ସ୍ଥାନରେ ବହିଥିଲା ରକ୍ତର ନଦୀ। ଏଥିପାଇଁ ଲକ୍ଷ୍ମଣ ନାୟକଙ୍କୁ ବି ଫାଶୀଖୁଣ୍ଟରେ ଝୁଲିବାକୁ ପଡ଼ିଲା। ଓଡ଼ିଶାରେ ଶତାଧିକ ସଂଗ୍ରାମୀ ସହିଦ ହୋଇଥିଲେ। ଏ ମାଟି ବଳିଦାନର ବୋଲି ସେମାନେ ପୁନର୍ବାର ପ୍ରମାଣିତ କରିଗଲେ।

ଇତିହାସ କୁହେ, ଆସାମର ଗୋପୁର୍ ଥାନା ଉପରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ପାଇଁ ଯାଉଥିବା ବେଳେ ୧୪ବର୍ଷର ଝିଅ କନକଲତା ବଡୁଆ ଓ ଅନ୍ୟଜଣେ ଛାତ୍ର ମୁକୁନ୍ଦ ସହିଦ ହୋଇଥିଲେ। ପଶ୍ଚିମବଙ୍ଗର ମେଦିନପୁର ଅନ୍ତର୍ଗତ ତମଲୁପ ଥାନା ନିକଟରେ ତ୍ରିରଙ୍ଗାର ଟେକ ରଖିବା ଲାଗି ୧୩ବର୍ଷର ବାଳକ ଲକ୍ଷ୍ମୀନାରାୟଣ ଓ ୭୩ ବର୍ଷିୟା ବୃଦ୍ଧା ମାତଙ୍ଗିନୀ ହାଜରାଙ୍କ ସମେତ ଅନେକ ବଳିଦାନ ଦେଇଥିଲେ। 'କର ବା ମର' ଆନ୍ଦୋଳନ ସମୟରେ ପାଟନା ସଚିବାଳୟ ଉପରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ପାଇଁ ଉଦ୍ୟମକରି ୭ଜଣ ଛାତ୍ର ସହିଦ ହୋଇଥିଲେ। ଜବାହରଲାଲ ନେହେରୁଙ୍କ ଆକଳନ ଅନୁଯାୟୀ ଏହି ଆନ୍ଦୋଳନରେ ଅନ୍ୟୂନ ୧୦ ହଜାର ଭାରତୀୟ ଜୀବନଦାନ ଦେଇଥିଲେ। ଆହ୍ଲାବାଦର କ୍ଲକ୍ ଟାୱାରକୁ ଘେରି ରହିଥିବା ସେନାବାହିନୀର ବ୍ୟୂହ ଭେଦକରି ଲାଲବାହାଦୁର ଶାସ୍ତ୍ରୀ ବୁର୍ଖା ପରିହିତା ମହିଳା ବେଶରେ ଉପରକୁ ଚଢ଼ି ତ୍ରିରଙ୍ଗା ଝଣ୍ଡା ଉଡ଼ାଇଥିଲେ। ବାସ୍ୟମ୍ ନାମକ ଅନ୍ୟଜଣେ ଯୁବ ସତ୍ୟାଗ୍ରହୀ ମାଡ୍ରାସରେ ସେନାବାହିନୀ ମୁଖ୍ୟ ଶିବିର ଭିତରେ ପଶି ୧୬୦ ଫୁଟ ଉଚ୍ଚ ବେତାର ଟାୱାର ଉପରେ ଏକ ସୁଦୀର୍ଘ ପତାକା ଉଡ଼ାଇବାର ସାହସ କରିଥିଲେ। ଭଦ୍ରକ କଚେରି ଉପରେ ସୁଧାକର ମିଶ୍ର ଓ ୱାରିସ୍ ମିଆଁ ତ୍ରିରଙ୍ଗା ଝଣ୍ଡା ଉଡ଼ାଇଥିବା ବେଳେ ରେଭେନ୍ସା କଲେଜର କ୍ରାନ୍ତିକାରୀ ଛାତ୍ରଛାତ୍ରୀମାନେ କଲେଜ ଉପରୁ ୟୁନିୟନ ଜ୍ୟାକ୍ ହଟାଇ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବାର ସଫଳ ପ୍ରଚେଷ୍ଟା କରିଥିଲେ। ଏମିତି ଉଦାହରଣ ଅସରନ୍ତି।

୧୯୪୭ ଅଗଷ୍ଟ ୧୫ଠାରୁ ଆମେ ସମ୍ମାନର ସହ ତ୍ରିରଙ୍ଗା ଉଡ଼ାଇ ଆସୁଛୁ ଏବଂ ଏହାର ଟେକ ରଖିବା ପ୍ରତି ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ବୋଲି ସମ୍ବିଧାନ ଚେତାଇ ଦେଉଥିବା ବେଳେ ଆମ ଜାତୀୟ ପତାକାର ସଦ୍ ବ୍ୟବହାର ପାଇଁ ୨୦୦୨ ଜାନୁଆରୀ ୨୬ରୁ ଲାଗୁ ହୋଇଥିବା 'ଫ୍ଲାଗ୍ କୋଡ୍ ଅଫ୍ ଇଣ୍ଡିଆ'କୁ ଆମେ ଗ୍ରହଣ କରିନେଇଛୁ। ପ୍ରତ୍ୟେକ ଭାରତୀୟ ନାଗରିକ ସେମାନଙ୍କ ଘର ଓ ଅନୁଷ୍ଠାନ ଓ ସର୍ବସାଧାରଣ ସ୍ଥାନରେ ସମ୍ମାନର ସହ ଜାତୀୟ ପତାକା ଉଡ଼ାଇ ପାରିବେ ବୋଲି ଆମ ସୁପ୍ରିମକୋର୍ଟ ମଧ୍ୟ ରାୟ ଦେଇଛନ୍ତି।

ସ୍ୱାଧୀନତା ପ୍ରାପ୍ତିର ୭୯ବର୍ଷରେ କୃତଜ୍ଞତାର ସହ ସମସ୍ତ ସ୍ୱାଧୀନତା ସଂଗ୍ରାମୀ, ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ସତ୍ୟାଗ୍ରହୀ, କ୍ରାନ୍ତିକାରୀ ଓ ସୈନିକ ଏବଂ ଦେଶର ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସମାଜସେବୀ, କୃଷକ, ଶ୍ରମିକ, ବୈଜ୍ଞାନିକ, ଶିକ୍ଷକ, ବୈଷୟିକ ବିଶେଷଜ୍ଞ ଓ ଅନ୍ୟ ଚିନ୍ତାନାୟକ ତଥା ସଂସ୍କାରକମାନଙ୍କୁ ସ୍ମରଣ କରୁଛୁ।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ଆର୍ଥିକ ସ୍ୱାଧୀନତା

ଅନନ୍ତ ଚରଣ ସ୍ୱାଇଁ

ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଆମ ଦେଶର ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଆଦି ଅନେକ କ୍ଷେତ୍ରରେ ଅଭୂତପୂର୍ବ ଉନ୍ନତି ଘଟିଛି। ସେଥିପାଇଁ ପ୍ରତ୍ୟେକ ନାଗରିକ ଗର୍ବିତ। କେତେକ ସ୍ଥଳରେ ସ୍ୱାଧୀନତାର ଅପବ୍ୟବହାର, ସାଧାରଣ ବ୍ୟକ୍ତିଙ୍କୁ ବ୍ୟଥିତ କରେ। ବାକ୍ ସ୍ୱାଧୀନତା ନାଁରେ ଅସାମ୍ବିଧାନିକ ମତାମତ, ବିଶୃଙ୍ଖଳା ସୃଷ୍ଟିକାରୀ ବକ୍ତବ୍ୟ, ହିଂସା ପ୍ରଣୋଦିତ, ପୋଷାକ ପତ୍ରର ସ୍ୱାଧୀନତା ଦର୍ଶାଇ ଅଶାଳୀନ ପରିଧାନ ବ୍ୟବହାର କରିବା ମଧ୍ୟ ନିନ୍ଦନୀୟ। ଅନେକ ସ୍ଥଳରେ ସ୍ୱାଧୀନତାର ପ୍ରକୃତ ଅର୍ଥକୁ କଦର୍ଥର ରୂପ ଦିଆଯାଉଛି।

ଆମେ ସମସ୍ତେ ସ୍ୱାଧୀନ ହେବାକୁ ଚାହୁଁଛୁ। ସ୍ୱାଧୀନତାର ଅର୍ଥ କେବଳ ରାଜନୈତିକ କିମ୍ବା ସାମାଜିକ ସ୍ୱାଧୀନତା ନୁହେଁ। ଆର୍ଥିକ ସ୍ୱାଧୀନତା ସେଥିମଧ୍ୟରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆର୍ଥିକ ସ୍ୱାଧୀନତା ହେଉଛି ଏକ ଅବସ୍ଥା, ଯେଉଁଠାରେ ଜୀବନ ଜିଇଁବା ପାଇଁ କାହାରି ଆର୍ଥିକ ସହାୟତା ଉପରେ ନିର୍ଭର କରିବାକୁ ପଡ଼େ ନାହିଁ କିମ୍ବା ବାଧ୍ୟତାମୂଳକ କାମ କରି ରୋଜଗାର କରିବାର ପ୍ରୟୋଜନ ମଧ୍ୟ ନଥାଏ। ଆୟ ଉତ୍ସ ସ୍ୱୟଂପ୍ରେରିତ ଭାବେ ବା ନିଷ୍କ୍ରିୟ ଆୟ ରୂପେ ସମସ୍ତ ଖର୍ଚ୍ଚର ଭରଣା କରିଥାଏ। ଅନ୍ତତଃ ଅର୍ଥ ପାଇଁ କାହାରି ଉପରେ ଭରସା ନରଖି ଆତ୍ମନିର୍ଭର ହେବା, ବଞ୍ଚିଥିବା ଯାଏଁ ସ୍ଥିର ଆୟ, ବ୍ୟୟ ନିୟନ୍ତ୍ରଣ, ଦୀର୍ଘକାଳୀନ ଆର୍ଥିକ ଯୋଜନା ପ୍ରସ୍ତୁତ କରି ସେହି ଅନୁଯାୟୀ ପରିଚାଳିତ ହେବା ହେଉଛି ଆର୍ଥିକ ସ୍ୱାଧୀନତା।

ଆର୍ଥିକ ସ୍ୱାଧୀନତା ପାଇଁ ଆୟ ବୃଦ୍ଧି, ଦକ୍ଷତାରେ ଉନ୍ନତି, ପାର୍ଶ୍ୱ ବ୍ୟବସାୟ, ବଜେଟିଂ, ଅର୍ଥ ବିନିଯୋଗ ଓ ନିଷ୍କ୍ରିୟ ଆୟ ଉପରେ ନିର୍ଭରଶୀଳ ହେବାକୁ ପଡ଼େ। ଚାକିରିରେ ଅନିଶ୍ଚିୟତା, ମୁଦ୍ରାସ୍ଫୀତି, ଶିକ୍ଷା, ସାମାଜିକ ଉତ୍ସବ ଅନୁଷ୍ଠାନ, ଚିକିତ୍ସା ପରି ପାରିବାରିକ ଦାୟିତ୍ୱ ଏବଂ ବୃଦ୍ଧାବସ୍ଥାରେ ସୁରକ୍ଷା ପାଇଁ ଦରକାର ହେଉଥିବା ଅର୍ଥ ନିମନ୍ତେ କାହାରି ଉପରେ ନିର୍ଭର ନହେବାକୁ ଆର୍ଥିକ ସ୍ୱାଧୀନତା ଅତ୍ୟନ୍ତ ଜରୁରୀ। ଆର୍ଥିକ ସାକ୍ଷରତାର ଅଭାବ, ତତ୍କାଳୀନ ସୁଖର ଆକର୍ଷଣ, ଋଣ ଯନ୍ତା, ଦରଦାମ ବୃଦ୍ଧି, କ୍ରେଡିଟ କାର୍ଡ ଉପରେ ଅଧିକ ନିର୍ଭରଶୀଳତା ଆଦି ଆର୍ଥିକ ସ୍ୱାଧୀନତା ଆଣିବାରେ ପ୍ରତିବନ୍ଧକ।

ଆର୍ଥିକ ସ୍ୱାଧୀନତା ସଂଗ୍ରାମରେ ପିଲାଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ସମସ୍ତେ ଜଡ଼ିତ। ଏହି ସଂଗ୍ରାମ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଆଧାରିତ। ଯୁବ ପିଢ଼ିଙ୍କ ପାଇଁ ବର୍ତ୍ତମାନ ହେଉଛି ବହୁ ମୂଲ୍ୟବାନ। ବିଳମ୍ବ ନକରି ଆୟର କିଛିଅଂଶ ଭବିଷ୍ୟତ ପାଇଁ ସଞ୍ଚୟ ଓ ନିବେଶ କଲେ ବୃଦ୍ଧାବସ୍ଥା ବେଳକୁ ଏହା ବୃଦ୍ଧି ପାଇ ଏକ ବୃହତ ରାଶିରେ ପରିଣତ ହେବ ଏବଂ ଆର୍ଥିକ ସ୍ୱଚ୍ଛଳତା ବା ଆର୍ଥିକ ସ୍ୱାଧୀନତା ମିଳିବ। ଶିଶୁ ଓ



କିଶୋରମାନେ ମଧ୍ୟ ଏହି ଆର୍ଥିକ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ପାରିବେ। ସେମାନଙ୍କୁ ମିଳୁଥିବା ପକେଟ ଖର୍ଚ୍ଚରୁ ବଞ୍ଚାଇ ସଞ୍ଚୟ କରିବା, ଜନ୍ମ ଦିନ, ବ୍ରତଘର ପରି ଉତ୍ସବଗୁଡ଼ିକରେ ଅତ୍ୟଧିକ ବ୍ୟୟ ନକରି ଖର୍ଚ୍ଚ କାଟି ତାହା ସଞ୍ଚୟ ଏବଂ ଠିକ ଭାବେ ବିନିଯୋଗ କଲେ ଭବିଷ୍ୟତରେ ଚକ୍ରବୃଦ୍ଧି ହାରରେ ଏହା ଆଶାତୀତ ବୃଦ୍ଧି ପାଇଥାଏ।

ବରିଷ୍ଠ ନାଗରିକ, ଶିଶୁ, କିଶୋର ଓ ଯୁବକମାନଙ୍କ ଆର୍ଥିକ ଜ୍ଞାନ, ଆର୍ଥିକ ସ୍ୱାଧୀନତା, ଆର୍ଥିକ ପରାଧୀନତାର କାରଣ ଓ ନିରାକରଣ, ସେମାନେ କରିଥିବା ଭୁଲର ପୁନରାବୃତ୍ତି ନକରିବା ଏବଂ ସେମାନଙ୍କର ଆର୍ଥିକ ସଫଳତାର କାରଣ ବିଷୟରେ ଆଲୋଚନା ଓ ପର୍ଯ୍ୟାଲୋଚନା ଫଳପ୍ରଦ ହୋଇଥାଏ। ସ୍ୱାଧୀନ ଦେଶରେ ଆର୍ଥିକ ପରାଧୀନ ହେଉଛି ଏକ ଅଭିଶାପ। ଆର୍ଥିକ ସ୍ୱାଧୀନତା ପାଇଁ ସଚେତନତା ସହ ଉପଯୁକ୍ତ ସଂଗ୍ରାମ ଦରକାର। ଠିକ ସମୟରେ ଠିକ ନିଷ୍ପତ୍ତି ଆର୍ଥିକ ସ୍ୱାଧୀନତା ଆଣିବାରେ ସକ୍ଷମ। ଏହାକୁ କାର୍ଯ୍ୟରେ ପରିଣତ କରିବା ଦାୟିତ୍ୱ ସବୁ ନାଗରିକଙ୍କର। ଆର୍ଥିକ ସ୍ୱାଧୀନତା ଏକ ଜୀବନ ଦର୍ଶନ। ଏହାଦ୍ୱାରା ଶରୀର, ଧନ ଓ ମନର ସଠିକ ସମନ୍ୱୟ ଘଟି ଜୀବନରେ ସୁଖ ଶାନ୍ତି ଆସିଥାଏ।

ଆର୍ଥିକ ସ୍ୱାଧୀନତା ଆମର ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର। ଆର୍ଥିକ ସ୍ୱାଧୀନତା ନଥିଲେ ସ୍ୱାଧୀନତାର ପ୍ରକୃତ ସ୍ୱାଦ ଉପଲବ୍ଧି କରିହେବ ନାହିଁ। ଆସନ୍ତୁ ସମସ୍ତେ ଶପଥ ନେବା - ନିଜର ଆର୍ଥିକ ସ୍ୱାଧୀନତା ଆଣିବା ସହ ଅନ୍ୟମାନଙ୍କ, ବିଶେଷକରି ଗରିବ ଲୋକଙ୍କ ଆର୍ଥିକ ସ୍ୱାଧୀନତା ଆଣିବାରେ ସହାୟକ ହେବା।

ପଳେଇ(କେନ୍ଦ୍ରାପଡ଼ା)ମୋ: ୭୩୮୧୦୪୬୪୭୭୦

## ଖମ୍ବ ସ୍ୱରୂପରେ ପୂଜା ପାଆନ୍ତି ମେଘନାଦ

ଓଜସ୍ୱିନୀ

ଲଙ୍କାପତି ରାବଣ ଓ ମନ୍ଦୋଦରୀଙ୍କ ଜ୍ୟେଷ୍ଠପୁତ୍ର ମେଘନାଦ ଦେବରାଜ ଇନ୍ଦ୍ରଙ୍କୁ ପରାସ୍ତ କରି ସ୍ୱର୍ଗ ଅଧିକାର କରିଥିଲେ। ତେଣୁ ତାଙ୍କର ଅନ୍ୟ ଏକ ନାମ ଇନ୍ଦ୍ରଜିତ। ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ କୃପାରୁ ସେ ହୋଇପାରିଥିଲେ ବ୍ରହ୍ମାସ୍ତ୍ର, ନାରାୟଣାସ୍ତ୍ର ଓ ପଶୁପାତାସ୍ତ୍ରର ଅଧିକାରୀ। ଅନେକ ଚମତ୍କାରୀ ଦିବ୍ୟାସ୍ତ୍ର, ତନ୍ତ୍ର ବିଦ୍ୟା ଓ ସିଦ୍ଧି ହାସଲ କରିଥିବା ମେଘନାଦଙ୍କ ପିତୃଭକ୍ତି ରାମତୁଲ୍ୟ ବୋଲି ବର୍ଣ୍ଣିତ। ମେଘନାଦ ଆସୁରିକ ଶକ୍ତିର ପ୍ରତୀକ ହୋଇଥିଲେ ମଧ୍ୟ ଭାରତର କେତେକ ଜନଜାତିଙ୍କ ପାଇଁ ପୂଜନୀୟ। ସେମାନେ ମେଘନାଦଙ୍କୁ କୁଳଦେବତା ଭାବେ ପୂଜା କରୁଛନ୍ତି। ଏଥିସହିତ ପ୍ରକୃତିର ରକ୍ଷାକର୍ତ୍ତା ଭାବେ ମେଘନାଦଙ୍କ ପୂଜାର୍ଚ୍ଚନା ଓ ଆଶିଷ ଲାଭ ପାଇଁ ପ୍ରତିବର୍ଷ ଆୟୋଜନ କରନ୍ତି ମେଘନାଦ ମେଳା।

ମଧ୍ୟପ୍ରଦେଶର ସୀମାନ୍ତ ଅଞ୍ଚଳ ଛିନ୍ଦୱାଡ଼ା ଜିଲ୍ଲାର ଉମରେଠ, ବେତୁଲ, ସାରନା, ସତପୁଡ଼ା ଓ ଚୋରଇ ଆଦି କେତେକ ଅଞ୍ଚଳରେ ବସବାସ କରୁଥିବା କୋରାକୁ ଓ ଭାରିଆ ଜନଜାତି ସମ୍ପ୍ରଦାୟଙ୍କ ନିଜକୁ ରାବଣଙ୍କ ବଂଶଜ ବୋଲି ମାନୁଥିବାରୁ ମେଘନାଦଙ୍କୁ କୁଳଦେବତା ଭାବେ ପୂଜାର୍ଚ୍ଚନା କରିଥା'ନ୍ତି। ମୁଖ୍ୟତଃ ଭଲ ବର୍ଷା ଓ ଉତ୍ତମ ଫସଲ, ମନୋବାଞ୍ଛା ପୂରଣ, ସନ୍ତାନର ମଙ୍ଗଳକାମନା, ସମସ୍ୟାର ସମାଧାନ ଏବଂ ଉତ୍ତମ ପାରିବାରିକ ଜୀବନ ପାଇଁ ମେଘନାଦଙ୍କୁ ପୂଜା କରାଯିବାର ପରମ୍ପରା ସେଠାରେ ପ୍ରଚଳିତ। ହୋଲି ପରଦିନଠାରୁ ପାଞ୍ଚଦିନ (ସ୍ଥାନୀୟ ଭାଷାରେ ରଙ୍ଗପଞ୍ଚମୀ) ପର୍ଯ୍ୟନ୍ତ ସେହି ଅଞ୍ଚଳରେ ମେଘନାଦ ମେଳାର ଆୟୋଜନ ହୋଇଥାଏ। ଏଥିରେ କୃଷକ ଓ ଯୁବବର୍ଗଙ୍କ ଅଧିକ ସମାଗମ ହୁଏ। ଗୋଟିଏ ଉଚ୍ଚ ସିଧା ଗଛର ଗଣ୍ଡିକୁ କାଟି ଗାଁର ମଧ୍ୟଭାଗରେ କିମ୍ବା ମନ୍ଦିର ପାଖରେ ପୋତା ଯାଇଥାଏ। ଏହି ଗଣ୍ଡି ବା ଖମ୍ବର ଉଚ୍ଚତା ୨୫ରୁ ୪୦ ଫୁଟ ହୋଇଥାଏ। ମେଘନାଦଙ୍କ ପ୍ରତୀକାତ୍ମକ ସ୍ୱରୂପ ଭାବେ ପୂଜା କରାଯାଉଥିବା ଏହି ଖମ୍ବକୁ 'ଖଣ୍ଡେରା ଦେବ', 'ଖଣ୍ଡେରା ବାବା' ବା 'ମେଘନାଦ ଖମ୍ବ' ବୋଲି କୁହାଯାଏ। ଖମ୍ବକୁ ଗେରୁଆ ରଙ୍ଗରେ ସଜାଇବା ପରେ ଶୀର୍ଷ ଭାଗରେ ଅନ୍ୟ ଗୋଟିଏ କାଠକୁ ସମାନ୍ତରାଳ ଭାବେ ରଖାଯାଏ। ଏହି କାଠରେ ନିଜକୁ ବାନ୍ଧି ଭକ୍ତମାନେ ଘୂରି ଘୂରି ମନସ୍କାମନା ପୂରଣ ପାଇଁ ମେଘନାଦଙ୍କୁ ଆଶିଷ ଭିକ୍ଷା କରିଥା'ନ୍ତି। ମନସ୍କାମନା ପୂରଣ ହେବା ପରେ ମେଘନାଦଙ୍କୁ ଧନ୍ୟବାଦ ଦେବା ପାଇଁ ଖମ୍ବରେ ଚଢ଼ି ଘୂରିବାର ମଧ୍ୟ ପ୍ରଥା ରହିଛି। ମେଘନାଦଙ୍କ କୁଳଦେବୀ ନିକୁମ୍ଭିଲାଙ୍କ ବିଶେଷ ପୂଜାର୍ଚ୍ଚନା ପରେ ପୂଜାରୀ ଗୋଟିଏ ନଡ଼ିଆକୁ ବହୁ ଉଚ୍ଚକୁ ଫୋପାଡ଼ି ଦେଇଥା'ନ୍ତି। କିଛି ସମୟ ପରେ ଉକ୍ତ ନଡ଼ିଆକୁ ଭାଙ୍ଗିଦିଆଯାଏ। ଯଦି ନଡ଼ିଆରୁ ପାଣି କମ୍ ବାହାରେ, ତା'ହେଲେ କମ୍ ବର୍ଷା ହେବ ଏବଂ ଅଧିକ ପାଣି ବାହାରିଲେ ଭଲ ବର୍ଷା ହେବାର ଆଗୁଆ ସୂଚନା ମିଳିଥାଏ। ପ୍ରାୟ ୩୦୦ ବର୍ଷ ଧରି ମେଘନାଦ ମେଳାକୁ ନେଇ ଏହଭଳି ବିଶ୍ୱାସ ରହିଆସିଛି।

### ବିଚିତ୍ର ବିଶ୍ୱାସ

ଛିନ୍ଦୱାଡ଼ା ଜିଲ୍ଲାସ୍ଥିତ ଏକାଧିକ ଗାଁର ନାମ ମଧ୍ୟ ମେଘନାଦ ଓ ଅସୁରରାଜ ରାବଣଙ୍କ ନାମାନୁସାରେ ରଖାଯାଇଛି। ସ୍ଥାନୀୟ ଲୋକକଥା ଅନୁସାରେ ଛିନ୍ଦୱାଡ଼ା ଜିଲ୍ଲାର ତାମିଆ ନାମକ ସ୍ଥାନ ନିକଟବର୍ତ୍ତି ପାତାଳକୋଟକୁ ଅହିରାବଣଙ୍କ ପାତାଳଲୋକ ବୋଲି କୁହାଯାଉଛି। ଅହିରାବଣ ଶ୍ରୀରାମ ଓ ଲକ୍ଷଣଙ୍କୁ ଅପହରଣ କରି ଏହି ପାତାଳକୋଟରେ ହିଁ ରଖିଥିଲେ। ସ୍ଥାନୀୟ ଲୋକଗୀତରେ ମଧ୍ୟ ରାବଣ ଓ ମେଘନାଦଙ୍କ ଅନେକ କାହାଣୀ ଶୁଣିବାକୁ ମିଳିଥାଏ। ଏହା ବ୍ୟତୀତ ମଧ୍ୟପ୍ରଦେଶର ମଣ୍ଡି ବାମୋରା ଅନ୍ତର୍ଗତ ପଲିତା ନାମକ ଗାଁରେ ମେଘନାଦଙ୍କ ଏକ ମନ୍ଦିର ରହିଛି। ଗାଁର ପରମ୍ପରା ଅନୁଯାୟୀ ଅନୁଯାୟୀ ଦଶହରାରେ ରାବଣଙ୍କ କୁଶ ପୁତ୍ତଳିକା ଦହନ ପରିବର୍ତ୍ତେ ମେଘନାଦଙ୍କ ବିଶେଷ ପୂଜାର୍ଚ୍ଚନା ହୋଇଥାଏ। ଏଠାରେ ଲୋକମାନେ ମେଘନାଦଙ୍କୁ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ସମତୁଲ୍ୟର ମାନ୍ୟତା ଦେଇଛନ୍ତି। ତେଣୁ ପ୍ରଥମେ ମେଘନାଦଙ୍କ ପୂଜା ପରେ ଅନ୍ୟ ଦେବଦେବୀଙ୍କ ପୂଜା କରାଯାଏ। କୌଣସି ନୂତନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମେଘନାଦଙ୍କୁ ଶ୍ରୀଫଳ ସମର୍ପଣ ହୁଏ। ଏହି ଅଞ୍ଚଳରେ କାନ୍ୟକୁବ୍‌ଜ ବ୍ରାହ୍ମଣମାନେ ରହନ୍ତି, ଯେଉଁମାନେ ନିଜକୁ ରାବଣଙ୍କ ବଂଶଜ ବୋଲି କହନ୍ତି। ତେଣୁ ରାବଣଙ୍କ ପୁତ୍ର ମେଘନାଦଙ୍କ ପୂଜାର୍ଚ୍ଚନା ବିଧିବିଧାନର ସହିତ କରାଯାଏ। ଏହି ଗ୍ରାମରେ ମେଘନାଦ ଅଖଣ୍ଡ ତପସ୍ୟା କରିଥିଲେ ବୋଲି ଲୋକୋକ୍ତି ଅଛି। ତେଣୁ ତପସ୍ୟା କରିଥିବା ସ୍ଥାନରେ ଆଜି ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ଶୁଦ୍ଧ ଘିଅ ଦୀପ ପ୍ରଜ୍ୱଳନ କରି ମେଘନାଦଙ୍କ ଆଶିଷ ଭିକ୍ଷା କରୁଛନ୍ତି। କାହିଁ କେଉଁ କାଳରୁ ଚାଲି ଆସିଥିବା ଆସ୍ଥା ଓ ବିଶ୍ୱାସର ଏହି ଧାରାରେ ଅସୁରମାନେ ମଧ୍ୟ ଦେବତା ପାଲଟି ଯାଇଛନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କେନାଲରେ ବୁଡ଼ି ନିଖୋଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**ସାଲେପୁର,୧୪।୮ (ସମିସ):** ବୁଧବାର ସକାଳେ ପଟ୍ଟାମୁଣ୍ଡାଇ କେନାଲକୁ ଗାଧୋଇବାକୁ ଯାଇ କେନାଲ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିବା ନାବାଳିକା ଛାତ୍ରୀର ମୃତଦେହକୁ ଆଜି କେନାଲ ପାଣିରୁ ଉଦ୍ଧାର କରାଯାଇଥିବା ଜଣାଯାଇଛି। ଗତକାଲି ସକାଳେ ସାଲେପୁର ବ୍ଲକ୍ ଅଧୀନ ନରଦା ପଞ୍ଚାୟତର ପ୍ରହଲ୍ଲାଦ ସ୍ୱାଇଁଙ୍କ ନବମ ଶ୍ରେଣୀରେ ପାଠ ପଢୁଥିବା ଝିଅ ସୁଚିତ୍ରା ସ୍ୱାଇଁ (୧୪) ପଟ୍ଟାମୁଣ୍ଡାଇ କେନାଲକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ କେନାଲ ପାଣିରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଗତକାଲିଠାରୁ ସାଲେପୁର ପୁଲିସ, ଓଡ୍ରାଫ୍ ଟିମ୍ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଜଣକୁ କେନାଲ ପାଣିରେ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ଛାତ୍ରୀର କୌଣସି ପତ୍ତା ପାଇ ନ ଥିଲେ। ଆଜି ସକାଳୁ ସଂପୃକ୍ତା ଛାତ୍ରୀର ମୃତଦେହ ଲେଖନପୁର ବ୍ରିଜ୍ ନିକଟରେ କେନାଲ ପାଣିରେ ଭାସୁଥିବାବେଳେ ଜପକୁଦ ଫାଣ୍ଡି ପୁଲିସ ମୃତଦେହକୁ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ କଟକ ପଠାଇ ଦେଇଛି। ଛାତ୍ରୀଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଚୌଦ୍ୱାର ମଣ୍ଡଳ ବିଜେପି ପକ୍ଷରୁ ପୌର ଅଧିକାରୀଙ୍କୁ ଦାବିପତ୍ର

**ଚୌଦ୍ୱାର,୧୪।୮ (ସମିସ):** ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଚୌଦ୍ୱାର ପୌରପାଳିକାକୁ ଆସିଥିବା ଅର୍ଥର ସୁବିନିଯୋଗ ତଥା ବିଭିନ୍ନ ବିକାଶ ଯୋଜନା କାର୍ଯ୍ୟକାରୀ କରବା ପାଇଁ ବିଜେପି ଚୌଦ୍ୱାର ମଣ୍ଡଳ ତରଫରୁ ପୌର ନିର୍ବାହୀ ଅଧିକାରୀଙ୍କ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦଳର ମଣ୍ଡଳ ସଭାପତି ମମତା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ପୌରନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ଭେଟି ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ୨ନଂ ୱାର୍ଡରେ ଅସମ୍ପୂର୍ଣ୍ଣ ମିନି ଷ୍ଟାଡ଼ିୟମର କାର୍ଯ୍ୟ ସମ୍ପନ୍ନ କରିବା, ଏନ୍ଏଚ ୫୫ ସମ୍ପ୍ରସାରଣରେ ଉଚ୍ଛେଦ ହୋଇଥିବା ଉଠା ଦୋକାନୀଙ୍କୁ ଥଇଥାନ, ସମସ୍ତ ମଶାଣୀର ଉନ୍ନତିକରଣ, ପୌର ଟାଉନ୍‌ହଲକୁ ଶୀତତାପ ନିୟନ୍ତ୍ରଣ କରିବା, ମାଗୁରା ବୋଟିଂ କମ୍ପ୍ଲେକ୍ସ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ଚାଟେଶ୍ୱର, ଶଂଖାରୀ ଓ ବଧୀ ପୋଖରୀର ପୁନରୁଦ୍ଧାର, ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ଓ ବିରାଟ ବଜାରରେ ଶୌଚାଳୟ ନିର୍ମାଣ ୧୩, ୧୫, ୧୬ ନମ୍ବର ୱାର୍ଡର ମୁଖ୍ୟସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲ୍ଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ସନ୍ତୋଷ ସାହୁ, ବିଷ୍ଣୁ ଚରଣ ପରିଡ଼ା, ପ୍ରଶାନ୍ତ ବିଶ୍ୱାଳ, ଚିନ୍ମୟ ବେହେରା, ଭାବଗ୍ରାହୀ ପଟ୍ଟନାୟକ, ନଗେନ୍ଦ୍ର ସାହୁ, ଶଶୀକାନ୍ତ ନାୟକ, ଅନିତା ନାୟକ, ସୁମିତ୍ରା ସାହୁ ପ୍ରମୁଖ ପ୍ରତିନିଧି ଉପସ୍ଥିତ ଥିଲେ।

# କଂଗ୍ରେସର ପଞ୍ଚାୟତ ପର୍ଯ୍ୟବେକ୍ଷକ ନିଯୁକ୍ତି ଅସିଦ୍ଧ ଘୋଷଣା

**ନିଶ୍ଚିନ୍ତକୋଇଲି,୧୪।୮ (ସମିସ):** ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ନିଶ୍ଚିନ୍ତକୋଇଲି ବ୍ଲକର ୨୭ଟି ପଞ୍ଚାୟତ ରହିଛି। ଏହି ୨୭ଟି ପଞ୍ଚାୟତରେ ନିଯୁକ୍ତି ହୋଇଥିବା କଂଗ୍ରେସ ଦଳର ପର୍ଯ୍ୟବେକ୍ଷକଙ୍କ ନାମ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହି ନିଯୁକ୍ତିକୁ କଟକ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ପ୍ରଦିପ୍ତ କୁମାର ଦାସ ଅସିଦ୍ଧ ଘୋଷଣା କରିଛନ୍ତି। ଜିଲ୍ଲା ସଂଯୋଜକ ଓ ପିସିସିଙ୍କ ଅନୁମତି ନ ନେଇ କିପରି ପଞ୍ଚାୟତ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଗଲା ସେନେଇ କଂଗ୍ରେସ କର୍ମୀ ମହଲରେ ପ୍ରଶ୍ନ ଉଠିବା ସହିତ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁଯାଇ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ପଞ୍ଚାୟତ ପାଇଁ କଂଗ୍ରେସର ପଞ୍ଚାୟତ ପର୍ଯ୍ୟବେକ୍ଷକ ମାହାଙ୍ଗା କଂଗ୍ରେସ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା। ଏନେଇ ଏକ ଖବର ଗଣମାଧ୍ୟମରେ ୨୭ ପଞ୍ଚାୟତର ସମସ୍ତଙ୍କର ନାମ ପ୍ରକାଶ ପାଇବା ପରେ ଜିଲ୍ଲା ସଂଯୋଜକ ଶ୍ରୀ ଦାସ ପ୍ରତିକ୍ରିୟା ରଖିଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିର୍ଦ୍ଦେଶରେ ବ୍ଲକ କଂଗ୍ରେସ କମିଟି ସଭାପତି ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ କଂଗ୍ରେସର ନୀତି ନିୟମ ଓ ଶୃଙ୍ଖଳା ଭଙ୍ଗ କରି ଜିଲ୍ଲା ସଂଯୋଜକଙ୍କ ଅଗୋଚରରେ ମନମୁଖି ଭାବେ ପଞ୍ଚାୟତ ପର୍ଯ୍ୟବେକ୍ଷକ ନିଯୁକ୍ତି କଂଗ୍ରେସ ଅନୁଶାସନ ବିରୋଧି। ଏହା ଦ୍ୱାରା କଂଗ୍ରେସ କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ତେଣୁ ଏହି ନିଯୁକ୍ତିକୁ ସେ ଅସିଦ୍ଧ ଘୋଷଣା କରିଛନ୍ତି ବୋଲି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା

# ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି କେନାଲ

## ଜଳସେଚନ ସମସ୍ୟା ନେଇ ଚାଷୀ ଅତିଷ୍ଠ


**ନିଶ୍ଚିନ୍ତକୋଇଲି,୧୪।୮ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କେନ୍ଦୁପାଟଣା ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା ପାଇଁ ନିଶ୍ଚିନ୍ତକୋଇଲି ଅଞ୍ଚଳ ଦେଇ ଯାଇଥିବା ଏକ କେନାଲକୁ ଜବରଦଖଲ କରାଯାଇଛି। ଉକ୍ତ କେନାଲର ସଠିକ୍ ରକ୍ଷଣାବେକ୍ଷଣା ଅଭାବରୁ ଏହା ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଫଳରେ କେନାଲରେ ପାଣି ଯାଉ ନ ଥିବାରୁ କ୍ଷେତରେ ଜଳସେଚନର ସମସ୍ୟା ଯୋଗୁଁ ଚାଷୀମାନେ ନାହିଁ ନ ଥିବା ହୀନସ୍ଥା ହେଉଥିବା ଦେଖାଯାଇଛି। କେନ୍ଦୁପାଟଣା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ୮ଇ (୧) କେନାଲ ରହିଛି। ଏହି କେନାଲଟି ନିଶ୍ଚିନ୍ତକୋଇଲି ବଜାର ଦେଇ ବହି ଯାଇଥିବା ୮-ଇ ଶାଖା କେନାଲରୁ ବାହାରି ଓଥକା କୁମ୍ଭାର ସାହି ପର୍ଯ୍ୟନ୍ତ ଯାଇଛି। ଏହି କେନାଲ ଉପରେ ଜଳସେଚନ ନିମନ୍ତେ ସ୍ଥାନୀୟ ନିଶ୍ଚିନ୍ତକୋଇଲି, ଓଥକା ପ୍ରଭୃତି ଗ୍ରାମର ଶହ ଶହ ଚାଷୀ ନିର୍ଭର କରିଥାନ୍ତି। ଏହି କେନାଲକୁ ଜବରଦଖଲ କରାଯାଇ ବିଭିନ୍ନ ଦୋକାନ ହୋଇଥିବାରୁ ଏଥିରେ ପାଣି ଯାଇପାରୁ ନାହିଁ। ଦୀର୍ଘ ଦିନ ହେଲା ଏହି କେନାଲଟି ଅଳିଆ ଆବର୍ଜନା, ପଚାସଢ଼ା ବର୍ଜ୍ୟବସ୍ତୁରେ ପରିପୂର୍ଣ୍ଣ ହୋଇ ରହିଛି। ଏପରିକି ଏହି କେନାଲରେ ପୋକ ଜୋକ ସାଲୁବାଲୁ ହେଉଛନ୍ତି। ପ୍ରତିବର୍ଷ ସରକାରୀ କାଗଜକଲମରେ ଏହି କେନାଲକୁ ସଫେଇ ଓ ମରାମତି କରାଯାଉଥିବା ବେଳେ ପ୍ରକୃତ ପକ୍ଷେ ଏହା କରାଯାଉ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ଏହି କେନାଲରେ



ପାଣି ଯାଉ ନ ଥିଲା ବେଳେ ହାଟ ଓ ବଜାରର ପଚାସଢ଼ା ଓ ନର୍ଦ୍ଦମା ପାଣି ଜମି ରହିବାରୁ ନିକଟସ୍ଥ ଗ୍ରାମ ଏବଂ ସ୍ଥାନୀୟ ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟର ପରିସର ଦୁର୍ଗନ୍ଧରେ ଫାଟି ପଡୁଛି। ଯାହାଦ୍ୱାରା ଏଠାକାର ପରିବେଶ ଦୂଷିତ ହେବାରୁ ଲୋକମାନେ ଚଳପ୍ରଚଳ କରିବା ପାଇଁ ଅଣନିଶ୍ୱାସୀ ହୋଇ ପଡୁଛନ୍ତି। ଦୁର୍ଗନ୍ଧମୟ ପରିବେଶ ଯୋଗୁଁ ଏହି ଅଞ୍ଚଳରେ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ ସରକାର ଚାଷୀଙ୍କ ଠାରୁ ଜଳକର ଓ ରାଜସ୍ୱ ଆଦାୟ କରୁଥିଲା ବେଳେ ଚାଷୀଙ୍କ ବିଲକୁ ପାଣି ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଫଳରେ ପ୍ରତିବର୍ଷ ଏହି ଅଞ୍ଚଳର ଚାଷୀମାନେ ଜଳସେଚନର ଉପଯୁକ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବାରୁ ସେମାନଙ୍କ କ୍ଷେତରେ ଧାନଫସଲ ହାନୀ ହେଉଥିବାର ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରାଯିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଓ ଚାଷୀମାନେ ଦାବି କରିଛନ୍ତି।

# ରାସ୍ତାକଡ଼ରୁ ପୋଡ଼ିଯାଇଥିବା ସ୍କୁଟି ଉଦ୍ଧାର

**ତ୍ରିଶୂଳିଆ,୧୪।୮ (ସମିସ):** ବାରଙ୍ଗ ଥାନା ମୁଣ୍ଡଳୀ ନିକଟସ୍ଥ ମହାନଦୀ ବନ୍ଧ ରାସ୍ତା କଡ଼ରୁ ଏକ ଅଜଣା ପୋଡା ସ୍କୁଟି ଉଦ୍ଧାର କରିଛି ପୁଲିସ। ଘଟଣାରୁ ପ୍ରକାଶ ଯେ ଗୁରୁବାର ସକାଳୁ ମୁଣ୍ଡଳୀ ନିକଟସ୍ଥ ମହାନଦୀ ବନ୍ଧ ରାସ୍ତା କଡ଼ ଏକ ଗଛ ମୂଳରେ ଏକ ସ୍କୁଟି ପୋଡ଼ି ଯାଇଥିବା ଦେଖି ସ୍ଥାନୀୟ ଲୋକମାନେ ନିକଟସ୍ଥ ଗୋଡିସାହି ଫାଣ୍ଡି ଅଧିକାରୀ ସୌମ୍ୟାଶ୍ରୀ ଆଶୁତୋଷ ପାଣିକୁ ସୂଚନା ଦେଇଥିଲେ। ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ପୋଡି



ଯାଇଥିବା ସ୍କୁଟିଟିକୁ ଜବତ କରିଛି ପୁଲିସ। ଗୋଟିଏ ପଟେ ସାଧାରଣ ଲୋକମାନଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି ସ୍କୁଟିଟି କାହାର ଓ କେମିତି ପୋଡ଼ିଲା ଓ ଏହାର ମାଲିକ କିଏ ତାହା ଅସ୍ପଷ୍ଟ। ଅନ୍ୟପଟେ ଗୋଡିସାହି ଫାଣ୍ଡି ଅଧିକାରୀ ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି ଓଡି ୦୫ ଏକେ ୮୭୮୨ ସ୍କୁଟି ଗାଡ଼ିଟି କଟକ ତୁଳସୀପୁର ଅଞ୍ଚଳର ଗଦାଧର ସାହୁଙ୍କ ପୁଅ ଅଭିଷେକ ସାହୁଙ୍କ ନାମରେ ଅଛି ବୋଲି ଜଣାପଡ଼ିଛି।

# କୁଖ୍ୟାତ ଅପରାଧୀ ଭାବଗ୍ରାହୀ ଗିରଫ



**ବଡମ୍ବା,୧୪।୮ (ସମିସ):** ବଡମ୍ବା ଥାନା ଅଧୀନ ରଗଡ଼ିପଡ଼ା ମୁଖ୍ୟ ରାସ୍ତା ଉପରୁ କୁଖ୍ୟାତ ଅପରାଧୀକୁ ମାଡି ବସିଲା ବଡମ୍ବା ପୁଲିସ। ସୂଚନା ମୁତାବକ ଏକ ସୂତ୍ରରୁ ଖବର ପାଇ ବଡମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ଓ ତାଙ୍କ ସହଯୋଗୀଙ୍କୁ ନେଇ କଟକ ନରସିଂହପୁର ମୁଖ୍ୟରାସ୍ତା ୬୫ ନମ୍ବର ଜାତୀୟ ରାଜପଥ ରଗଡିପଡା ନୂଆତଇଲା ଛକ ନିକଟରେ ରାତ୍ର ସମୟରେ ଜଗି ରହିଥିଲେ। ଏହି ସମୟରେ କୁଖ୍ୟାତ ଅପରାଧୀ ଭାବଗ୍ରାହୀ ପଣ୍ଡା ତିଗିରିଆ ଥାନା ଅଞ୍ଚଳରେ କୌଣସି ଏକ ସ୍ଥାନରେ ଦୁର୍ଘଟଣା ଘଟାଇ ଦ୍ରୁତଗତିରେ ବଡ଼ମ୍ବା ଅଭିମୁଖେ ଆସୁଥିବା ବେଳେ ନୂଆତଇଲା ଛକ ନିକଟରେ ପୁଲିସକୁ ଦେଖି ଗାଡି ବୁଲାଇ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ବଡମ୍ବା ପୁଲିସ ତାକୁ କାବୁ କରିବା ପାଇଁ ଉଦ୍ୟମ କରିଥିଲା। ହେଲେ ଅଭିଯୁକ୍ତ ଏହି ସମୟରେ ପାଖରେ ରଖିଥିବା ଏକ ଦେଶୀ ବନ୍ଧୁକ ଦେଖାଇ ପୁଲିସକୁ ଭୟଭୀତ କରିବା ସହ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲା। ହେଲେ ପୁଲିସ ଚତୁରତାର ସହ ଅଭିଯୁକ୍ତକୁ କାବୁ କରିନେଇଥିଲେ। ଆଜି ବଡମ୍ବା ଥାନା ପରିସରରେ ଆଠଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ବିଶ୍ୱଜିତ ମହାନ୍ତିଙ୍କ ନେତୃତ୍ୱରେ ସାମ୍ବାଦିକ ସମ୍ମିଳନୀ କରି ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଆସାମୀ ଭାବଗ୍ରାହୀ ପଣ୍ଡାଙ୍କ ନାମରେ ତିଗିରିଆ ଥାନାରେ ଦଶଟି, ମାଣିଆବନ୍ଧ ଥାନାରେ ଗୋଟିଏ ଓ ବଡମ୍ବା ଥାନାରେ ଗୋଟିଏ ମାମଲା ରହିଛି। ଭାବଗ୍ରାହୀ ନିକଟରୁ ଗୋଟିଏ କାର, ଗୋଟିଏ ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି, କିଛି ଅଳଙ୍କାର ଓ ମନିପସ ଜବତ କରିବା ସହ ଆସାମୀକୁ କୋର୍ଟଚାଲାଣ କରିଛି।

# ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ଓ ନିରାପତ୍ତା ସଚେତନତା

**ନିଶ୍ଚିନ୍ତକୋଇଲି,୧୪।୮ (ସମିସ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ପକ୍ଷରୁ କଲେଜରେ ଅଧ୍ୟୟନ କରୁଥିବା ଛାତ୍ରୀ ଓ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଏକ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷା ଡ଼ଃ ତରୁଲତା ଦେବୀଙ୍କ ଅଧକ୍ଷତାରେ



ଏଥିରେ ନିଶ୍ଚିନ୍ତକୋଇଲି ଥାନା ମହିଳା ପୁଲିସ ଚିନ୍ମୟୀ କର ଯୋଗଦେଇ ମହିଳାମାନଙ୍କର ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ ଓ ଏହାର ଦିଗ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ଏହି କମିଟିର ମୁଖ୍ୟ ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ସାମଲ ସ୍ୱାଗତ ଭାଷଣ ଓ ଅଧ୍ୟାପକ ଡ଼ଃ ପଦ୍ମଲୋଚନ ରାଉତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଶିଶିର ସାହୁ, ଅଧ୍ୟାପକ ଅମରିଶ ସ୍ୱାଇଁ, ଅଧ୍ୟାପିକା ପ୍ରୀତିଶ୍ରୀ ଦାସ, ଅଧ୍ୟାପିକା ଆଲିଆ ଜୁବିନ୍ ମୁସ୍ତାଫା, ପ୍ରଦୀପ ମହାନ୍ତି, ଯୁଗାନ୍ତର ନାୟକ ପ୍ରମୁଖ ଯୋଗଦେଇଥିଲେ। କଲେଜର ସମସ୍ତ ଛାତ୍ର ଛାତ୍ରୀ, ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପିକା ଡ଼ଃ ପଦ୍ମପ୍ରଭା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଦାରେପଡ଼ିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ପାରିବାପଣିଆ

# ବିବାଦୀୟ ଯନ୍ତ୍ରୀଙ୍କୁ ମାହାଙ୍ଗା ବ୍ଲକର ଅତିରିକ୍ତ ଦାୟିତ୍ୱ

**ଭଦ୍ରେଶ୍ୱର,୧୪।୮ (ସମିସ):** ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗର ପାରିବାପଣିଆ ପୁଣି ଥରେ ପଦାରେ ପଡିଛି। ରାସ୍ତାକାମ ଅଧାରୁ ବନ୍ଦ କରି ଠିକାଦାର ଛୁ ମାରି ଚାଲିଯାଇଥିଲା। ଏହି ଅଧାପନ୍ତରିଆ ରାସ୍ତାକୁ ପୁଣି ଥରେ ବିଭାଗ ଆରମ୍ଭ କରିବାକୁ ଯାଉଛି। ତାହାପୁଣି ଜଣେ ବିବାଦୀୟ ଓ ବହୁ ଚର୍ଚ୍ଚିତ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଚୋର ହାତରେ ଚାବି କାଠି ସଦୃଶ ଏହି ଯନ୍ତ୍ରୀ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟିତ୍ୱରେ ଥିବା ବେଳେ ବହୁ ଦୁର୍ନୀତିରେ ସମ୍ପୃକ୍ତ ଥିବା କାହାରିକୁ ଅଛପା ନାହିଁ। ତେବେ ମାହାଙ୍ଗାର ବିବାଦୀୟ ଯନ୍ତ୍ରୀଙ୍କର ଅନ୍ୟତ୍ର ବଦଳି ହୋଇଛି। ଯନ୍ତ୍ରୀଙ୍କ ଅପାରଗତା ଯୋଗୁ ତାଙ୍କ ଅମଳରେ ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗର ବହୁ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡିରହିଛି। ଏପରିକି ଗତ ୨୦୨୨ ମସିହାରେ ଆରମ୍ଭ ହୋଇଥିବା ଏକ ପ୍ରକଳ୍ପକୁ ଠିକାଦାର ଅଧାରେ ଛାଡି ଚାଲିଯାଇଥିଲେ।





### ବନ୍ଦ ଥିବା ପ୍ରକଳ୍ପ କାର୍ଯ୍ୟକୁ ପରିଦର୍ଶନ କଲେ ବିଭାଗୀୟ ମୁଖ୍ୟଯନ୍ତ୍ରୀ

ତେବେ ଯନ୍ତ୍ରୀଙ୍କ ବଦଳି ପରେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀଙ୍କୁ ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ଦାୟିତ୍ୱ ନେଇଛନ୍ତି। ଯାହା ଫଳରେ ୨୦୨୨ରୁ ବନ୍ଦ ହୋଇଥିବା ପ୍ରକଳ୍ପ କାର୍ଯ୍ୟ ଏବେ ଆରମ୍ଭ ହେବାକୁ ଯାଉଛି। ଯାହାର କ୍ଷେତ୍ର ପରିଦର୍ଶନ କରିଛନ୍ତି ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ। ସୂଚନା ମୁତାବକ ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରାଣୀଗୋଡା ଗୋକନ ଭାୟା ଯସୁଆପୁର,ହାଟପଡା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ରହିଛି। ୪.୧୭କିମି ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତା ନିର୍ମାଣ ନିମନ୍ତେ ତତ୍କାଳୀନ ସରକାର ୧ କୋଟି ୯୧ହଜାର ୧୧ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ଠିକାଦାର ବିଭୂରଞ୍ଜନ ପରିଡାଙ୍କ ନାମରେ ଟେଣ୍ଡର ରହିଥିଲା। ଏହି କାର୍ଯ୍ୟ ଗତ ୨୦୨୨ ସେପ୍ଟେମ୍ବର ୧୯ ତାରିଖ ଦିନ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟ ୨୦୨୩ ଜୁନ ୧୮ ତାରିଖ ସୁଧା ଶେଷ ହେବା କଥା। ଇତି ମଧ୍ୟରେ ଅବଧି ୨ ବର୍ଷ ହେଲା ଶେଷ ହୋଇସାରିଲାଣି। ତେବେ ଠିକାଦାର ଏହି ରାସ୍ତା କାର୍ଯ୍ୟକୁ ଅଧାରୁ ଛାଡି ଦୀର୍ଘ ୨ ବର୍ଷ ହେବ ଉଭାନ ହୋଇଯାଇଥିଲେ। ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବରେ ପଡିରହିଛି। ଇତି ମଧ୍ୟରେ ରାସ୍ତାର ରକ୍ଷଣାବେକ୍ଷଣା ଅବଧି ୨ବର୍ଷ ହେଲା ଆରମ୍ଭ ହୋଇ ୨୦୨୮ ରେ ଶେଷ ହେବାର ନିର୍ଦ୍ଦେଶଥିବା ବେଳେ ସରକାରଙ୍କ ସମସ୍ତ ନୀତି ନିୟମକୁ ବେଖାତିର କରାଯାଇଥିଲା। ତେବେ ନୂତନ ଭାବେ ଯନ୍ତ୍ରୀ ଦାୟିତ୍ୱ ନେବା ପରେ ଏହି ରାସ୍ତା କାର୍ଯ୍ୟ ଏବେ ଆରମ୍ଭ କରିଛନ୍ତି ଠିକାଦାର। ଯାହାକୁ ନେଇ ବହୁ ବାଦ ବିବାଦ ଦେଖାଦେଇଛି। ତେବେ ଘଟଣାର ତଦନ୍ତ ପାଇଁ ପ୍ରକଳ୍ପ ସ୍ଥଳରେ ଗୁରୁବାର ପହଞ୍ଚିଛନ୍ତି ଗ୍ରାମ୍ୟ ଉନ୍ନୟନ ମୁଖ୍ୟଯନ୍ତ୍ରୀ ଅଶୋକ କୁମାର ବେହେରା, ଅଧିକ୍ଷଣ ଯନ୍ତ୍ରୀ ସୁଧାଂଶୁ ଶେଖର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟୀ ପଲେଇ ପ୍ରମୁଖ ଏହି ରାସ୍ତାର ବିଭିନ୍ନ ସ୍ଥାନ ବୁଲି ଅନୁଧ୍ୟାନ କରି ଯାଇଛନ୍ତି। ଅପରପକ୍ଷେ ଦାୟିତ୍ୱରେ ଥିବା ଯନ୍ତ୍ରୀ ମଧ୍ୟ ଉପରିସ୍ଥ ଅଧିକାରୀଙ୍କୁ ରାସ୍ତାର ବିଭିନ୍ନ ଦିଗକୁ ନେଇ ଅବଗତ କରାଇଛନ୍ତି। ଏଠାରେ ସୂଚନାଥାଉକି ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ଦାୟୀତ୍ୱ ନେଇଥିବା ଯନ୍ତ୍ରୀ ଜଣକ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗର ବହୁ ଦୁର୍ନୀତିକୁ ନେଇ ବାରମ୍ବାର ଗଣମାଧ୍ୟମରେ ଚର୍ଚ୍ଚାକୁ ଆସିଥିଲେ। ବର୍ତ୍ତମାନ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହି ଯନ୍ତ୍ରୀଙ୍କୁ ମାହାଙ୍ଗାର ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ଅପରପକ୍ଷରେ ଏହି ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତା ଓ ଚଞ୍ଚକତାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକ୍କାୟିତ ରହସ୍ୟର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ ରହିଥିବା କାରଣରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତାରେ ଲୋକେ ଠିକ୍ ଭାବେ ଯାଆସ କରିପାରୁ ନାହାନ୍ତି। ଏପରିକି ରାସ୍ତାର ଦୂରବସ୍ଥା ହେତୁ ଜରୁରୀକାଳୀନ ପରିସ୍ଥିତି ଓ ଯାତାୟତ ନିମନ୍ତେ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

# ଡିଜିପିଙ୍କୁ ଛାତ୍ର ବିଜେଡିର ସ୍ମାରକପତ୍ର





**ଆଠଗଡ,୧୪।୮ (ସମିସ):** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନାରୀ ନିର୍ଯାତନା ବୃଦ୍ଧି ତଥା ବିଭିନ୍ନ ମହାବିଦ୍ୟାଳୟର କ୍ୟାମ୍ପସରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ଓ କ୍ୟାମ୍ପସରେ ଶୃଙ୍ଖଳିତ ପରିବେଶ ଆଦିର ଦାବି କରି ଆଠଗଡ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆଠଗଡ ଥାନା ଅଧିକାରୀ ଜରିଆରେ ଏକ ସ୍ମାରକପତ୍ର ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ନିକଟସ୍ଥ ପୂଜ୍ୟପୂଜା କ୍ଷେତ୍ର ଠାରେ ଆଠଗଡ ସହର ସ୍ଥିତ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ, ଗୋପବନ୍ଧୁ ମହିଳା ସ୍ନାତକ ଓ କନିଷ୍ଠ ମହାବିଦ୍ୟାଳୟ, ଟାଙ୍ଗୀ -ଚୌଦ୍ୱାର ବ୍ଲକ କଖଡି ସ୍ଥିତ ମହାନଦୀ ମହାବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିର ମାଲ୍ୟାର୍ପଣ କରିଥିଲେ। ପରେ ଏକ ବିଶାଳ ଶୋଭାଯାତ୍ରାରେ ଆଠଗଡ ସହରର ମୁଖ୍ୟ ରାସ୍ତାଦେଇ ଆଠଗଡ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଠଗଡ ଏନ୍ଏସି ଛାତ୍ର ବିଜେଡି ସଭାପତି ଖଲ୍ଲିଦ ମହମ୍ମଦ ଓ ବ୍ଲକ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି ନେତୃତ୍ୱରେ ଅନୁଷ୍ଠିତ ପ୍ରଥପ୍ରାନ୍ତ ସଭାରେ ଛାତ୍ର ନେତା ସରୋଜ ପରିଡା, ଯୁବ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ, ଲଳିତେନ୍ଦୁ ସେନାପତି, ଆଠଗଡ ଏନ୍ଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ, ସଂପାଦକ ରଞ୍ଜନ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଆଠଗଡ ଥାନା ଅଧିକାରିଣୀ ସୁମତି କୁମାରୀ ମହାନ୍ତି ଛାତ୍ରଛାତ୍ରୀଙ୍କ ଠାରୁ ସ୍ମାରକପତ୍ର ଗ୍ରହଣ କରିଥିଲେ।





Lunching of Zoom 125, Courtesy Soumik Hero, Jajpur Road

# ସପତ୍ନୀକ ମହାପ୍ରଭୁଙ୍କୁ ଦର୍ଶନକଲେ ଧର୍ମେନ୍ଦ୍ର



ପୁରୀ, ୧୪।୮ (ସମିସ): ଗୁରୁବାର ସପତ୍ନୀକ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ପାଇଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି। ରାଜ୍ୟ, ଦେଶ ଓ ମାନବଜାତିକୁ ମହାପ୍ରଭୁ ଆଶୀର୍ବାଦ କରନ୍ତୁ ବୋଲି ସେ କାମନା କରିଥିଲେ। ଜାତୀୟ ଶିକ୍ଷାନୀତି ଉପରେ ଜଣେ ଗୁରୁଜନଙ୍କ ପରାମର୍ଶ ନେଇଛନ୍ତି ଧର୍ମେନ୍ଦ୍ର। ଓଡ଼ିଶାର ସମସ୍ତ ପ୍ରାଥମିକ ସ୍କୁଲରେ ଓଡ଼ିଆ ଭାଷାରେ ପାଠପଢ଼ା ହେଉ ବୋଲି ସମ୍ପୃକ୍ତ ବ୍ୟକ୍ତିଜଣଙ୍କ କହିଥିଲେ। ଇଂରାଜୀ ସ୍କୁଲରେ ମଧ୍ୟ ଓଡ଼ିଆରେ ପାଠପଢ଼ା ହେଉ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନିଜ ମାତୃଭାଷା ଓଡ଼ିଆରେ ପାଠପଢ଼ା ହେବା ଦରକାର ବୋଲି ସେହି ବ୍ୟକ୍ତି ଜଣକ କେନ୍ଦ୍ରମନ୍ତ୍ରୀଙ୍କୁ କହିଥିଲେ। ଶ୍ରୀମନ୍ଦିର ଭିତରେ ଥିବା ସ୍କୁଲର ପୁନରୁଦ୍ଧାର ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ଏନେଇ ସେ ଜିଲ୍ଲାପାଳ ଏବଂ ଶିକ୍ଷା ବିଭାଗ ସହ ଆଲୋଚନା କରିବେ। ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଏବେ ଯେଉଁଭଳି ଘଟଣା ଘଟୁଛି, ସେନେଇ ସ୍ଥାନୀୟ ପ୍ରଶାସନ ସଜାଗ ଥିବା କହିଥିଲେ ଧର୍ମେନ୍ଦ୍ର।

**ଶ୍ରୀମନ୍ଦିରରେ ଅଘଟଣ**

# ଗରମ ଡାଲି ପଡ଼ି ବୋଝିଆ ଆହତ

ପୁରୀ,୧୪।୮ (ସମିସ): ଶ୍ରୀମନ୍ଦିରରେ ଘଟିଛି ଅଘଟଣ। ଗରମ ଡାଲି ପଡ଼ି ଜଣେ ବୋଝିଆ ଆହତ ହୋଇଛନ୍ତି। ସେ ହେଲେ, ଖଡ଼ିପଦାର ପ୍ରଶାନ୍ତ ଜେନା। ସୂଚନା ଅନୁଯାୟୀ, ପ୍ରଶାନ୍ତ ବେତାରେ ଡାଲି, ଅନ୍ନ ରଖି ଆନନ୍ଦ ବଜାରକୁ ଆଣିଥିଲେ। ଆନନ୍ଦ ବଜାରରେ ବେତା ଓହ୍ଲାଉଥିବା ବେଳେ ଗରମ ଡାଲି କୁଡୁଆ ତାଙ୍କ ଉପରେ ପଡ଼ିଯାଇଥିଲା। ସେ ମଧ୍ୟ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରୁ ଅଣ୍ଟା ପର୍ଯ୍ୟନ୍ତ ଗରମ ଡାଲି ବୋହି ଆସିବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ପୁରୀର ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇ ତାଙ୍କର ଚିକିତ୍ସା ଚାଲିଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ମୋହନ ଭାଗବତ



ପୁରୀ,୧୪।୮ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଆଜି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସନ୍ଧ୍ୟାରେ ସେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆସି ପୁରୀରେ ପହଞ୍ଚିଥିଲେ। ପ୍ରଥମେ ସେ ଗୋବର୍ଦ୍ଧନ ମଠାରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ କରିବା ସହ ଆଶୀର୍ବାଦ ନେଇଥିଲେ। ଏଥିସହ ଗୁରୁଜୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋନା କରିଥିଲେ। ପରେ ଆରଏସ୍‌ଏସ୍ ମୁଖ୍ୟ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ତାଙ୍କୁ ସେବାୟତମାନେ ସ୍ୱାଗତ କରି ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ସେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢ଼ା ପରିସର ବୁଲି ଅନ୍ୟାନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପ୍ରାୟ ଅଧଘଣ୍ଟାଏରୁ ଅଧିକ ସମୟ ଶ୍ରୀମନ୍ଦିରରେ ବିତାଇଥିଲେ ଶ୍ରୀ ଭାଗବତ।

# ସାପକାମୁଡ଼ାରେ ମାଆ-ପୁଅ ମୃତ

ଆନନ୍ଦପୁର,୧୪।୮ (ସମିସ): ସାପ କାମୁଡ଼ାରେ ଚାଲିଗଲା ମାଆ-ପୁଅଙ୍କ ଜୀବନ। ଘସିପୁରା ଥାନା ରାଧିକାଦେଇପୁର ଗାଁରେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଗାଁର ସୁନୀଲ ମୁଣ୍ଡାଙ୍କ ପତ୍ନୀ ଜେମାମଣୀ ଓ ତାଙ୍କ ପୁଅ ଗଣେଶ (୧୦)। ଉଭୟ ମାଆ-ପୁଅ ବୁଧବାର ରାତିରେ ଖାଇପିଇ ସାରି ଘରେ ଚଟାଣରେ ଶୋଇଥିଲେ। ରାତି ପ୍ରାୟ ୧ଟା ବେଳେ ହଠାତ୍ ଦୁହିଁଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ସୁନୀଲ ସେମାନଙ୍କୁ ଏକ ବାଇକ୍‌ରେ ନିକଟସ୍ଥ କେଶଦୁରାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ଆନନ୍ଦପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଆମ୍ବୁଲାନ୍ସ ନ ମିଳିବାରୁ ଘରୋଇ ଗାଡ଼ିରେ ଦୁହିଁଙ୍କୁ ମେଡିକାଲ ନେବାରେ ବିଳମ୍ବ ହୋଇଥିଲା। ଫଳରେ ବାଟରେ ଗଣେଶ ଓ ଚିକିତ୍ସାଧୀନ ଅବସ୍ଥାରେ ଜେମାମଣୀଙ୍କ ମୃତ୍ୟୁ ଘଟିଥିଲା।

**କେନ୍ଦ୍ର ଓବିସି ତାଲିକାରେ ସାମିଲ ପ୍ରସଙ୍ଗ**

# ଆସନ୍ତା ୨୦ରେ ଜନଶୁଣାଣି କରିବେ ରାଷ୍ଟ୍ରୀୟ ପଛୁଆ ବର୍ଗ ଆୟୋଗ

ଭୁବନେଶ୍ୱର,୧୪।୮ (ସମିସ): କେନ୍ଦ୍ର ଓବିସି ତାଲିକାରେ ଓଡ଼ିଶାର ବିଭିନ୍ନ ଜାତିକୁ ଯୋଡ଼ିବା ପାଇଁ ଜନଶୁଣାଣି ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ। ରାଷ୍ଟ୍ରୀୟ ପଛୁଆ ବର୍ଗ ଆୟୋଗ (ଏନସିବିସି) ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଆହିରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ସାର୍ବଜନୀନ ଶୁଣାଣି ହେବ। ଏନେଇ ଏନସିବିସିଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଅବଗତ କରାଯାଇଛି।

ସୂଚନାଯୋଗ୍ୟ ଯେ କେନ୍ଦ୍ର ଓବିସି ତାଲିକାରେ ରାଜ୍ୟର ବିଭିନ୍ନ ଜାତି, ସମ୍ପ୍ରଦାୟଙ୍କୁ ଯୋଡ଼ିବା ପାଇଁ ଏନସିବିସିକୁ ରାଜ୍ୟ ଏସସି, ଏସଟି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିବିଶେଷ, ସଂଗଠନ ମଧ୍ୟ ତାଲିକାରେ ସାମିଲ ଓ ବାଦ୍ ଦେବା ନେଇ ଆୟୋଗଙ୍କ ନିକଟରେ ଦାବି ରଖିଥିଲେ। ଏହାକୁ

## ତାଲିକାରେ ଯୋଡ଼ିହେବାକୁ ଅପେକ୍ଷାରେ ଏକାଧିକ ଜାତି

ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖରେ ଆୟୋଗ ଭୁବନେଶ୍ୱରରେ ଜନଶୁଣାଣି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ବିଭିନ୍ନ ଜାତି, ସମ୍ପ୍ରଦାୟର ପ୍ରତିନିଧିମାନେ ଉପସ୍ଥିତ ରହି ନିଜର ଦାବି ରଖିପାରିବେ। ଶୁଣାଣିରେ ଓଡ଼ିଶା ସରକାରଙ୍କ ରିପୋର୍ଟ ସହ ଅନ୍ୟାନ୍ୟ ବ୍ୟକ୍ତିଗତ ଆବେଦନଗୁଡ଼ିକୁ ବିଚାର କରାଯିବ। ଶୁଣାଣି ସମୟରେ ମୁଖ୍ୟ ଶାସନ ସଚିବ ସମସ୍ତ ପୂର୍ଣ୍ଣାଙ୍ଗ ତଥ୍ୟ ସହ ଆବଶ୍ୟକୀୟ କାଗଜପତ୍ର ସାଙ୍ଗରେ ଆଣି ଆସିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ୨୧୧ ପ୍ରକାରର ଜାତି ପଛୁଆ ବର୍ଗର ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି। ମାତ୍ର କେନ୍ଦ୍ର ସ୍ତରରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହି ସୁବିଧା ପାଇପାରୁ ନାହାନ୍ତି। ବର୍ଷ ବର୍ଷ ଧରି ସେମାନେ ଓବିସି ତାଲିକାରୁ ବଞ୍ଚିତ ହୋଇ ଆସୁଥିବା ବେଳେ କେନ୍ଦ୍ରୀୟ ତାଲିକାରେ ସାମିଲ ହେବାକୁ ବିଭିନ୍ନ ସମୟରେ ଦାବି କରି ଆସୁଛନ୍ତି।

**ନିଜକୁ ବାଇକ୍‌ରେ ବାନ୍ଧି କେନାଲକୁ ପଶିଗଲେ**

# ଯୁବକ ମୃତ


ସାରସକଣା,୧୪।୮ (ସମିସ): ସାରସକଣା ବ୍ଲକ ଝାରପୋଖରିଆ ଥାନା ଅନ୍ତର୍ଗତ ଶୀର୍ଷା ପଞ୍ଚାୟତର ଚାଉଳଘେରି ଗ୍ରାମ ନିକଟ ଦେଇ ଯାଇଥିବା ସୁବର୍ଣ୍ଣରେଖା କେନାଲ ଭିତରୁ ଆଜି ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଯୁବକଜଣଙ୍କ ହେଲେ, ଶାଳବଣି ଗ୍ରାମର ବିଜୟ ମହାନ୍ତଙ୍କ ପୁଅ ରତିକାନ୍ତ ମହାନ୍ତ। ଆଜି ଦିନ ବେଳେ ସେ ନିଜକୁ ଦଉଡ଼ିରେ ବାଇକ ସହ ବାନ୍ଧି କେନାଲକୁ ପଶି ଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ତେବେ କେଉଁ କାରଣରୁ ସେ ଏପରି ଚରମ ପଦକ୍ଷେପ ନେଇଛନ୍ତି, ତାହା ଜଣାପଡ଼ିନାହିଁ।


# ତାଳବଣିଆ-ଭୂଦାନ ଛକ ରାସ୍ତା ସମ୍ପ୍ରସାରଣ ପାଇଁ ଗଛକଟାକୁ ବିରୋଧ: ହାଇକୋର୍ଟରେ ମାମଲା

କଟକ, ୧୪।୮ (ସମିସ): ପୁରୀ ତାଳବଣିଆ- ଭୂଦାନ ଛକ ପର୍ଯ୍ୟନ୍ତ ରାସ୍ତାକୁ ସମ୍ପ୍ରସାରଣ କରିବା ପାଇଁ ବହୁ ବର୍ଷର ପୁରୁଣା ଗଛଗୁଡ଼ିକ କଟାଯିବା ପାଇଁ ରହିଥିବା ପ୍ରସ୍ତାବକୁ ବିରୋଧ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। କଟକ ଚାନ୍ଦିନୀଚୌକ ଅଞ୍ଚଳର ସ୍ୱେଚ୍ଛାସେବୀ ଜୟନ୍ତୀ ଦାସଙ୍କ ପକ୍ଷରୁ ଏହି ମାମଲା ରୁଜୁ ହୋଇଛି। ଏଥିପାଇଁ ଏହି ଅଞ୍ଚଳରେ ଥିବା ପ୍ରାୟ ୭୨ଟି ପୁରୁଣା ଗଛ ଏଥିପାଇଁ ବଳି ପଡ଼ିବାକୁ ଯାଉଛି। ଏହାଦ୍ୱାରା ପୁରୀର ପରିବେଶ ଅସନ୍ତୁଳିତ ହେବା ସହ ତାପମାତ୍ରା ବୃଦ୍ଧି ସହ ପ୍ରଦୂଷଣ ସୃଷ୍ଟି ହେବ। ଏଥିପାଇଁ ଏହି ବେଆଇନ ଗଛକଟାକୁ ବନ୍ଦ କରିବା ସହ ପ୍ରତିପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି।

ସୁପ୍ରିମକୋର୍ଟଙ୍କ ଧାର୍ଯ୍ୟ ଗାଇଡଲାଇନ ଅନୁପାଳନ ତଥା ବିଶେଷଜ୍ଞ କମିଟି ଦ୍ୱାରା ଯାଞ୍ଚ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ରାଜ୍ୟ ସରକାର ଏହି ମୂଲ୍ୟବାନ ଗଛଗୁଡ଼ିକୁ ଅନ୍ୟତ୍ର ପୁନଃସ୍ଥାପନ କରି ଏହାକୁ ଜୀବିତ ରଖିବା ପାଇଁ ପ୍ରୟାସ କରନ୍ତୁ କିମ୍ବା ଗଛଗୁଡ଼ିକର ଅପରପାର୍ଶ୍ୱର ଖାଲି ଜାଗାକୁ ରାସ୍ତା ସମ୍ପ୍ରସାରଣ ପାଇଁ ବ୍ୟବହାର କରାଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।


ପୂର୍ବରୁ ମଧ୍ୟ, ଭୁବନେଶ୍ୱର ୟୁନିଟ୍-୪ରେ ବିଧାୟକମାନଙ୍କ ପାଇଁ ବହୁତଳ ବିଶିଷ୍ଟ କ୍ୱାର୍ଟର୍ସ ନିର୍ମାଣ ପାଇଁ ଗଛକଟାକୁ ବିରୋଧ କରି ଏକ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ସରକାର ଏଭଳି ପଦକ୍ଷେପ ନେଇଥିଲେ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ମାମଲାକୁ ପରିଚାଳନା ପାଇଁ ବରିଷ୍ଠ ଆଇନଜୀବୀ ବିଜୟ କୁମାର ରଗଡ଼ଙ୍କୁ ନିଯୁକ୍ତ କରାଯାଇଛି। ଏହି ମାମଲାରେ ରାଜ୍ୟ ମୁଖ୍ୟଶାସନ ସଚିବ, ଜଙ୍ଗଲ ଓ ପରିବେଶ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ, ଜିଏ ବିଭାଗ ସଚିବ, ନଗର ଉନ୍ନୟନ ବିଭାଗ ସଚିବ ,ପିକେଡିଏ ଅଧ୍ୟକ୍ଷ , ଓଡ଼ିଶା ବନ ଉନ୍ନୟନ ନିଗମ ଅଧ୍ୟକ୍ଷ ଓ କେନ୍ଦ୍ର ସରକାରଙ୍କୁ ପକ୍ଷଭୁକ୍ତ କରାଯାଇଛି।









# ଓଲଟପୁର ଓ ଗୋବିନ୍ଦପୁର ଥାନା ଅଞ୍ଚଳରେ 'ଅପରେସନ ଗରୁଡ' ଫେଲ୍

କଣ୍ଟାପଡ଼ା,୧୪।୮ (ସମିସ): ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ମାସ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପି ଚାଲିଥିବା ଅପରେସନ 'ଗରୁଡ' ଅଭିଯାନ କଟକ ଜିଲ୍ଲାର ଉପରୋକ୍ତ ଦୁଇ ଥାନାରେ ଫେଲ ମାରିଛି। ଅପରାଧ ଦମନ, ବେଆଇନ ନିଶାଦ୍ରବ୍ୟ କାରବାର, ଦାଦାବଟି ଆଦାୟ, ଓଏନ୍‌ଡିପିଏସ୍ ପ୍ରଭୃତି ସମ୍ବେଦନଶୀଳ ମାମଲାକୁ ନେଇ ଅପରେସନ 'ଗରୁଡ' ବେଶ ଗୁରୁତ୍ୱ ବହନ କରି ସାରା ରାଜ୍ୟରେ ଓଡ଼ିଶା ପୁଲିସର କାର୍ଯ୍ୟଧାରା ବେଶ ପ୍ରଶଂସିତ ହୋଇଥିବା ବେଳେ ଏହି ଦୁଇ ଥାନାରେ କିନ୍ତୁ ସ୍ଥିତି ଓଲଟା। ଓଲଟପୁର ଥାନା ଠାରୁ ମାତ୍ର ତିନି କିଲୋମିଟର ଦୂରରେ ଥିବା ବାଘୁଆ ଗ୍ରାମର ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଦିନରାତି ସପରିବାର ଦୀର୍ଘ ବର୍ଷ ଧରି ବେଆଇନ୍ ଭାବେ ଗଞ୍ଜେଇ ବିକ୍ରି କରୁଥିବା ବେଳେ ପିଙ୍ଗାପଡା ଠାରେ ଫୁଲନଖରା-ନିଆଳି ରାଜ୍ୟ ରାଜପଥ କଡ଼ରେ ମଧ୍ୟ ସମାନ ଢଙ୍ଗରେ ବେଫିକର ଭାବେ ଅବାଧରେ ଗଞ୍ଜେଇ ବିକ୍ରିବଟା ଚାଲିଛି, ଖଣ୍ଡିଆରୀ ପୁରଠାରେ ଥିବା ଏକ ଦେଶୀ ମଦ ଷ୍ଟକ ପଏଣ୍ଟ ଦୀର୍ଘ ବର୍ଷ ଧରି ଦେଶୀ ମଦ ବାର ପାଲଟିଛି। ଗରଗରା, ପିଙ୍ଗାପଡା, କଣ୍ଟାପଡା ସ୍କୁଲ ଛକରେ ଲୁଚାଛପାରେ ଉଭୟ ଦେଶୀ ଓ ବିଦେଶୀ ମଦ ନିର୍ଦ୍ଧୁମ ବିକ୍ରି ଚାଲିଛି। ଅବଶ୍ୟ ଚୋରି ଓ ଛିନତାଇ ଘଟଣାରେ ଓଲଟପୁର ପୁଲିସର ସଫଳତା ହାର ଭଲ ରହିଥିବା ବେଳେ ବଡ ବଡ ନିଶା ବ୍ୟବସାୟୀଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି। ନିଆଳି ନିର୍ବାଚନ ମଣ୍ଡଳୀର ସର୍ବପୁରାତନ ବ୍ରିଟିଶ ଅମଳର ଗୋବିନ୍ଦପୁର ଥାନା ଆଇଆଇସି ପଦରୁ ଓଆଇସି ପଦ ହେବା ଦିନଠାରୁ ଏଠି ପରିସ୍ଥିତି ଭିନ୍ନ। ଗତ ମାସରେ ଝାରପଡା ରାସ୍ତା କଡରେ ସନ୍ଧ୍ୟାବେଳେ ୪ ଜଣ ଯୁବକ ମଦ୍ୟପାନ କରୁଥିବା ସମୟରେ ପୁଲିସ ସେମାନଙ୍କୁ ବାରଣ କରିବାରୁ ପୁଲିସ ଅଧିକାରୀଙ୍କୁ ଦୁର୍ବୃତ୍ତମାନେ ବିଅର ବୋତଲରେ ଆକ୍ରମଣ କରିବାରୁ ଜଣେ ଅଧିକାରୀ ଗୁରୁତର ଆହତ ହୋଇଥିଲେ। ଏହି ଥାନାର ଝାରପଡା ହାର୍ଡୱାର ଦୋକାନ ନିକଟସ୍ଥ ଓସ୍ତ ଗଛମୂଳ ଏକ କ୍ୟାବିନରେ ବର୍ଷ ବର୍ଷ ଧରି ଗଞ୍ଜେଇ ବିକ୍ରି ହେଉଥିଲେ ମଧ୍ୟ ପୁଲିସ ଚାଲିଥିବା ଅପରେସନ 'ଗରୁଡ'ରେ ଧରିବାରେ ବିଫଳ ହୋଇଛି। ଗୋବିନ୍ଦପୁର ଥାନା ଅଧୀନରେ ଦୁଇଟି ସରକାରୀ ଓ ଗୋଟିଏ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଥିଲେ ମଧ୍ୟ ଥାନା ଅଞ୍ଚଳରେ ଉଭୟ ନକଲି ଦେଶୀ ଓ ବିଦେଶୀ ମଦ ପ୍ରାୟ ପ୍ରତ୍ୟେକ ଗ୍ରାମରେ ନିର୍ଦ୍ଧୁମ ବିକ୍ରି ଚାଲିଛି। ବାଲିପଡ଼ାରେ ବେଆଇନ୍ ଚୋରା ମଦ ବିକ୍ରି ହେଉଥିବାବେଳେ ମଦ ବ୍ୟବସାୟୀ ଜଣକ ଘରେ ବାର ଖୋଲି ଦେଇଛନ୍ତି। ତଥାପି ପୁଲିସ ଏହି ସ୍ୱତନ୍ତ୍ର ଅଭିଯାନର ଏମାନଙ୍କୁ ଧରିପାରିଲା ନାହିଁ ନା ଅନ୍ୟ କୌଣସି କାରଣ ପାଇଁ ଧରୁ ନାହିଁ ତାହା ପୁଲିସ ଓ ଜନସାଧାରଣଙ୍କୁ ବେଶ ଭଲଭାବରେ ଜଣାଥିବାବେଳେ ଭୟରେ ଜନସାଧାରଣ ମୁଁହ ଖୋଲୁନାହାନ୍ତି। ଚଳିତ ମାସ ୧ ତାରିଖରେ ଗୋବିନ୍ଦପୁର ଥାନା ଠାରୁ ମାତ୍ର ୨୦୦ ମିଟର ଦୂରରେ ଗୋବିନ୍ଦପୁର ବଜାରରେ ସୁନା ରୂପା ଅଳଙ୍କାର ବ୍ୟବସାୟ କରୁଥିବା ଜଣେ ବ୍ୟବସାୟୀ ଦୋକାନ ବନ୍ଦ କରି ନିଜ ଘରକୁ ଫେରୁଥିବା ବେଳେ ଦେବୀ ନଦୀ ଉପରେ ନିର୍ମିତ ନୂଆ ପୋଲ ନିକଟରେ ଦୁଇଜଣ ଦୁର୍ବୃତ୍ତ ବ୍ୟବସାୟୀଙ୍କୁ ଆକ୍ରମଣ କରିବା ସହ ତାଙ୍କ ସୁନା, ରୂପା ଅଳଙ୍କାର ଓ ଟଙ୍କା ଛଡାଇ ନେଇଯାଇଥିଲେ। ଏନେଇ ବ୍ୟବସାୟୀ ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିବା ସହ ଗୋବିନ୍ଦପୁର ବଜାର ବ୍ୟବସାୟୀ ସମୂହ ଗୋବିନ୍ଦପୁର ବଜାର ବନ୍ଦ ରଖି ବ୍ୟବସାୟୀଙ୍କ ସୁରକ୍ଷା, ଆଇନଶୃଙ୍ଖଳା ଓ ଦାଦା ବଟି ବନ୍ଦ କରିବା ଦାବି କରି ଗୋବିନ୍ଦପୁର ଥାନାରେ କଟକ ସଦର ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ଦାବିପତ୍ର ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କେତେ ଟଙ୍କାର ଚୋରି ହୋଇଛି ଓ ଚୋରର ସନ୍ଧାନ ପାଇବାରେ ପୁଲିସ ବିଫଳ ହୋଇଛି। ଯାହାକୁ ନେଇ ବ୍ୟବସାୟୀ ଓ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ପୁଲିସ ଅପରେସନ 'ଗରୁଡ' ମାଧ୍ୟମରେ ଯଦି ବଡ ବଡ ଚୋରା ନିଶା ବ୍ୟବସାୟୀଙ୍କୁ ଧରିପାରିଲା ନାହିଁ। ଆଉ କେବେ ଧରିବ ତାହା ହିଁ ବଡ ପ୍ରଶ୍ନ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚାରାରୋପଣ

କିଶନନଗର,୧୪।୮ (ସମିସ): କଟକ ସଦର ଅନ୍ତର୍ଗତ ବାରଦା ପଞ୍ଚାୟତର ମା' ଅମ୍ବିକେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆଜି ବାରଦା ସ୍ଥିତ ମା' ଅମ୍ବିକେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାରାୟଣ ପ୍ରସାଦ ସିହ୍ନାଙ୍କ ତତ୍ତ୍ୱବଧାନରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଜଙ୍ଗଲ ଅଧିକାରୀ ଶର୍ମିଳି ନାୟକ, ସମ୍ମାନନୀୟ ଅତିଥିରୂପେ କଟକ ସଦର ପଞ୍ଚାୟତ ସମିତିର କନିଷ୍ଠଯନ୍ତ୍ରୀ ପ୍ରିୟଦର୍ଶିନୀ ରାଉତ, ସ୍ଥାନୀୟ ଜଙ୍ଗଲ ଅଧିକାରୀ ସୂର୍ଯ୍ୟକାନ୍ତ ସାହୁ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଆକାଶବାଣୀ ଗୀତିକାର କଳାକାର ଜୀତୁ ସାବତ, ଅଭିନେତା ରୁଦ୍ରମୋହନ ଏବଂ ସାଥିରମଣୀ ରଞ୍ଜନ ମଧ୍ୟ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭ୍ୟ ରମେଶ ଚନ୍ଦ୍ର ଦାଶ, ଅରକ୍ଷିତ ଦଳେଇ, ମାଧବ ସାହୁ, ହିମାଂଶୁ ପାତ୍ର, କରୁଣାକର ବେହେରା, ସୁରେନ୍ଦ୍ର ନାଥ ସାହୁ, ଗଙ୍ଗାଧର ବେହେରା, ମନୋରଞ୍ଜନ ଜେନା, ଲୋକନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ବ୍ୟଙ୍ଗ କବି ପ୍ରତାପ ଚନ୍ଦ୍ର ବେହେରା ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଧନ୍ୟବାଦ ଦେଇଥିଲେ।

## ବାର୍ଷିକ ଅଧିବେଶନ ନିମନ୍ତେ ପ୍ରସ୍ତୁତି ବୈଠକ

ମାହାଙ୍ଗା,୧୪।୮ (ସମିସ): ମାହାଙ୍ଗା ବ୍ଲକ ଶୁକ୍ଳେଶ୍ୱର ସ୍ଥିତ ସର୍ବପୁରାତନ ଶିକ୍ଷାନୁଷ୍ଠାନ ଭଗବତୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘର ବାର୍ଷିକ ଅଧିବେଶନ ନିମନ୍ତେ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ସଂଘର ସଭାପତି ଇଂ ସହଦେବ ଖଟୁଆ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଅକ୍ଟୋବର ୨ ତାରିଖ ବିଜୟା ଦଶମୀ ଦଶହରା ଦିନ ପ୍ରତିବର୍ଷ ପରି ଏ ବର୍ଷ ବାର୍ଷିକ ଅଧିବେଶନ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ବିଦ୍ୟାଳୟରେ ନିର୍ମାଣ ହେଉଥିବା ଅଡିଟୋରିୟମ ଗୃହଟି କିପରି ସମ୍ପୂର୍ଣ୍ଣ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥି ନିମନ୍ତେ ରାଜ୍ୟସଭା ସଦସ୍ୟ ସୁଲତା ଦେଓ ଓ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ବିଦ୍ୟାଳୟର ଅଡିଟୋରିୟମ ଗୃହ ନିର୍ମାଣ ପାଇଁ ଅର୍ଥ ରାଶି ପ୍ରଦାନ କରିଥିବାରୁ ବିଦ୍ୟାଳୟ ଓ ପୁରାତନ ଛାତ୍ର ସଂଘ ତରଫରୁ କୃତଜ୍ଞତା ପ୍ରଦାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି କୈଳାସଚନ୍ଦ୍ର ସ୍ୱାଇଁ, ସାଧାରଣସମ୍ପାଦକ ଅରୁଣ ବାରିକ, ଯୁଗ୍ମସମ୍ପାଦକ ଭାରତ ଭୂଷଣ ପଟ୍ଟନାୟକ, କୋଷାଧ୍ୟକ୍ଷ ଜ୍ଞାନରଞ୍ଜନ ମହାପାତ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ଚିତ୍ତ ରଞ୍ଜନ ରାଉତ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡ. ମହେନ୍ଦ୍ର ମହାନ୍ତି, ଧନେଶ୍ୱର ସେଠୀ, ଜଗଜୀବନ ବେହୁରା, ମଦନ ମୋହନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ରଘୁନାଥଜୀଉ କଲେଜରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ




କଟକ,୧୪।୮ (ସମିସ): ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅଧ୍ୟକ୍ଷା ଡକ୍ଟର ସ୍ନେହଲତା ମିଶ୍ରଙ୍କ ସହାୟତାରେ ଅନୁଷ୍ଠିତ ହୋଇଯାଇଛି। କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଅଣଶିକ୍ଷକ କର୍ମଚାରୀ ଓ ପିଲାମାନେ ହାତରେ ତ୍ରିରଙ୍ଗା ପତାକା ଧରି ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିବା ସହ ଦେଶାତ୍ମବୋଧକ ସ୍ଲୋଗାନ ଦେଇଥିଲେ।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ




ଅଡ଼ଶପୁର,୧୪।୮ (ସମିସ): ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ତରଫରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଲେପ୍ଟନାଣ୍ଟ ଚିରଶ୍ରୀ ଇନ୍ଦ୍ରସିଂଙ୍କ ତତ୍ତ୍ୱବଧାନରେ ରାଜନୀତି ବିଜ୍ଞାନର ମୁଖ୍ୟ ପ୍ରାଧ୍ୟାପିକା ଡ଼ ହିରଣ୍ମୟୀ ମିଶ୍ର ଯୋଗଦେଇ ନିଶା ସେବନ ନ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଫେସର ଡ଼ ପ୍ରିୟବ୍ରତ ମହାନ୍ତିଙ୍କ ସଂଯୋଜନାରେ ଉମେନ୍ସ ଷ୍ଟଡି ବିଭାଗୀୟ ମୁଖ୍ୟ ତ୍ରିଶଙ୍କା ଦ୍ୱିତୀଶିଖା କାର୍ଯ୍ୟକ୍ରମ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ସଂଗୀତ ବିଭାଗର ଅଧ୍ୟାପିକା ପ୍ରବୀଣା ପ୍ରଧାନ ସହଯୋଗ କରିଥିଲେ। ଏହି ଅବସରରେ ଡ଼ ମହାନ୍ତି ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ଶେଷରେ ଦ୍ୱିତୀଶିଖା ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ଼ ଇପ୍ସିତା ପଟ୍ଟନାୟକ ଏବଂ ଅଧ୍ୟାପିକା ଦୀପ୍ତିମୟୀ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## କଟକରେ ରହିବ ଏନସିସି ନାଭାଲ ମୁଖ୍ୟ ଅଫିସ



- ମେୟର ଓ କମିଶନରଙ୍କ ନାଭାଲ ଜେଟି ପରିଦର୍ଶନ
- ଉଚ୍ଚସ୍ତରୀୟ ବୈଠକରେ ସମସ୍ତ ସମସ୍ୟାର ସମାଧାନ ନେଇ ମେୟରଙ୍କ ପ୍ରତିଶ୍ରୁତି

କଟକ,୧୪।୮ (ସମିସ): ଆଜି କଟକ ମେୟର ସୁବାସ ସିଂହ, ତୁଳସୀପୁର ସ୍ଥିତ ହରିଣ ପାର୍କ ନିକଟସ୍ଥ ଏନ୍‌ସିସି ନାଭାଲ ବୋଟ ଜେଟିରେ ପହଞ୍ଚି ଏହାର ପରିଦର୍ଶନ ଓ ସମୀକ୍ଷା କରିଥିଲେ। ସୂଚନା ଅନୁସାରେ ଏନ୍‌ସିସି ହେଡ ଅଫିସ କଟକରୁ ଉଠିଯାଇ ପାରାଦୀପରେ ହେବ ଖବର ପାଇ ଏବଂ ଏନ୍‌ସିସି କମାଡିଙ୍ଗ ଅଫିସର, ମେୟର ଶ୍ରୀ ସିଂହଙ୍କୁ ସାକ୍ଷାତକାର କରି ଏନ୍‌ସିସି ନାଭାଲ ବୋଟ ଜେଟିର ସୁବିଧା ଓ ଅସୁବିଧା ବିଷୟରେ ଜଣାଇବା ପରେ ଆଜି ମେୟର, ସିଏମସିର ସମସ୍ତ ଅଧିକାରୀଙ୍କୁ ନେଇ ସେହି ସ୍ଥାନ ପରିଦର୍ଶନ କରିବା ସହ କିପରି ସେଠାରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ କରାଯାଇପାରିବା ସେ ବିଷୟରେ ଆଲୋଚନା କରିଥିଲେ। ପ୍ରାୟ ୧୪୦୦ ଜଣ ଏନ୍‌ସିସି କ୍ୟାଡେଟଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ମେୟର ଶ୍ରୀ ସିଂହ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଥିଲେ ଓ ଏନ୍‌ସିସି ନାଭାଲ ବୋଟ ଜେଟିର ପୁନରୁଦ୍ଧାର କରାଯିବା ପାଇଁ ମଧ୍ୟ ନିଷ୍ପତି ନିଆଯାଇଥିଲା। ମେୟରଙ୍କ ନିର୍ଦ୍ଦେଶକ୍ରମେ ଏନ୍‌ସିସି ନାଭାଲ ବୋଟ ଜେଟିରେ ଯୁଦ୍ଧକାଳୀନ ଭିତ୍ତିରେ ଏକ ଲେଡିସ ଟଏଲେଟ, ଡ୍ରେସ ଚେଜିଙ୍ଗ ରୁମ, ଡିୟୁଟି ରୁମ, ଅଲୋକୀକରଣ କରାଯିବ। ଏହି ଅବସରରେ କଟକ ମେୟର ଶ୍ରୀ ସିଂଙ୍କ ସହିତ ସିଏମସି କମିଶନର କିରଣଦୀପ କୌର ସହୋତା, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଏ ଶ୍ରୀଦେବୀ, ସ୍ଥାନୀୟ କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, କର୍ପୋରେଟର ବସନ୍ତ ବେହେରା, ଇଞ୍ଜିନିୟର ସୁବାସ ସାହୁ, ଜେଇ ଦିଲୀପ ସ୍ୱାଇଁ, ଜେଇ ସୁଜାତା ଗୋଚ୍ଛାୟତ, ଓଡ଼ିଶା ୩ ଭାଲ କମାଣ୍ଡିଙ୍ଗ ଅଫିସର ସୁଶାନ୍ତ ମହାନ୍ତି, ଏନ୍‌ସିସି ଅଫିସର ବ୍ରହ୍ମାନନ୍ଦ ତ୍ରିପାଠୀ, ଏନ୍‌ସିସି ଅଫିସର ପ୍ରଦ୍ୟୁମ୍ନ ଦାସ, ଏନ୍‌ସିସି ଅଫିସର ଦୀପକ ମାଇତି, ଏନ୍‌ସିସି ଅଫିସର ମାନସୀ ଜେନାଙ୍କ ସମେତ ବହୁ ଏନସିସି କ୍ୟାଡେଟ ଉପସ୍ଥିତ ଥିଲେ।

## କଲେଜରେ ଜାତୀୟ ଗ୍ରନ୍ଥାଗାରିକ ଦିବସ

ସାଲେପୁର,୧୪।୮ (ସମିସ): ସାଲେପୁର ଫାର୍ମାସୀ କଲେଜରେ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ ହୋଇଯାଇଛି। ଗ୍ରନ୍ଥାଗାରିକ ବିଜ୍ଞାନର ଜନକ ପଦ୍ମଶ୍ରୀ ଏସ୍.ଆର. ରଙ୍ଗନାଥନ୍‌ଙ୍କ ସ୍ମୃତିରେ ପାଳିତ ଏହି ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ପ୍ରବୀର କୁମାର ସିହ୍ନାମହାପାତ୍ର ଅଧ୍ୟକ୍ଷତା କରିଥିଲାବେଳେ ଗ୍ରନ୍ଥାଗାରିକ ଦେବାଶିଷ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଅତିଥି ଭାବେ ଡଃ ଅଶ୍ୱିନୀ କୁମାର ସେନାପତି ଯୋଗଦେଇ ବର୍ତ୍ତମାନ ପଠନ ଅଭ୍ୟାସର ଅଭିବୃଦ୍ଧି ପାଇଁ ଅଧିକରୁ ଅଧିକ ଗ୍ରନ୍ଥାଗାରର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ସେହିପରି ଅଧ୍ୟାପକ ଡଃ ଏଚ୍‌କେ ସନ୍ଦୀପ କୁମାର ଗ୍ରନ୍ଥାଗାର ଗୁଡିକର ଡିଜିଟାଲାଇଜ୍ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ବିଦ୍ୟାର୍ଥୀମାନେ ଯୋଗଦେଇଥିଲେ।

## ତହସିଲ ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରସ୍ଥ



ଟାଙ୍ଗୀ,୧୪।୮ (ସମିସ): ଟାଙ୍ଗୀ ଚୌଦ୍ୱାର ତହସିଲ କାର୍ଯ୍ୟାଳୟ ଟାଙ୍ଗୀରେ ଖୋଲିବା ପାଇଁ ଅତୀତରେ ବିଭିନ୍ନ ସମୟରେ ବିଭିନ୍ନସ୍ତରରେ ଦାବି ହୋଇଆସୁଛି। ପୁନର୍ବାର ଟାଙ୍ଗୀ ସାଲେପୁର ନିର୍ବାଚନ ମଣ୍ଡଳୀ ବିଧାୟକ ପାର୍ଥୀ ବିଶେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ଟାଙ୍ଗୀରେ ତହସିଲ କାର୍ଯ୍ୟାଳୟ ଖୋଲିବା ନିମନ୍ତେ ସୋମବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରସ୍ଥ ହେବା ଅଞ୍ଚଳରେ ଚର୍ଚ୍ଚାକୁ ଆସିଛି। ଉକ୍ତ ଅଭିଯୋଗକୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କରାଯିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଉକ୍ତ ସମୟରେ ମୀନକେତନ ଦାସ, ବିଚିତ୍ରାନନ୍ଦ ସ୍ୱାଇଁ, ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ସାହୁ, ଶିବଚରଣ ବାଇ, ସ୍ୱରାଜ ମହାପାତ୍ରଙ୍କ ସମେତ କଳିଙ୍ଗ କେଶରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରିମ୍‌ସରେ ନିଶା ମୁକ୍ତ ଭାରତ ଅଭିଯାନ



କଟକ,୧୪।୮ (ସମିସ): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଜାତିର ଜନକ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଡ. ଏପିଜେ ଅବ୍‌ଦୁଲ କଲାମ୍‌ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଅଭାସୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ନିଶାମୁକ୍ତ ଭାରତ ଅଭିଯାନର ସଫଳତା କାମନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ନିଶାକୁ ବର୍ଜନ ସହ ଡ୍ରିମ୍‌ସ କ୍ୟାମ୍ପସକୁ ନିଶାମୁକ୍ତ କରିବାକୁ ଶପଥ ପାଠ କରିଥିଲେ। ବିଭିନ୍ନ ଉଇଙ୍ଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ପିପି କଲେଜରେ ସଂସ୍କୃତ ଦିବସ



ନିଶ୍ଚିନ୍ତକୋଇଲି,୧୪।୮ (ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ଅଧ୍ୟକ୍ଷା ଡ଼ଃ ତରୁଲତା ଦେବୀଙ୍କ ପୌରହିତ୍ୟରେ ସଂସ୍କୃତ ଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଭିନ୍ନ ସଂସ୍କୃତ ଶ୍ଳୋକ ଓ ସଂଗୀତ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀ ସୁଶ୍ରୀ ଲିନା ପଣ୍ଡା, ସୁଦେଷ୍ଣା ନନ୍ଦ, ସୁସ୍ମିତା ଦାଶଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରବାଚକ ଶରତଚନ୍ଦ୍ର ରଥ, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ରଶ୍ମୀରଞ୍ଜନ ପଟ୍ଟନାୟକ, ନୀଳକଣ୍ଠ ସାହୁ, ଅମରିଶ ସ୍ୱାଇଁ, ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ସାମଲ, ପ୍ରୀତିଶ୍ରୀ ଦାସ, ମାମାଲି ପ୍ରିୟଦର୍ଶିନୀ, ଡ. ପଦ୍ମପ୍ରଭା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଶିଶିର କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି



ନିଶ୍ଚିନ୍ତକୋଇଲି,୧୪।୮ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ଗୁରୁତ୍ୱାରୋପ କରିବାକୁ ପଦକ୍ଷେପ ନିମନ୍ତେ ଶହ ଶହ ଯୁବ ଛାତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ଲେଖିଛନ୍ତି। ବିଜେଡ଼ିର ବରିଷ୍ଠ ଉପସଭାପତି ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ପରାମର୍ଶ ଓ ବ୍ଲକ ବିଜେଡ଼ି ନେତା ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସଂଯୋଜନା କ୍ରମେ ଯୁବ ବିଜେଡ଼ି ସଭାପତି ରୁଦ୍ରନାରାୟଣ ମହାନ୍ତି ଓ ଛାତ୍ର ବିଜେଡ଼ି ସଭାପତି ପ୍ରିୟବ୍ରତ ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଛାତ୍ର ଉପସଭାପତି ହୃଷିକେଶ ସାହୁ, ନିତ୍ୟାନନ୍ଦ ସ୍ୱାଇଁ, ଶକ୍ତିଶ୍ୱର ସେଠୀ, ବିକ୍ରମ ସ୍ୱାଇଁ, ସତ୍ୟରଂଜନ ଦାସ, ପ୍ରମୋଦ ପଣ୍ଡା, ସତ୍ୟସାଇ ବରାଳ, ପଦ୍ମନାଭ ତ୍ରିପାଠୀ, ପ୍ରିୟାଂଶୁ ପ୍ରିୟଦର୍ଶୀ ପ୍ରମୁଖ ଯୋଗଦେଇଥିଲେ।

### ସମୁଦ୍ରରେ ସବିର୍‌ଙ୍କ 'ବନ୍ଦେ ମାତରମ୍'

# ମାଲେସିଆର 'ଲଙ୍କାଭି'ଠାରେ ଜାତୀୟ ପତାକା ପ୍ରଦର୍ଶନୀ

କଟକ,୧୪।୮ (ସମିସ)



ଆନ୍ତର୍ଜାତୀୟ ସ୍କୁବା ଡାଇଭର୍ ସବିର୍ ବକ୍ସ ମାଲେସିଆର ଲଙ୍କାଭି ଦୀପରେ ଜଳ କଳାକୌଶଳ ପ୍ରଦର୍ଶନ କରିଛନ୍ତି। ସମୁଦ୍ର ଭିତରେ ଜାତୀୟ ପତାକା ଉଡାଇବା ସହିତ ବନ୍ଦେ ମନ୍ଦେ ମାତରମ୍ ଗାନ କରି ଚର୍ଚ୍ଚାକୁ ଆସିଛନ୍ତି। ସେ ଏବଂ ତାଙ୍କାର ଛାତ୍ର ସୌମ୍ୟଜିତ୍ ରାୟ ଅଗଷ୍ଟ ୧୫ ଅବସରରେ ସମୁଦ୍ରର ଗଭୀର ଜଳରାସିକୁ ଟପି ହାତରେ ଜାତୀୟ ପତାକା ଧରି ଗୀତ ଗାଇବାର ଦୃଶ୍ୟକୁ ମାଲେସିଆବାସୀ ଉପଭୋଗ କରିଥିବା ଜଣାପଡ଼ିଛି। ଏହି ଦୁଃସାହସିକ କଳାକୌଶଳ ନିମନ୍ତେ ସବିର୍‌ଙ୍କୁ ମାଲେସିଆବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପୂର୍ବରୁ ଅତଳ ଜଳରାସିରେ ସବିର୍ ଅନେକ କଳାକୌଶଳ ପ୍ରଦର୍ଶନ କରିଥିଲେ। ସବିର ସମୁଦ୍ରରେ ଡାଇଭିଂ କରୁଥିବା ବେଳେ ଶହ ଶହ ଦର୍ଶକ ସେଠାରେ ଉପସ୍ଥିତ ଥିଲେ। ସାଥିରେ ଗ୍ୟାସ୍ ସିଲିଣ୍ଡର, ମାସ୍କ୍ ଏବଂ ଅକ୍ସିଜେନ୍ ରେଗୁଲେଟରକୁ ନେଇ ସମୁଦ୍ର ମଧ୍ୟକୁ ଯାଇଥିଲେ। ପୂର୍ବରୁ ସବିର୍ ସମୁଦ୍ର ଜଳରାସି ତଳେ ଫଟୋଗ୍ରାଫି ଏବଂ ଭିଡିଓଗ୍ରାଫି କରି ଅନେକ ପ୍ରଶଂସା ସାଉଁଟିଛନ୍ତି। ପୂର୍ବରୁ ସବିର ବକ୍ସ ନିଜର ଦଳ ସହିତ ସମୁଦ୍ରରେ ଅନେକ ଥର ସ୍ୱାଧୀନତା ଦିବସ ଅବସରରେ ପତାକା ଉତ୍ତୋଳନ କରିଥିବା ଦେଖିବାକୁ ମିଳିଥିଲା। ସେ ୨୦୦୭ ବିଶ୍ୱକପ୍ ପାଇଁ ଭାରତୀୟ କ୍ରିକେଟ୍ ଦଳକୁ ଉତ୍ସାହିତ କରିବା ପାଇଁ ଏକ ପାଣି ତଳେ ସଙ୍ଗୀତ ଭିଡିଓ 'ବିଶ୍ୱକପ୍ ହମାରା' ପ୍ରସ୍ତୁତ କରି ଚର୍ଚ୍ଚାରେ ରହିଥିଲେ।

ଏଠାରେ ସୂଚନା ଯୋଗ୍ୟ, ସବିର ବକ୍ସଙ୍କ ଜନ୍ମ ୧୦ ଜୁଲାଇ ୧୯୬୭ ମସିହାରେ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ହୋଇଥିବା ବେଳେ ସେ କଟକ ସହରରେ ଦୀର୍ଘ ବର୍ଷ ହେବ ରହି ଆସୁଛନ୍ତି। ସେ ଜଣେ ଗାୟକ, ଚିତ୍ରକର, ରେଡିଓ ଜକି, ମିମିକ୍ରି କଳାକାର, ଉଇଣ୍ଡ ସର୍ଫର, ସବିର ଜଣେ ଲିମ୍‌କା ରେକର୍ଡଧାରୀ ଏବଂ ଆନ୍ତର୍ଜାତୀୟ ସ୍କୁବା ଡାଇଭର। ସାଉଦି ଆରବର 'ଜେଦ୍ଦା'ରେ ବିକ୍ରୟ କାର୍ଯ୍ୟନିର୍ବାହୀ ଭାବରେ କାର୍ଯ୍ୟ କରିବା ସମୟରେ ତାଙ୍କର ମେକାନିକାଲ୍ ଡିପ୍ଲୋମା କରିଥିଲେ। ଏହା ପରଠାରୁ ସେ ଆନ୍ତର୍ଜାତୀୟ ସ୍କୁବା ଡାଇଭର୍ ଭାବେ ବେଶ୍ ପରିଚିତ ଲାଭ କରିଛନ୍ତି।

## ଖ୍ରୀଷ୍ଟ କଲେଜରେ 'ହର୍ ଘର୍ ତିରଙ୍ଗା' ଶୋଭାଯାତ୍ରା




କଟକ,୧୪।୮ (ସମିସ): ଖ୍ରୀଷ୍ଟକଲେଜର ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀମାନଙ୍କର ମିଳିତ ସହଯୋଗରେ 'ହର୍ ଘର୍ ତ୍ରିରଙ୍ଗା' ଶୋଭାଯାତ୍ରା କଲେଜ ପରିସରରୁ ବାହାରି କଟକ ସହର ପରିକ୍ରମା କରିଛନ୍ତି। ଏହି ଶୋଭାଯାତ୍ରାକୁ ଅଧ୍ୟକ୍ଷା ମଧୁମିତା ପାତ୍ର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଭାଗ ନେଇଥିବା ସମସ୍ତ ଦେଶପ୍ରେମୀମାନେ ହାତରେ ତ୍ରିରଙ୍ଗା ପତାକା ସହିତ ମିଳିତ ଭାବେ ୨୦୦ ମିଟର ଲମ୍ବର ତ୍ରିରଙ୍ଗା ଧରି ସହର ପରିକ୍ରମା କରିଥିଲେ। ଏହି ବିରାଟ ଶୋଭାଯାତ୍ରା ପହଁଚିବା ପରେ କଲେଜ ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର, ସଂପାଦକ ଶୁଭାଶିଷ ସାହୁ, ସଦସ୍ୟ ଚନ୍ଦନ ଦାସ, ପ୍ରଦୀପ୍ତ ଚୌଧୁରୀ, ଉପାଧ୍ୟକ୍ଷା କ୍ଷଣପ୍ରଭା ନନ୍ଦ, ସମସ୍ତ ବିଭାଗ ମୁଖ୍ୟମାନେ ସ୍ୱାଗତ କରିଥିଲେ। ପ୍ରାଧ୍ୟାପକ ଡଃ ଦୈତ୍ୟାରୀ ଶୁକ୍ଳ, ପ୍ରାଧ୍ୟାପକ ଶୋଭନ ପଣ୍ଡା, ସ୍ୱାତୀ ଦାଶ, ଡ. ଅଶୋକ କୁମାର ସାହୁ, ଡଃ ପ୍ରଦ୍ୟୁମ୍ନ ଦାଶ, ଡଃ ଜ୍ଞାନେଶ୍ୱର ରଥ, କ୍ରୀଡା ଶିକ୍ଷକ ଶୁଭମ୍ ସାହୁ ପ୍ରମୁଖ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ।

# ସ୍ମରଣୀୟ ହୋଇରହିବ ଅପରେସନ ସିନ୍ଦୂର: ରାଷ୍ଟ୍ରପତି



ନୂଆଦିଲ୍ଲୀ, ୧୪।୮: ପହଲଗାମରେ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ଲାଗି ଭାରତର 'ଅପରେସନ ସିନ୍ଦୂର' ଥିଲା ଆତଙ୍କବାଦ ବିରୋଧରେ ମାନବିକତାର ଲଢ଼େଇ। ଆତଙ୍କବାଦୀଙ୍କ ପହଲଗାମ ଆକ୍ରମଣ ଥିଲା କାପୁରୁଷପଣିଆ ଏବଂ ଅମାନବିକତାର ପରିଚୟ। ଅପରେସନ ସିନ୍ଦୂର ଜରିଆରେ ଭାରତୀୟ ସେନା ଏହାର ମୁହଁତୋଡ଼ ଜବାବ ଦେଇଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନ ଜରିଆରେ ଆମର ସେନା ଜଣାଇ ଦେଇଛନ୍ତି ଯେ ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ଆମର ଯବାନ ସର୍ବଦା ପ୍ରସ୍ତୁତ ରହିଛନ୍ତି।

ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ଜାତି ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଭାରତୀୟ ସେନାର ପ୍ରଶଂସା କରି ସେ କହିଛନ୍ତି ଯେ ଆତଙ୍କବାଦ ବିରୋଧରେ ଅପରେସନ ସିନ୍ଦୂର ଥିଲା ମାନବିକତାର ଲଢେଇ ଏବଂ ଇତିହାସରେ ଏହା ଲିପିବଦ୍ଧ ହୋଇରହିବ। ଯେଉଁମାନେ ଆମକୁ ଭାଗ ଭାଗ କରିବାକୁ ଚାହିଁଥିଲେ ସେମାନଙ୍କୁ ଭାରତବାସୀ ଏକ ହୋଇ ଠିକଣା ଜବାବ ଦେଇଛନ୍ତି। ଭାରତ କାହା ଉପରେ ଆକ୍ରମଣ କରିବ ନାହିଁ। କିନ୍ତୁ ଆକ୍ରମଣର ଶିକାର ହେଲେ ଭାରତ କିପରି ଉଚିତ ଜବାବ ଦେଇପାରୁଛି, ଭାରତର ସେହି ଶକ୍ତିକୁ ସାରା ବିଶ୍ୱ ଦେଖିଲା।

ଏହି ଅବସରରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ଉଦବୋଧନରେ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରଶଂସା କରିବା ସହିତ ଭାରତର ଅର୍ଥନୈତିକ ବିକାଶ ଉପରେ ଆଲୋକପାତ କରିଛନ୍ତି। ଜିଡିପିରେ ୬.୫ ପ୍ରତିଶତ ଅଭିବୃଦ୍ଧି ହୋଇଛି। ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ସଫଳ ହେଉଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ସଂକଳ୍ପ ନେବାକୁ ରାଷ୍ଟ୍ରପତି ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି।

# ଅଭିନେତା ଦର୍ଶନଙ୍କ ଜାମିନ ବାତିଲ୍ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ରେଣୁକାସ୍ୱାମୀ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ଅଭିନେତା ଦର୍ଶନ ଓ ଅନ୍ୟ ଲୋକଙ୍କୁ ଦିଆଯାଇଥିବା ଜାମିନକୁ ରଦ୍ଦ କରିଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ ଜେବି ପାରଦିୱାଲା ଓ ଜଷ୍ଟିସ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ କର୍ଣ୍ଣାଟକ ହାଇକୋର୍ଟଙ୍କ ଆଦେଶକୁ ଖାରଜ କରିବା ସହ ଏଥିରେ ବହୁତ ତ୍ରୁଟି ରହିଛି ବୋଲି କହିଛନ୍ତି। ଅଭିଯୁକ୍ତ ଯେତେ ବଡ଼ ହୁଅନ୍ତୁ ନା କାହିଁକି, ତାଙ୍କ ଲୋକପ୍ରିୟତା ଯେତେ ହେଉ ନା କାହିଁକି ସେ ଆଇନ୍‌ର ଊର୍ଦ୍ଧ୍ୱରେ ନୁହନ୍ତି ବୋଲି ସୁପ୍ରିମ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଏହାଦ୍ୱାରା ପୂରା ସମାଜକୁ ଏକ ଗଠନମୂଳକ ବାର୍ତ୍ତା ଯିବ। ତେଣୁ ଯଥାଶୀଘ୍ର ଅଭିଯୁକ୍ତ ଆତ୍ମସମର୍ପଣ କରନ୍ତୁ ବୋଲି କୋର୍ଟ କହିଛନ୍ତି। କୋର୍ଟ ଦର୍ଶନଙ୍କ ସମେତ ସବୁ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜେଲରେ ଅଭିଯୁକ୍ତମାନଙ୍କୁ ବିଶେଷ ସୁବିଧା ସୁଯୋଗ ନ ଦେବାକୁ ତାଗିଦ କରିଛନ୍ତି। କର୍ଣ୍ଣାଟକ ହାଇକୋର୍ଟ ଦର୍ଶନ ଓ ତାଙ୍କ ସହଯୋଗୀଙ୍କୁ ଜାମିନ ପ୍ରଦାନ କରିଥିଲେ। ଏହାକୁ ବିରୋଧ କରି କର୍ଣ୍ଣାଟକ ସରକାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଦର୍ଶନ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ହାଇକୋର୍ଟ ୨୦୨୪ ଡିସେମ୍ବର ୧୩ରେ ଜାମିନ ପ୍ରଦାନ କରିଥିଲେ। ଏବେ ବଲ୍ଲାରୀ ଜେଲ୍‌ରେ ଦର୍ଶନ ଓ ଅନ୍ୟମାନଙ୍କୁ ରଖାଯିବ ଓ ଏଥିପାଇଁ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଉଲ୍ଲେଖଥାଉ କି ଦର୍ଶନ ଓ ପବିତ୍ର ଗୌଡା ସମେତ ଅନ୍ୟ ଅଭିଯୁକ୍ତମାନେ ୩୩ ବର୍ଷୀୟ ରେଣୁକାସ୍ୱାମୀ ନାମକ ଜଣେ ପ୍ରଶଂସକଙ୍କୁ ଅପହରଣ କରିବା ସହ ନିର୍ଯାତନା ଦେଇଥିଲେ। ତାଙ୍କ ମୃତଦେହ ଏକ ନାଳରୁ ମିଳିଥିଲା।

# ପାଇଲଟ୍‌ଙ୍କ ଡ୍ୟୁଟି ନେଇ ଏୟାର ଇଣ୍ଡିଆକୁ ଡିଜିସିଏର ଚେତାବନୀ

ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ପାଇଲଟମାନଙ୍କ ଡ୍ୟୁଟି ସମୟସୀମା ଉଲ୍ଲଂଘନ ନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆକୁ ଚେତାବନୀ ଦେଇଛି। ଦୁଇଟି ଅନ୍ତର୍ଜାତୀୟ ଉଡାଣକୁ ନେଇ ଡିଜିସିଏ ଏହି ଚେତାବନୀ ଦେଇଛି। ଗତ ମେ ମାସରେ ବେଙ୍ଗାଲୁରୁ ଓ ଲଣ୍ଡନ ମଧ୍ୟରେ ଚାଲୁଥିବା ଦୁଇଟି ବିମାନରେ ପାଇଲଟମାନେ ୧୦ ଘଣ୍ଟାରୁ ଅଧିକ ସମୟ ବିମାନ ଚଳାଇଥିଲେ। ଏହା ନିୟମର ଘୋର ଉଲ୍ଲଂଘନ ବୋଲି ଡିଜିସିଏ ତରଫରୁ କୁହାଯାଇଛି। ଡିଜିସିଏ ଏସଂକ୍ରାନ୍ତରେ ଏୟାରଲାଇନକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। କିନ୍ତୁ ଏହାର କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଭବିଷ୍ୟତରେ ଏପରି ନ କରିବାକୁ ଡିଜିସିଏ ଚେତାବନୀ ଦେଇଛି। କିନ୍ତୁ ପାକିସ୍ତାନର ଆକାଶ ସୀମା ବନ୍ଦ କାରଣରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲା। କାରଣ ଏଥିପାଇଁ ଅଧିକ ଦୂର ଅତିକ୍ରମ କରିବାକୁ ପଡୁଛି ବୋଲି ଏୟାରଲାଇନ୍ସର ମୁଖପାତ୍ର କହିଛନ୍ତି। କିନ୍ତୁ ପରେ ଏହି ନିୟମକୁ ଠିକ୍ ଭାବେ ପାଳନ କରାଯାଉଛି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି ଜଣେ ପାଇଲଟ ଗୋଟିଏ ଦିନରେ ଅତିବେଶିରେ ୧୦ ଘଣ୍ଟା ବିମାନ ଉଡାଇବାର ନିୟମ ରହିଛି। ପାଇଲଟଙ୍କୁ କ୍ଲାନ୍ତିରୁ ମୁକ୍ତି ଦେବା ଓ ବିମାନ ଉଡ଼ାଣକୁ ସୁରକ୍ଷିତ କରିବା ହେଉଛି ଏହାର ଲକ୍ଷ୍ୟ। ପୁଣି ପ୍ରତ୍ୟେକ ଉଡ଼ାଣ ପରେ ଜଣେ ପାଇଲଟଙ୍କୁ ୧୨ ଘଣ୍ଟା ବିଶ୍ରାମ ନେବା ଜରୁରି ବୋଲି କୁହାଯାଇଛି।

# ୭୦ ଦେଶର ଜେଲ୍‌ରେ ଅଛନ୍ତି ୧୦,୫୭୪ ଭାରତୀୟ କଏଦୀ

ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ବର୍ତ୍ତମାନ ବିଶ୍ୱର ୭୦ଟି ଦେଶରେ ୧୦ ହଜାର ୫୭୪ ଜଣ ଭାରତୀୟ କଏଦୀ ରହିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଲୋକସଭାରେ ଏହି ତଥ୍ୟ ଉପସ୍ଥାପନ କରାଯାଇଛି। ମଧ୍ୟପ୍ରାଚ୍ୟ ଦେଶ ୟେମେନ ସମେତ ୧୧ଟି ଦେଶରେ ୪୩ ଜଣ ଭାରତୀୟ ମୃତ୍ୟୁଦଣ୍ଡର ସମ୍ମୁଖୀନ ହୋଇଛନ୍ତି। ଏହି କଏଦୀମାନଙ୍କ ମଧ୍ୟରେ କେତେଜଣ ବିଚାରାଧୀନ କଏଦୀ ରହିଛନ୍ତି। ଆଉକେତେ ଜଣ ଦଣ୍ଡିତ ହୋଇ ସାରିଛନ୍ତି। ଆଉ କେତେକ ସଜା ପୂରା କରିବା ପରେ ମୁକ୍ତି ଓ ପ୍ରତ୍ୟାର୍ପଣ ଅପେକ୍ଷାରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧୪ଟି ଦେଶରେ ୧୦୦ରୁ ଅଧିକ ଭାରତୀୟ ଜେଲ୍‌ରେ ଅଛନ୍ତି। କିନ୍ତୁ ଏହି ସଂଖ୍ୟା ଅଧିକ ହୋଇପାରେ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। କିଛି କାରଣରୁ ସବୁ ଦେଶ ସବୁ ତଥ୍ୟ ଦେଇ ନଥାନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ୨୧ ଜଣ ଭାରତୀୟଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଛି। ଗତ ଗୋଟିଏ ଦଶକରେ ବିଦେଶରେ ଭାରତୀୟ କଏଦୀ ସଂଖ୍ୟାରେ ୬୩ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୬ରେ ବିଦେଶୀ ଜେଲ୍‌ରେ ୬, ୪୮୯ ଭାରତୀୟ କଏଦୀ ରହିଥିଲେ। ୨୦୧୬ରେ ୬, ୪୮୯ କଏଦୀ ଥିଲେ। ୨୦୨୫ରେ ଏହି ସଂଖ୍ୟା ୧୦, ୫୭୪ରେ ପହଞ୍ଚିଛି ବୋଲି କୁହାଯାଇଛି।

# ଫାଙ୍କା ଗୁଳିଚାଳନାରେ ୩ ମୃତ, ୬୦ରୁ ଊର୍ଦ୍ଧ୍ୱ ଆହତ

କରାଚି, ୧୪।୮(ଏଜେନ୍ସି): ପାକିସ୍ତାନ ସ୍ୱାଧୀନତା ଦିବସ ପାଳନ ଅବସରରେ କରାଚିରେ ଗୁଳିକାଣ୍ଡ ଘଟିଛି। ଗୁଳି ଚାଳନା କରି ଉତ୍ସବ ମନାଯାଉଥିବା ବେଳେ ଜଣେ ୮ ବର୍ଷର ବାଳକଙ୍କ ସମେତ ୩ ଜଣ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟ ଜଣେ ବରିଷ୍ଠ ନାଗରିକ ମଧ୍ୟ ସାମିଲ ରହିଛନ୍ତି। ଏହି ଘଟଣାରେ ୬୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଅଗଷ୍ଟ ୧୩ ଓ ୧୪ରେ କରାଚିର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଉତ୍ସବ ପାଳନ କରିଥିଲେ। କେତେକ ସ୍ଥାନରେ ଲୋକେ ଉପରକୁ ଫାଙ୍କା ଗୁଳି ଚାଳନା କରି ଭିନ୍ନ ଢଙ୍ଗରେ ଉତ୍ସବ ମନାଇଥିଲେ। କିନ୍ତୁ ନିରିହ ଲୋକଙ୍କ ଦେହରେ ଗୁଳି ବାଜିଥିଲା। ଏହାପୂର୍ବରୁ କରାଚିରେ ଏକାଧିକବାର ଏଭଳି ଘଟଣା ଘଟିଛି। ୨୦୨୫ ଜାନୁଆରୀରେ କରାଚିର ଅଲଗା ଅଲଗା ସ୍ଥାନରେ ଗୁଳି ଚାଳନା ଘଟଣାରେ ୪୨ ଜଣ ଲୋକ ପ୍ରାଣ ହରାଇଥିଲେ। ଏଥିରେ ୫ ଜଣ ମହିଳା ସାମିଲ ରହିଥିଲେ। ୨୩୩ଜଣ ଲୋକ ଆହତ ହୋଇଥିଲେ।

# ପାକିସ୍ତାନକୁ ଭାରତର ଚେତାବନୀ



ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ଶୀର୍ଷରେ ପହଞ୍ଚିଛି। କେତେକ ପାକିସ୍ତାନ ନେତା ଭାରତ ବିରୋଧରେ ଦାୟିତ୍ୱହୀନ ମନ୍ତବ୍ୟ ଦେବା ପରେ ଭାରତ ମଧ୍ୟ ଏହାର ଜବାବ ଦେଇଛି। ନିଜ ଭାଷା ଉପରେ ନିୟନ୍ତ୍ରଣ ରଖିବାକୁ ଭାରତ ପାକିସ୍ତାନକୁ ଚେତାବନୀ ଦେଇଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ନିଜର ଅପାରଗତାକୁ ଲୁଚାଇବା ପାଇଁ ପାକିସ୍ତାନ ନେତାମାନେ ଭାରତ ବିରୋଧରେ ଏଭଳି ଦାୟିତ୍ୱହୀନ, ଯୁଦ୍ଧ ପାଇଁ ଉସ୍‌କାଇବା ଓ ଘୃଣା ସୃଷ୍ଟି କଲା ଭଳି ମନ୍ତବ୍ୟ ଦେଉଛନ୍ତି। ପାକ୍ ନେତାମାନେ ନିଜର ଭାଷା ଓ ବକ୍ତବ୍ୟ ଉପରେ ନିୟନ୍ତ୍ରଣ ରଖିବା ଉଚିତ। ଯଦି ପାକିସ୍ତାନ କୌଣସି ଭୁଲ ପଦକ୍ଷେପ ନିଏ, ତେବେ ତା'ର ପରିଣତି ପାକିସ୍ତାନ ପାଇଁ ବହୁତ ଯନ୍ତ୍ରଣାଦାୟକ ହେବ ବୋଲି ଜୟସ୍ୱାଲ ଚେତାଇଛନ୍ତି। ସିନ୍ଧୁ ନଦୀ ଚୁକ୍ତିରୁ ଭାରତ ଓହରିଯିବା ପରେ ଗତ ୪୮ ଘଣ୍ଟା ମଧ୍ୟରେ ପାକିସ୍ତାନର ତିନି ଜଣ ନେତା ଭାରତ ବିରୋଧରେ ପରମାଣୁ ଆକ୍ରମଣ ଧମକ ଦେଇଥିଲେ।

## ନିଜ ଭାଷା ଉପରେ ନିୟନ୍ତ୍ରଣ ରଖ

## ନଚେତ ପରିଣାମ ଯନ୍ତ୍ରଣାଦାୟକ ହେବ

ଏମାନଙ୍କ ମଧ୍ୟରେ ପାକ୍ ସେନାମୁଖ୍ୟ ଆସିମ ମୁନୀର, ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଓ ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ସାମିଲ ରହିଛନ୍ତି।

ଯଦି ସିନ୍ଧୁ ନଦୀରେ ଭାରତ କୌଣସି ବନ୍ଧ ନିର୍ମାଣ କରେ ତେବେ ପାକିସ୍ତାନ ।।କ୍ଷେପଣାସ୍ତ୍ର ମାଡ କରି ତାକୁ ଧ୍ୱଂସ କରିଦେବ ବୋଲି ମୁନୀର ଧମକ ଦେଇଥିଲେ। ସେହିପରି ଭାରତ ସହ ଯୁଦ୍ଧ କରି ଆମେ ସବୁ ୬ଟି ନଦୀକୁ ଫେରାଇ ଆଣିବୁ ବୋଲି ବିଲାୱଲ କହିଥିଲେ। ଯଦି ଶତ୍ରୁ ପାଣି ରୋକେ ତେବେ ଆମେ ଏଭଳି ଶାସ୍ତି ଦେବୁ ଯେ, ତାହାକୁ ସାରା ଜୀବନ ଭୁଲି ପାରିବ ନାହିଁ ବୋଲି ଶାହବାଜ ସରିଫ କହିଥିଲେ। ସିନ୍ଧୁ ଚୁକ୍ତି ନେଇ ପାକିସ୍ତାନର ଦାବିକୁ ଜୟସ୍ୱାଲ ପ୍ରତ୍ୟାଖାନ କରିଛନ୍ତି। ପହଲଗାମ ଆକ୍ରମଣ ସହିତ ସୀମାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ କାର୍ଯ୍ୟକଳାପ ଜବାବରେ ଭାରତ ସିନ୍ଧୁ ଚୁକ୍ତିକୁ ସ୍ଥଗିତ ରଖିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ୨୦୨୫ ଜୁନ୍ ୨୭ରେ ଏକ ପ୍ରେସ ବିବୃତି ।।ରେ ଭାରତ ଏନେଇ ସ୍ପଷ୍ଟ କରିଥିଲା ବୋଲି ସେ କହିଛନ୍ତି।

# ଅପରେସନ ସିନ୍ଦୂରରେ ପାକିସ୍ତାନକୁ ଧୂଳି ଚଟାଇଥିବା ୯ ପାଇଲଟଙ୍କୁ ବୀର ଚକ୍ର

ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ଅପରେସନ ସିନ୍ଦୂରରେ ସାହସିକତା ପ୍ରଦର୍ଶନ କରିଥିବା ସଶସ୍ତ୍ର ବଳର ୮୬ ଜଣ ଯବାନଙ୍କୁ ଗାଲାଣ୍ଟ୍ରି ପୁରସ୍କାର ଦେବାକୁ ଘୋଷଣା କରାଯାଇଛି। ବାୟୁସେନାର ୫୨ ଜଣ ଯବାନଙ୍କୁ ବୀରତା ପୁରସ୍କାରରେ ସମ୍ମାନିତ କରାଯିବ। ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ଏହା ଘୋଷଣା କରାଯାଇଛି। ଅପରେସନ ସିନ୍ଦୂରରେ ପାକିସ୍ତାନକୁ ଧୂଳି ଚଟାଇଥିବା ବାୟୁସେନାର ୯ ଜଣ ପାଇଲଟଙ୍କୁ ବୀରଚକ୍ର ପୁରସ୍କାର ପ୍ରଦାନ କରାଯିବ। ଅପରେସନ ସିନ୍ଦୂରରେ ପାକିସ୍ତାନର ଆତଙ୍କୀ ଠିକଣାକୁ ଧ୍ୱଂସ କରିଥିବା ପାଇଲଟ ଏଥିରେ ସାମିଲ ରହିଛନ୍ତି। ପରମବୀର ଚକ୍ର ଓ ମହାବୀର ଚକ୍ର ପରେ ବୀର ଚକ୍ରଙ୍କୁ ତୃତୀୟ ସ।।ର୍ବୋଚ୍ଚ ସାମରିକ ପୁରସ୍କାର ରୂପେ ବିବେଚନା କରାଯାଇଥାଏ। ଅପରେସନ ସିନ୍ଦୂର ପାଇଁ ଭାରତୀୟ ବାୟୁ ସେନାର ୱିଙ୍ଗ କମାଣ୍ଡର ଅଭିମନ୍ୟୁ ସିଂଙ୍କୁ ସୌର୍ଯ୍ୟ ଚକ୍ରରେ ସମ୍ମାନିତ କରାଯାଇଛି। ସେହିପରି ୯ ଜଣ ରଞ୍ଜିତ ସିଂ



ସିଦ୍ଧୁ, ମନୀଷ ଅରୋଡା, ଅନିମେଷ ପାଟନୀ, କୁଣାଳ କାଲରା (ସମସ୍ତେ ଗ୍ରୁପ୍ କ୍ୟାପଟେନ), ସାର୍ଥକ କୁମାର, ସିଦ୍ଧାନ୍ତ ସିଂ, ରିଜୱାନ ମଲିକ (ସମସ୍ତେ ସ୍କ୍ୱାଡ୍ରନ ଲିଡର) ଏବଂ ଫ୍ଲାଇଟ୍ ଲେଫଟନାଣ୍ଟ ଅର୍ଶବୀର ସିଂ ଠାକୁରଙ୍କୁ ବୀର ଚକ୍ର ପ୍ରଦାନ କରାଯାଇଛି।

ସଶସ୍ତ୍ର ବଳର ୭ ଜଣ ଅଧିକାରୀଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ପଦକ ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ବାୟୁସେନାର ୩ ଓ ସେନାର ୨ ଓ ନୌସେନାର ଜଣେ ଅଧିକାରୀ ସାମିଲ ରହିଛନ୍ତି। ଏହାପୂର୍ବରୁ ଏହି ପୁରସ୍କାର କାରିଗିଲ ଯୁଦ୍ଧ ସମୟରେ ଶେଷଥର ପାଇଁ ଦିଆଯାଇଥିଲା। ସେହିପରି ଭାରତୀୟ ସେନାର ୧୮ ଜଣ ଯବାନଙ୍କୁ ବୀରତା ମେଡାଲରେ ସମ୍ମାନିତ କରାଯାଇଛି। ଦୁଇଜଣ ବରିଷ୍ଠ ସେନା ଅଧିକାରୀଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ପଦକରେ ମଧ୍ୟ ସମ୍ମାନିତ କରାଯାଇଛି। ସେହିପରି ୪ କୀର୍ତ୍ତି ଚକ୍ର, ୪ ବୀର ଚକ୍ର ଓ ୮ ସୌର୍ଯ୍ୟ ଚକ୍ର ପୁରସ୍କର ମଧ୍ୟ ଭାରତୀୟ ସେନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସେହିପରି ବିଏସ୍‌ଏଫ୍‌ର ୧୬ ଯବାନଙ୍କୁ ବୀରତା ମେଡାଲରେ ସମ୍ମାନିତ କରାଯାଇଛି।

## ଜମ୍ମୁ-କଶ୍ମୀରକୁ ପୁଣିଥରେ ରାଜ୍ୟର ମର୍ଯ୍ୟାଦା ଦେବା ମାମଲା

# କେନ୍ଦ୍ରଠାରୁ ଜବାବ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ଜମ୍ମୁ-କଶ୍ମୀରକୁ ରାଜ୍ୟର ମର୍ଯ୍ୟାଦା ଫେରାଇବା ଦାବିରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। କେନ୍ଦ୍ର ସରକାରଙ୍କୁ ୮ ସପ୍ତାହ ମଧ୍ୟରେ ଏ ନେଇ ଲିଖିତ ଭାବେ ଉତ୍ତର ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ଏପ୍ରିଲରେ ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ କଥା ମଧ୍ୟ କୋର୍ଟ ଉଲ୍ଲେଖ କରିଛନ୍ତି। ଏଭଳି ଆକ୍ରମଣକୁ ଅଣଦେଖା କରିହେବନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ବିଆର ଗଭାଇ ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କୁ ଗଠିତ ଖଣ୍ଡପୀଠ ଏହାକୁ ଚନ୍ତାଜନକ ବୋଲି କହିଛନ୍ତି। ଜମ୍ମୁ-କଶ୍ମୀରରେ ତୃଣମୂଳ ସ୍ତରରେ ଥିବା ସମସ୍ୟା, ବାସ୍ତବ ସ୍ଥିତି ଓ ପହଲଗାମ ଭଳି ଆତଙ୍କବାଦୀ ଘଟଣାକୁ ଆଦୌ ଅଣଦେଖା କରିହେବ ନାହିଁ ବୋଲି ଶୁଣାଣି ବେଳେ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ଉଲ୍ଲେଖଥାଉ କି ୨୦୧୯ ଅଗଷ୍ଟ ୫ରେ ସମ୍ବିଧାନର ୩୭୦ ଧାରାକୁ ଉଚ୍ଛେଦ କରାଯାଇଥିଲା। ଏହାପରେ କେନ୍ଦ୍ର ସରକାର ଜାମ୍ମୁ-କଶ୍ମୀରକୁ ଏକ କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ କରିଥିଲେ। ଏହା ବିରୋଧରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ତେବେ ୨୦୨୩ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଠିକ୍ ବୋଲି କହିଥିଲେ। ସେତେବେଳେ ସଲିସିଟର ଜେନେରାଲ ତୁଷାର ମେହେଟା କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ରାଜ୍ୟର ମର୍ଯ୍ୟାଦା ଦେବାକୁ ଅଶ୍ୱାସନା ଦେଇଥିଲେ। ତେବେ ଜମ୍ମୁ-କଶ୍ମୀରକୁ ରାଜ୍ୟର ମର୍ଯ୍ୟାଦା ଦେବାକୁ କୋର୍ଟ କୌଣସି ସମୟସୀମା ଧାର୍ଯ୍ୟ କରିନଥିଲେ।

ଜମ୍ମୁ-କଶ୍ମୀର ସ୍ଥିତିକୁ ବିଚାର କଲେ ବର୍ତ୍ତମାନ ଏନେଇ କୌଣସି କଥା ଉଠାଯିବା କଥା ନୁ।।ହେଁ। ଆମେ ସବୁ କଥା ମାନିବୁ ଓ ଏଥିପାଇଁ ୮ ସପ୍ତାହ ସମୟ ଦିଆଯାଉ ବୋଲି ତୁଷାର କୋର୍ଟଙ୍କୁ କହିଥିଲେ। ଆଠ ସପ୍ତାହ ପରେ ଏ ନେଇ ଶୁଣାଣି ହେବ। ୩୭୦ ଧାରା ହଟାଯିବା ପରେ ଜମ୍ମୁ-କଶ୍ମୀରରେ ୨୦୨୪ ସେପ୍ଟେମ୍ବରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୩ଟି ପର୍ଯ୍ୟାୟରେ ହୋଇଥିବା ନିର୍ବାଚନ ଫଳାଫଳ ଅକ୍ଟୋବର ୮ରେ ପ୍ରକାଶିତ ହୋଇଥିଲା। କିନ୍ତୁ ରାଜ୍ୟର ମର୍ଯ୍ୟାଦା ନ ମିଳିବା ପର୍ଯ୍ୟନ୍ତ ନିର୍ବାଚିତ ସରକାରଙ୍କ ମହତ୍ତ୍ୱ ପ୍ରାୟ ନାହିଁ ବୋଲି ଆବେଦନକାରୀଙ୍କ ତରଫରୁ ଯୁକ୍ତି କରାଯାଇଥିଲା।

# ପୁତିନଙ୍କୁ ପୁଣି ଧମକ ଦେଲେ ଟ୍ରମ୍ପ

ୱାଶିଂଟନ, ୧୪।୮(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ପୁଣି ଧମକ ଦେଇଛନ୍ତି। କହିଛନ୍ତି ଯେ ଶୁକ୍ରବାର ଆଲାସ୍କାରେ ପୁତିନଙ୍କ ସହିତ ହେବାକୁ ଥିବା ଶିଖର ବୈଠକ ବିଫଳ ହେଲେ ରୁଷକୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ।

## ଯୁଦ୍ଧ ବନ୍ଦ ନକଲେ ପରିଣତି ଭୟଙ୍କର ହେବ

ଟ୍ରମ୍ପ କହିଛନ୍ତି ଯେ ୟୁକ୍ରେନରେ ଯୁଦ୍ଧ ସମାପ୍ତ ପାଇଁ ସେ ପୁତିନଙ୍କୁ ବୁଝାଇବେ। ଯୁଦ୍ଧ ଶେଷ କରିବାକୁ ପୁତିନ ରାଜି ନହେଲେ ତାଙ୍କୁ ଗମ୍ଭୀର ପରିଣତି ଭୋଗିବାକୁ ହେବ। ଅଗଷ୍ଟ ୧୫ ଅର୍ଥାତ ଶୁକ୍ରବାର ଟ୍ରମ୍ପ ଓ ପୁତିନ ଆଲାସ୍କାରେ ଶିଖର ବୈଠକ କରିବେ। ୟୁକ୍ରେନରେ ଗତ ସାଢ଼େ ୩ ବର୍ଷ ହେବ ଚାଲିଥିବା ଯୁଦ୍ଧକୁ ରୋକିବା ହେଉଛି ଏହି ବୈଠକର ମୂଳ ଲକ୍ଷ୍ୟ। ଦୁଇ ନେତା ପ୍ରଥମଥର ପାଇଁ ଆମେରିକା ମାଟିରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ପୂର୍ବରୁ ବୁଧବାର ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତି



ଭୋଲୋଦିମିର ଜେଲେଁସ୍କି ଓ ଅନ୍ୟ ୟୁରୋପୀୟ ନେତାଙ୍କ ସହ ଆଭାସୀ ବୈଠକରେ ମିଳିତ ହୋଇଥିଲେ। ଯୁଦ୍ଧ ଶେଷ କରିବାକୁ ହେଲେ ଦୁଇ ଦେଶକୁ ଜମି ଅଦଳବଦଳ କରିବାକୁ ହେବ ବୋଲି ଟ୍ରମ୍ପ କହିଥିଲେ। କିନ୍ତୁ ଏଥିରେ ୟୁକ୍ରେନ କ୍ଷତିଗ୍ରସ୍ତ ହେବ ବୋଲି ୟୁରୋପୀୟ ନେତାମାନେ ଟ୍ରମ୍ପଙ୍କୁ ଅବଗତ କରାଇଥିଲେ। ଅପରପକ୍ଷରେ ଯୁଦ୍ଧ ଶେଷ କରିବାକୁ ନିଜ ଦେଶର ଜମି ଛାଡିବାକୁ ଜେଲେଁସ୍କି ମନା କରି ଦେଇଛନ୍ତି। ତେଣୁ ଆଲାସ୍କା ବୈଠକ ଉପରେ ଏବେ ସାରା ବିଶ୍ୱର ନଜର ରହିଛି ଓ ଏହି ବୈଠକ ଫଳାଫଳ କ'ଣ ହେବ ସେ ନେଇ ବିଭିନ୍ନ ଆକଳନ କରାଯାଉଛି। ପୁଣି ଯଦି ଟ୍ରମ୍ପ ଓ ପୁତିନଙ୍କ ମଧ୍ୟରେ ଏହି ବୈଠକ ବିଫଳ ହୁଏ, ତେବେ ଭାରତ ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ। ଭାରତ ଉପରେ ଆହୁରି ଶୁଳ୍କ ଲାଗୁ କରାଯିବ ବୋଲି ଆମେରିକାର ଅର୍ଥ ସଚିବ ସ୍କଟ ବେସେଣ୍ଟ କହିଛନ୍ତି। ରୁଷିଆଠାରୁ ଭାରତ ତୈଳ କ୍ରୟ କରୁଥିବାରୁ ଆମେରିକାର ପୂର୍ବରୁ ୨୫ ଓ ପରେ ଆଉ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲା। ତେଣୁ ଆଲସ୍କା ବୈଠକ ସଫଳତା ଉପରେ ସବୁ କିଛି ନିର୍ଭର କରୁଛି।

## ବିଧାୟିକା ପୂଜା ପାଲଙ୍କୁ ପାର୍ଟିରୁ ବହିଷ୍କାର କଲେ ଅଖିଳେଶ

# ଯୋଗୀଙ୍କୁ ପ୍ରଶଂସା କରିବା ମହଙ୍ଗା ପଡ଼ିଲା



ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ସମାଜବାଦୀ ପାର୍ଟି ସୁପ୍ରିମୋ ଅଖିଳେଶ ଯାଦବ ବିଧାୟିକା ପୂଜା ପାଲଙ୍କୁ ପାର୍ଟିରୁ ଗୁରୁବାର ବହିଷ୍କାର କରିଛନ୍ତି। ତାଙ୍କ ସ୍ୱାମୀ ରାଜୁ ପାଲଙ୍କୁ ଗ୍ୟାଙ୍ଗଷ୍ଟର ଅତିକ ଅହମ୍ମଦ ହତ୍ୟା କରିଥିଲା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ହତ୍ୟାକାଣ୍ଡ ପାଇଁ ତାଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି ବୋଲି ପୂଜା ବିଧାନସଭାରେ କହିଥିଲେ। ଅପରାଧୀଙ୍କ ବିରୋଧରେ ରାଜ୍ୟ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଯୋଗୁଁ ଏହା ସମ୍ଭବ ହୋଇଥିଲା ବୋଲି ସେ କହିଥିଲେ।

ଦଳୀୟ ବିଚାରଧାରା ବିରୋଧରେ ଯାଇ ବିଧାୟିକା ପୂଜା ହିଂସା ପାଇଁ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଶଂସା କରିଥିବାରୁ ତାଙ୍କୁ ପାର୍ଟିରୁ ବହିଷ୍କାର କରିଛନ୍ତି ଦଳର ସୁପ୍ରିମୋ ଅଖିଳେଶ ଯାଦବ। ବିଧାୟିକା ପୂଜା ପାଲ ହେଉଛନ୍ତି ରାଜୁ ପାଲଙ୍କ ପତ୍ନୀ। ୨୦୦୫ରେ ଅତିକ ରାଜୁ ପାଲଙ୍କୁ ହତ୍ୟା କରିଥିଲା। ପରେ ଅତିକ ଓ ତା ଭାଇ ଆଶ୍ରଫଙ୍କୁ ପୁଲିସ ଉପସ୍ଥିତିରେ ହତ୍ୟା କରାଯାଇଥିଲା। ଏଥିପାଇଁ ପୂଜା ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲେ। 'ମୋତେ ଯାହା ଠିକ୍ ଲାଗିଲା ତାହା ହିଁ କହିଛି। ମୁଁ ସମାଜବାଦୀ ପାର୍ଟିର କିମ୍ବା ଅଖିଳେଶଙ୍କ ନାମ ନେଇ ନଥିଲି। ମୁଁ କେବଳ ଅତିକ ଅହମ୍ମଦର ନାଁ ନେଇଥିଲି ଓ ଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲି। ତେଣୁ କୌଣସି ଅପରାଧ କରିନାହିଁ' ବୋଲି ପୂଜା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। କିନ୍ତୁ ତାଙ୍କ ମନ୍ତବ୍ୟର ନିନ୍ଦ କରିଛି ସମାଜବାଦୀ ପାର୍ଟି।

# 'ବୁଲା କୁକୁର ମାମଲାରେ ନିୟମର ପାଳନ ହେଉନି'



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ବୁଲା କୁକୁର ମାମଲାରେ ଆଜି ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହେଟା ଓ ଜଷ୍ଟିସ୍ ଏନ୍‌ଭି ଅଞ୍ଜାରିଆଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ଏହି ମମାଲାରେ ସବୁ ପକ୍ଷରୁ ଦଲିଲ ଶୁଣିବା ପରେ ରାୟ ସଂରକ୍ଷିତ ରଖିଛନ୍ତି। କୋର୍ଟ କହିଛନ୍ତି ଯେ ନିୟମ ପ୍ରସ୍ତୁତ ହେଉଛି, କିନ୍ତୁ ପ୍ରଶାସନ ଏହା ପାଳନ କରୁନାହିଁ।

ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟା ଦଲିଲ ଦେଇ କହିଥିଲେ ଯେ, ଏଭଳି ମାଂସାହାରୀ ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜକୁ ପଶୁପ୍ରେମୀ ଭାବେ ଉପସ୍ଥାପନ କରୁଛନ୍ତି। ଅନ୍ୟପଟେ ବରିଷ୍ଠ ଓକିଲ କପିଲ ସିବଲ ମାମଲାର ସମାଧାନ ହେଉ ବୋଲି କହିଥିଲେ। ଦିଲ୍ଲୀ- ଏନ୍‌ସିଆର ସବୁ ବୁଲା କୁକୁରଙ୍କୁ ଏକାଠି କରି ଏକ ଆଶ୍ରୟସ୍ଥଳୀରେ ରଖିବା ଏବେ ସମ୍ଭବ ନୁହଁ। କାରଣ ବର୍ତ୍ତମାନ ଏଭଳି ଆଶ୍ରୟସ୍ଥଳୀ ନାହିଁ ବୋଲି ସିବଲ କହିଥିଲେ।

ସମସ୍ତ ବୁଲା କୁକୁରଙ୍କୁ ଉଠାଇ ଆଣି ଆଶ୍ରୟସ୍ଥଳୀରେ ରଖିବା ସହ ବନ୍ଧ୍ୟାକରଣ କରିବାକୁ ସୋମବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଓ ଏ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେ।।ବେ ବିବାଦ ହେବା ପରେ ଗୁରୁବାର ଏହି ୩ ଜଣ ବିଚାରପତିଙ୍କୁ ନେଇ ଗଠିତ ଏହି ଖଣ୍ଡପୀଠ ଶୁଣାଣି କରିଥିଲେ। କିଛି ଲୋକ ଦିଲ୍ଲୀ-ଏନ୍‌ସିଆର ରାସ୍ତାଗୁଡିକୁ କୁକୁରମୁକ୍ତ କରିବା ନିର୍ଦ୍ଦେଶକୁ ସ୍ୱାଗତ କରିଥିବା ବେଳେ ଆଉ କେତେକ ଏହାର ବିରୋଧ କରିଥିଲେ। ଏହାଦ୍ୱାରା ମଣିଷ ଓ କୁକୁର ମଧ୍ୟରେ ସଂଘର୍ଷ ଉଗ୍ରରୂପ ନେବ ବୋଲି ସେମାନେ ଯୁକ୍ତି କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୮୫ ● ପାଉଣ୍ଡ ୧୧୯.୨୮
- ୟୁରୋ ୧୦୨.୩୮ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୯୦୦ (ଭୁବନେଶ୍ୱର)
- ରୁପା : ୧,୨୦,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୫୯୭.୦୦
- ନିଫ୍ଟି ୨୪,୬୩୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଭାରତକୁ ପୁଣି ଧମକ ଦେଲା ଆମେରିକା

# ଆହୁରି ହେବ ଶୁଳ୍କ ମାଡ଼

**ଟ୍ରମ୍ପ-ପୁଟିନ୍ ଆଲୋଚନା ଉପରେ ନିର୍ଭର କରୁଛି ଭାରତର ଭାଗ୍ୟ**

**ଚୀନ୍ ଉପରେ ଭାରୀ ଶୁଳ୍କ ପାଇଁ ପ୍ରସ୍ତୁତ ରହିବାକୁ ୟୁରୋପୀୟ ଦେଶଙ୍କୁ ନିର୍ଦ୍ଦେଶ**




ନୂଆଦିଲ୍ଲୀ,୧୪।୮ (ଏଜେନ୍ସି): ପୁଣି ଥରେ ଭାରତକୁ ଶୁଳ୍କ ଧମକ ଦେଇଛି ଆମେରିକା। ଆମେରିକା ଭାରତ ଉପରେ ଆହୁରି ଭାରୀ ମାତ୍ରାରେ ଶୁଳ୍କ ଲାଗୁ କରିବ। ଯଦି ଅଲାସ୍କାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଶାନ୍ତି ବାର୍ତ୍ତା ବିଫଳ ହୁଏ , ତେବେ ଭାରତ ଉପରେ ପୁଣି ଶୁଳ୍କ ବଢାଇବ ଆମେରିକା। ଏହାଛଡା ଟ୍ରମ୍ପ ପ୍ରଶାସନ ୟୁରୋପୀୟ ଦେଶମାନଙ୍କୁ ଚୀନ୍ ସାମଗ୍ରୀ ଉପରେ ଭାରୀ ଶୁଳ୍କ ଲଗାଇବା ପାଇଁ ପ୍ରସ୍ତୁତ ରହିବାକୁ କହିଛି। ଏହା ସହିତ ଭାରତକୁ ମଧ୍ୟ ରୁଷରୁ ଅଶୋଧିତ ତେଲ କିଣିବା ଉପରେ ଅଧିକ ଶୁଳ୍କ ସାମ୍ନା କରିବାକୁ ପଡ଼ିପାରେ, ଆମେରିକାର ଅର୍ଥ ସଚିବ ସ୍କଟ୍ ବେସାଣ୍ଟ କହିଛନ୍ତି।

ଅଗଷ୍ଟ ୧୫ରେ ଆଲାସ୍କାରେ ଡୋନାଲ୍ଡ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ୟୁକ୍ରେନ ଅସ୍ତ୍ରବିରତିକୁ ନେଇ ପ୍ରମୁଖ ଆଲୋଚନା ହେବ। ଏହି ଆଲୋଚନା ଉପରେ ଏବେ ସାରା ଦୁନିଆର ନଜର ରହିଛି, କାରଣ ଗତ ୩ ବର୍ଷରୁ ଅଧିକ ସମୟ ଧରି ୟୁକ୍ରେନ ଓ ରୁଷ୍ ମଧ୍ୟରେ ଯୁଦ୍ଧ ଜାରି ରହିଛି। କୁହାଯାଉଛି ଯେ, ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ରୁଷ୍-ୟୁକ୍ରେନ ଯୁଦ୍ଧ ସମାଧାନର ବାଟ ବାହାରିପାରେ। ବୈଠକର ଫଳାଫଳ ଉପରେ ନିର୍ଭର କରୁଛି ଯେ, ରୁଷ ଉପରେ ଲାଗୁ ହୋଇଥିବା ପ୍ରତିବନ୍ଧକକୁ ବଢ଼ାଯିବ କିମ୍ବା କମ୍ କରାଯିବ ବୋଲି ବେସାଣ୍ଟ କହିଛନ୍ତି। ଚଳିତ ମାସ ପ୍ରାରମ୍ଭରେ ଟ୍ରମ୍ପ ଭାରତ ଉପରେ ରୁଷ୍ ଠାରୁ ତେଲ ଓ ଅସ୍ତ୍ର କ୍ରୟକୁ ନେଇ ପୂର୍ବରୁ ହିଁ ଲାଗୁ ୨୫% ଟାରିଫ୍ ବ୍ୟତୀତ ୨୫% ଜୋରିମାନା ମଧ୍ୟ ଲଗାଇଥିଲେ। ଟ୍ରମ୍ପ ଅଭିଯୋଗ କରିଥିଲେ ଯେ, ରୁଷ୍ ଠାରୁ ତୈଳ କିଣି ଭାରତ ୟୁକ୍ରେନ ଯୁଦ୍ଧକୁ ପାଣ୍ଠି ଯୋଗାଉଛି। ଯଦି ଏହି ବୈଠକ ସଫଳ ନ ହୁଏ, ତେବେ ଟାରିଫ୍ ବା ପ୍ରତିବନ୍ଧକ ଆହୁରି ବଢିପାରେ। 'ୟୁରୋପୀୟ ଦେଶମାନଙ୍କୁ ଏହି ପ୍ରତିବନ୍ଧକରେ ଆମ ସହିତ ସାମିଲ ହେବାକୁ ପଡିବ। ୨୦୨୨ ମସିହାରେ ଯେତେବେଳେ ରୁଷ ୟୁକ୍ରେନ ଉପରେ ଆକ୍ରମଣ କରିଥିଲା, ସେତେବେଳେ ଆମେରିକା, ୟୁରୋପ, ଜାପାନ ଏବଂ ସେମାନଙ୍କର ଅଂଶୀଦାର ଦେଶମାନେ ରୁଷ ଉପରେ ଅନେକ ଥର କଠୋର ଆର୍ଥିକ କଟକଣା ଲଗାଇଥିଲେ। ଜୁଲାଇ ମାସରେ ୟୁରୋପୀୟ ସଂଘ ରୁଷ ଉପରେ ୧୮ତମ କଟକଣା ଲଗାଇଥିଲା।

■ ଆଇସିଆଇସିଆଇ ବ୍ୟାଙ୍କର ୟୁ-ଟର୍ଣ୍ଣ

## ସର୍ବନିମ୍ନ ବାଲାନ୍ସ ୫୦ରୁ ୧୫ ହଜାରକୁ ହ୍ରାସ

ନୂଆଦିଲ୍ଲୀ,୧୪।୮ (ଏଜେନ୍ସି): ପ୍ରବଳ ବିରୋଧ ପରେ ଆଇସିଆଇସିଆଇ ବ୍ୟାଙ୍କ ଏହାର ସଞ୍ଚୟ ଖାତାରେ ସର୍ବନିମ୍ନ ବାଲାନ୍ସ ସୀମାରେ ହ୍ରାସ ଘଟାଇଛି। ନିକଟରେ ବ୍ୟାଙ୍କ ସମ୍ପ୍ରତି ମେଟ୍ରୋ ଏବଂ ସହରାଞ୍ଚଳରେ ଏହାର ସର୍ବନିମ୍ନ ବାଲାନ୍ସ ସୀମା ୧୦,୦୦୦ ଟଙ୍କାରୁ ୫୦,୦୦୦ ଟଙ୍କାକୁ ବୃଦ୍ଧି କରିଥିଲା। ଏହାକୁ ନେଇ ବ୍ୟାଙ୍କ ତୀବ୍ର ବିରୋଧର ସମ୍ମୁଖୀନ ହୋଇଥିଲା। ଏବେ ବ୍ୟାଙ୍କ ପୁଣି ଏହି ସୀମା ହ୍ରାସ କରିଛି। ଏହି ଅନୁଯାୟୀ ଆଇସିଆଇସିଆଇ ବ୍ୟାଙ୍କର ସଂଶୋଧିତ ସର୍ବନିମ୍ନ ବାଲାନ୍ସ ସୀମା ଏବେ ମେଟ୍ରୋ ଏବଂ ସହରାଞ୍ଚଳ ପାଇଁ ୧୫,୦୦୦ ଟଙ୍କାକୁ ହ୍ରାସ କରାଯାଇଛି। ଏହାବ୍ୟତୀତ, ଅର୍ଦ୍ଧ-ସହରାଞ୍ଚଳ କ୍ଷେତ୍ରରେ ସର୍ବନିମ୍ନ ହାରାହାରି ବାଲାନ୍ସ ସୀମା ମଧ୍ୟ ୨୫,୦୦୦ ଟଙ୍କାରୁ ୭୫୦୦ ଟଙ୍କାକୁ ହ୍ରାସ ହୋଇଛି। ଗ୍ରାମାଞ୍ଚଳ ପାଇଁ ଏହି ସୀମା ୧୦,୦୦୦ ଟଙ୍କାରୁ ୨୫୦୦ ଟଙ୍କାକୁ ହ୍ରାସ କରାଯାଇଛି। ଏହି ପରିବର୍ତ୍ତନଗୁଡ଼ିକ ବେତନ ଆକାଉଣ୍ଟ କ୍ଷେତ୍ରରେ ପ୍ରଯୁଜ୍ୟ ହେବ ନାହିଁ। ସମ୍ପୂର୍ଣ୍ଣ ସର୍ବନିମ୍ନ ବାଲାନ୍ସ ସୀମା ଚଳିତମାସ ପହିଲା କିମ୍ବା ତା'ପରେ ଖୋଲାଯାଇଥିବା ଆକାଉଣ୍ଟଗୁଡ଼ିକ ପାଇଁ ଲାଗୁ ହେବ। ଏହାପୂର୍ବରୁ ଖୋଲାଯାଇଥିବା ଆକାଉଣ୍ଟଗୁଡ଼ିକ ପାଇଁ ପୁରୁଣା ନିୟମ ଲାଗୁ ହେବ। ଯଦି ଗ୍ରାହକ ସର୍ବନିମ୍ନ ବାଲାନ୍ସ ବଜାୟ ରଖିପାରିବେ ନାହିଁ, ତେବେ ତାଙ୍କୁ ୫୦୦ ଟଙ୍କା କିମ୍ବା ୬% ଯେଉଁଟି କମ୍ ହେବ ସେହି ହିସାବରେ ଜରିମାନା ଦେବାକୁ ପଡିବ।

## ରାୟଗଡା ଏବଂ କଳାହାଣ୍ଡିରେ ସ୍ୱାସ୍ଥ୍ୟସେବା ସୁଦୃଢ଼ କରିଛି ବେଦାନ୍ତ ଆଲୁମିନିୟମ




ଭୁବନେଶ୍ୱର, ୧୪।୮ (ସମିସ): ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାରେ ମୌସୁମୀ ଋତୁରେ ଗୋଷ୍ଠି ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ଏକ ଶୃଙ୍ଖଳା ଆରମ୍ଭ କରିଛି। ଏହି ପ୍ରୟାସଗୁଡ଼ିକ ଅଧୀନରେ କମ୍ପାନୀର ଭ୍ରାମ୍ୟମାଣ ହେଲଥD ୟୁନିଟ୍ (ଏମଏଚୟୁ) କାର୍ଯ୍ୟକାରୀ କରାଯାଉଛି। ୧୫୦୦ରୁ ଅଧିକ ସମ୍ପ୍ରଦାୟ ସଦସ୍ୟ ମାଗଣା ମ୍ୟାଲେରିଆ ପରୀକ୍ଷା, ଲକ୍ଷଣ ଚିହ୍ନଟ ପାଇଁ ମାର୍ଗଦର୍ଶନ ଏବଂ ପରିମଳ, ମଶାରୀ ବ୍ୟବହାର ଏବଂ ପାନୀୟଜଳ ସମସ୍ୟା ଦୂର କରିବା ଭଳି ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିଛନ୍ତି। ୫ଟି ଗ୍ରାମର ୮୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ମହିଳାଙ୍କ ସହିତ ଏକ ପ୍ରସ୍ତୁତି ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା,ଯେଉଁଥିରେ ପରିବାରର ପରିଚ୍ଛନ୍ନତା, ନିରାପଦ ପାନୀୟଜଳର ଉପଲବ୍ଧତା, ସାପ କାମୁଡ଼ା ରୋକିବା ପାଇଁ ସତର୍କତାମୂଳକ ପଦକ୍ଷେପ ଏବଂ ସମୟୋଚିତ ଚିକିତ୍ସା ପାଇଁ ଜରୁରୀ ପ୍ରଥମ ପ୍ରତିକ୍ରିୟା ପଦକ୍ଷେପ ଅନ୍ତର୍ଭୁକ୍ତ କରାଯାଇଥିଲା।

## ଶକ୍ତି ଏବଂ ଧାତୁ ବିଶେଷଜ୍ଞ ବଙ୍କିମ ଚନ୍ଦ୍ର ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର,୧୪।୮ (ସମିସ): ଭାରତୀୟ ଶକ୍ତି ଏବଂ ଧାତୁ ଶିଳ୍ପ ବିଶିଷ୍ଟ ବ୍ୟକ୍ତିତ୍ୱର ଅଧିକାରୀ ଇଞ୍ଜିନିୟର ବଙ୍କିମ ଚନ୍ଦ୍ର ମହାନ୍ତିଙ୍କର ଚଳିତ ମାସ ୭ରେ ୮୮ ବର୍ଷରେ ଦେହାନ୍ତ ହୋଇଛି। ସେ ଜଣେ ବିଦ୍ୱାନ, ଦୂରଦୃଷ୍ଟି ସମ୍ପନ୍ନ ଏବଂ ନିଜ ସମୟଠାରୁ ବହୁତ ଆଗରେ ଥିବା ବ୍ୟକ୍ତିତ୍ୱ ଥିଲେ। ତାଙ୍କର ଲମ୍ବା ବୃତ୍ତିଗତ କ୍ୟାରିୟର ସମୟରେ ସେ ସେଲ୍, ନାଲ୍‌କୋ,ହିଣ୍ଡାଲକୋ ଏବଂ ଫାକର୍ ଆଦି କମ୍ପାନୀରେ କାର୍ଯ୍ୟରତ ରହିଥିଲେ। ସେ ତାଙ୍କର ଇଞ୍ଜିନିୟରିଂରେ ଦକ୍ଷତା ଏବଂ ମାନବୀୟ ମୂଲ୍ୟବୋଧ ପାଇଁ କର୍ମଚାରୀ ମହଲରେ ବିଶେଷ ଆଦୃତ ଥିଲେ। ତାଙ୍କର ଶୋକସନ୍ତପ୍ତ ପରିବାରରେ ତାଙ୍କ ପୁଅ ସୁବ୍ରତ (ପୂର୍ବତନ ଇଡି,ନାଲ୍‌କୋ), ଝିଅ-ଏଲି, ଜ୍ୱାଇଁ-ପ୍ରଣବ କୁମାର ଦାସ (ପୂର୍ବତନ ଅଧ୍ୟକ୍ଷ, ସିବିଆଇସି, ଜିଏସ୍‌ଟି ଏବଂ ସୀମାଶୁଳ୍କ), ପୁତ୍ରବଧୂ - ଶାଶ୍ୱତୀ ଏବଂ ସେମାନଙ୍କର ସ୍ନେହମୟ ପରିବାର ଅଛନ୍ତି।

## ଟିଭିଏସ୍‌ର ନୂଆ ଶୋ' ରୁମ୍ 'ବାଲେଶ୍ୱର ଟିଭିଏସ୍' ଉଦ୍‌ଘାଟିତ



ବାଲେଶ୍ୱର,୧୪।୮ (ସମିସ): ବାଲେଶ୍ୱର ଓଟି ରୋଡ ତାମୁଳିଆ ଓଭର ବ୍ରିଜ୍ ନିକଟରେ ଟିଭିଏସ୍ କମ୍ପାନୀର ନୂତନ ଶୋ ରୁମ୍ ବାଲେଶ୍ୱର ଟିଭିଏସ୍ 'ସାଇ ଅନଙ୍ଗ ଅଟୋମୋବାଇଲସ୍' ଉଦ୍‌ଘାଟିତ ହୋଇଯାଇଛି। ଟିଭିଏସ୍ ମୋଟର୍ସର ଇଷ୍ଟଜୋନ୍ ରିଜିଓନାଲ ସର୍ଭିସ ମ୍ୟାନେଜର ସମୀର କୁମାର ସିଂହ ଏହି ନୂତନ ଶୋ ରୁମକୁ ଉଦଘାଟନ କରିଥିଲେ। ଓଟିରୋଡଠାରେ ଥିବା ଷ୍ଟେଟ ଅଫ୍ ଦି ଆର୍ଟ ୱାର୍କଶପ୍‌କୁ କମ୍ପାନୀର ଏରିଆ ସେଲସ ମ୍ୟାନେଜର ଦୀପକ କୁମାର ମହାପାତ୍ର ଓ ଶୁଭଦୀପ ଗାଙ୍ଗୁଲି ଉପସ୍ଥିତ ଥିଲେ। ଅନୁରୁପ ଭାବେ ଶୋ'ରୁମର ପାର୍ଟସ କାଉଣ୍ଟରକୁ ଟେରିଟୋରୀ ସେଲସ ମ୍ୟାନେଜର ରବିକାନ୍ତ ଆନନ୍ଦ ଓ ଟେରିଟୋରୀ ସର୍ଭିସ ମ୍ୟାନେଜର ଅସିତ ଦତ୍ତ ଶୁଭାରମ୍ଭ କରିଥିଲେ। ବାଲେଶ୍ୱର ଟିଭିଏସ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଲକ୍ଷ୍ମୀନାରାୟଣ ମହାନ୍ତି ଉତ୍ସବରେ ପୌରୋହିତ୍ୟ କରି ଗ୍ରାହକଙ୍କ ପାଇଁ ମଧ୍ୟ ଆକର୍ଷଣୀୟ ଅଫର ରହିଛି ବୋଲି କହିଥିଲେ। କମ୍ପାନୀର ଡିଲର ଡେଭଲପମେଣ୍ଟ ଅଫିସର ତରୁଣକାନ୍ତି ମହାନ୍ତି ଏହି ଉଦଘାଟନୀ ଉତ୍ସବରେ ଯୋଗଦେଇଥିଲେ। ଏହି ଅବସରରେ ୨୦ ଜଣ ଗ୍ରାହକଙ୍କୁ ନୂତନ ଗାଡ଼ିର ଚାବି ପ୍ରଦାନ କରାଯାଇଥିଲା। ସଦର ବିଧାୟକ ମାନସ କୁମାର ଦତ୍ତ, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ଜ୍ଞାନ ରଞ୍ଜନ ବେହେରା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ବାଲେଶ୍ୱର ପୌର ଅଧ୍ୟକ୍ଷା ସବିତା ସାହୁ, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଆଲୋକ ସାହୁ, ବିଶିଷ୍ଟ ଶିଳ୍ପପତି ସଞ୍ଜୟ କୁମାର ଦାସଙ୍କ ସମେତ ସଞ୍ଜୟ କୁମାର ପାଣି, କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଗାଡ଼ି କିଣିଥିବା ସମସ୍ତ ଗ୍ରାହକଙ୍କ ପାଇଁ ଲକି କୁପନ ବ୍ୟବସ୍ଥା କରାଯାଇଥିଲା। ଆଜି ଲକି ଡ୍ର କରାଯାଇ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ବିଜେତା ଭାବେ ଦେବେନ୍ଦ୍ର କୁମାର ବେହେରାଙ୍କ ବିଦେଶ ଭ୍ରମଣ ପାଇଁ ଏବଂ ଦ୍ୱିତୀୟ ବିଜେତାଙ୍କୁ କେରଳ ବୁଲିଯିବା ପାଇଁ ଶୋ-ରୁମ୍ ପକ୍ଷରୁ ଟିକଟ ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟ ୭ଜଣଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଶୋ ରୁମ୍‌ର ନିର୍ଦ୍ଦେଶିକା ରଶ୍ମିତା ମହାନ୍ତି, ନିର୍ଦ୍ଦେଶକ ଦିବ୍ୟଜ୍ୟୋତି ମହାନ୍ତି, ଜ୍ୟୋତିରାଦିତ୍ୟ ମହାନ୍ତିଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉଦଘାଟନ ପୂର୍ବରୁ ଏକ ବାଇକ୍ ରାଲି ଆୟୋଜିତ ହୋଇଥିଲା। ଏହା ଭୀମପୁର ଛକ ନିକଟରୁ ବାହାରି ସହର ପରିକ୍ରମା କରି ଶେଷରେ ଶୋ'ରୁମ ନିକଟରେ ପହଞ୍ଚିଥିଲା।

## ଯୁଦ୍ଧପୀଡ଼ିତ ଓ ପରିବାର କଲ୍ୟାଣ ପାଇଁ ଜିନ୍ଦଲ ଷ୍ଟିଲ୍ କର୍ମଚାରୀଙ୍କ ପକ୍ଷରୁ ୨କୋଟି ସହାୟତା



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ସ୍ୱାଧୀନତାର ୭୯ତମ ବର୍ଷ ପୂର୍ତ୍ତିର ପୂର୍ବ ସନ୍ଧ୍ୟାରେ ଜିନ୍ଦଲ ଷ୍ଟିଲ କର୍ମଚାରୀ ମାନେ ଦେଶଭକ୍ତିର ନିଦର୍ଶନ ସ୍ୱରୂପ ଅପରେସନ ସିନ୍ଦୁରର ସଫଳତା ଉପଲକ୍ଷେ ପ୍ରଭାବିତ ସୈନିକ ଏବଂ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ୨କୋଟି ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଦେଶ ପ୍ରତି ଭାରତୀୟ ସେନାର ଏହି ସର୍ବୋଚ୍ଚ ଯୋଗଦାନ ପାଇଁ ଜିନ୍ଦଲ ଷ୍ଟିଲର କର୍ମଚାରୀମାନେ ସ୍ୱେଚ୍ଛାରେ ପ୍ରଭାବିତ ସୈନିକ ଓ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ଗୋଟିଏ ଦିନର ଦରମା ଅର୍ଥ ପ୍ରଦାନ କରିଛନ୍ତି। କୁରୁକ୍ଷେତ୍ର ସାଂସଦ ଓ ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ ଆଜି ନୂଆଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଭେଟି କର୍ମଚାରୀଙ୍କ ଏହି ଅନୁଦାନ ରାଶି ୨କୋଟି ଟଙ୍କାର ଚେକ୍ ଆନୁଷ୍ଠାନିକ ଭାବେ ପ୍ରଦାନ କରିଛନ୍ତି। ଶ୍ରୀ ଜିନ୍ଦଲ କହିଛନ୍ତି, ଆମ ସୈନିକ ଆମ ଦେଶର ପ୍ରକୃତ ରକ୍ଷକ। ସେମାନଙ୍କ ସାହସ, ତ୍ୟାଗ ଓ ଭାରତର ସୁରକ୍ଷା ପ୍ରତି ସେମାନଙ୍କ ଅତୁଟ ପ୍ରତିବଦ୍ଧତା ଆମ ସମସ୍ତଙ୍କୁ ପ୍ରେରଣା ଦେଉଛି। ଜିନ୍ଦଲ ଷ୍ଟିଲ ପରିବାରର ଏହି ଯୋଗଦାନ ସେମାନଙ୍କ ସେବା ମନୋଭାବକୁ ସମ୍ମାନ ଜଣାଇବା ସହ ସେମାନଙ୍କ ପରିବାର ସଦସ୍ୟଙ୍କ ସାଥୀରେ ଠିଆ ହେବାର ବିନମ୍ର ପ୍ରୟାସ।




ଅଳଙ୍କାର ବ୍ରାଣ୍ଡ ଜୟଆଲୁକ୍କାସ୍ ପକ୍ଷରୁ ବୁଧବାର କଟକଠାରେ ଖୋଲିଛି ନୂତନ ଭବ୍ୟ ଶୋ'ରୁମ୍। ଏହାକୁ ସୋଫିଆ ଫିରଦୌସ୍ (ବିଧାୟକ, ବାରବାଟୀ- କଟକ), ସୁବାସ ସିଂହ (ମେୟର, କଟକ ମ୍ୟୁନିସିପାଲ୍ କର୍ପୋରେସନ୍), ସତ୍ୟରାମ ସାହୁ (କର୍ପୋରେଟର୍ ୱାର୍ଡ-୨୫), ମାଳବିକା ଶର୍ମା (ସେଲିବ୍ରିଟି), ପୁନମ୍ ମିଶ୍ରା (ଅଭିନେତ୍ରୀ), ଅନିଶା ଶର୍ମା (ଅଭିନେତ୍ରୀ), ଥମାସ୍ ମାଥ୍ୟୁ (ଇଡି, ଜୟଆଲୁକ୍କାସ୍) ହେନରୀ ଜର୍ଜ (ସିଓଓ, ଜୟଆଲୁକ୍କାସ୍), ରାଜେଶ କୃଷ୍ଣନ୍ (ଡିଜିଏମ୍, ରିଟେଲ୍, ଜୟଆଲୁକ୍କାସ୍), ଅନିଶ ଭାର୍ଗୀସ୍ (ଡିଜିଏମ୍, ମାର୍କେଟିଂ) ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଉଦଘାଟନ କରିଛନ୍ତି।

## ଟାଟା ଷ୍ଟିଲ୍ ପକ୍ଷରୁ ଫ୍ଲାଟ୍ ଷ୍ଟିଲ୍ ଉତ୍ପାଦ ପାଇଁ ଇପିଡି ପ୍ରକାଶ

ଭୁବନେଶ୍ୱର,୧୪।୮ (ସମିସ): ଟାଟା ଷ୍ଟିଲ୍ ପକ୍ଷରୁ ତିନି ପ୍ରକାର ଫ୍ଲାଟ୍ ଷ୍ଟିଲ୍ ଉତ୍ପାଦ ପାଇଁ ପରିବେଶଗତ ଉତ୍ପାଦନ ଘୋଷଣାନାମା (ଇପିଡି) ପ୍ରକାଶ କରାଯାଇଛି। ଏହା ହେଉଛି: ଷ୍ଟିଲ୍ ସ୍ଲାବ୍, କୋଲ୍ଡ ରୋଲ୍ଡ କ୍ଲୋଜଡ୍ ଆନିଲଡ୍ (ସିଆରସିଏ) ଷ୍ଟିଲ୍ ଏବଂ ଗାଲଭାନାଇଜଡ୍ ଷ୍ଟିଲ୍। ଏହା କମ୍ପାନିର ସ୍ୱଚ୍ଛତା, ସ୍ଥିରତା ଏବଂ ନିଜ ଗ୍ରାହକଙ୍କୁ ଉତ୍ପାଦ ଏବଂ ସ୍ଥିରତା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ପ୍ରତି ପ୍ରତିବଦ୍ଧତାକୁ ଦୋହରାଉଛି। ଇପିଡିକୁ ଟାଇପ୍ ୩ ଇକୋ-ଲେବେଲ୍ ଭାବେ ଶ୍ରେଣୀଭୁକ୍ତ କରାଯାଇଛି ଯାହା ଏକ ସ୍ୱାଧୀନ ଭାବେ ଯାଞ୍ଚ ଏବଂ ପଞ୍ଜିକୃତ ଦସ୍ତାବିଜ ଯାହା ଏକ ଉତ୍ପାଦର ଜୀବନ ଚକ୍ରରେ ପରିବେଶଗତ ପ୍ରଭାବ ବିଷୟରେ ସ୍ପଷ୍ଟ ଏବଂ ତୁଳନାତ୍ମକ ସୂଚନା ପ୍ରଦାନ କରୁଛି। ଟାଟା ଷ୍ଟିଲର ଉପ ସଭାପତି-ସୁରକ୍ଷା, ସ୍ୱାସ୍ଥ୍ୟ ଓ ସ୍ଥାୟିତ୍ୱ ରାଜୀବ ମଙ୍ଗଳ କହିଛନ୍ତି ଯେ, 'ଷ୍ଟିଲ୍ ଉଦ୍ୟୋଗ ଏକ ଅଧିକ ସ୍ଥିରତା ପୂର୍ଣ୍ଣ ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହି ଇପିଡି ଆମର ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ପ୍ରତି ସକ୍ରିୟ ପଦକ୍ଷେପକୁ ପ୍ରତିଫଳିତ କରୁଛି ଯାହା ଆମ ଗ୍ରାହକଙ୍କୁ ସ୍ୱାଧୀନ ଭାବେ ଯାଞ୍ଚ ହୋଇଥିବା ତଥ୍ୟ ପ୍ରଦାନ କରୁଛି।

## ଟିପିସିଓଡିଏଲ୍‌ର ପ୍ରୋଜେକ୍ଟ ଦକ୍ଷ




ଭୁବନେଶ୍ୱର,୧୪।୮ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଏହାର ଅଭିନବ ସିଏସ୍‌ଆର୍ ଅଭିଯାନ ପ୍ରୋଜେକ୍ଟ ଦକ୍ଷ ଓ ଓଡ଼ିଶା ଗ୍ରିନ୍ ଜବ୍‌ସ ଏକାଡେମୀ ଜରିଆରେ ଜୀବନରେ ରୂପାନ୍ତରଣ ଆଣୁଛି। ଏହି କାର୍ଯ୍ୟକ୍ରମ ଗ୍ରାମୀଣ ଯୁବବର୍ଗ ଓ ମହିଳାମାନଙ୍କ ଦକ୍ଷତା ବିକାଶ କରି ନିଯୁକ୍ତି ଓ ଆର୍ଥିକ ସ୍ୱାଧୀନତା ପାଇଁ ପଥ ପ୍ରଶସ୍ତ କରୁଛି। ଏହି ତାଲିମ ପାଠ୍ୟକ୍ରମରେ ପାଇପ କାମ, ବିଦ୍ୟୁତ ଯାନ ସେବା ଓ ସୋଲାର ପ୍ୟାନେଲ୍ ସ୍ଥାପନ ଭଳି ପ୍ରବଳ ଚାହିଦାରେ ଥିବା ଦକ୍ଷତା ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ମୋଟ୍ ୪୪୦ ଯୁବକ ଓ ଯୁବତୀଙ୍କୁ ତାଲିମ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ସମସ୍ତଙ୍କୁ ଶ୍ରେଷ୍ଠ କମ୍ପାନିଗୁଡ଼ିକରେ ମଧ୍ୟ ନିଯୁକ୍ତି ମିଳିଛି। ପ୍ରୋଜେକ୍ଟ ଦକ୍ଷ, ନିଯୁକ୍ତି ପାଇଁ ପ୍ରତ୍ୟକ୍ଷ ଦକ୍ଷତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରୁଥିବା ବେଳେ ଓଡ଼ିଶା ଗ୍ରିନ୍ ଜବ୍‌ସ ଏକାଡେମୀ ସୌର ଶକ୍ତି ଓ ଇଭି ରକ୍ଷଣାବେକ୍ଷଣ ଭଳି ଦୀର୍ଘସ୍ଥାୟୀ ବାଣିଜ୍ୟର ପ୍ରସାର କରୁଥିବା ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି।

# ବିଟ୍ କଏନ୍ ପ୍ରଥମ ଥର ୧.୦୮ କୋଟି ଟପିଲା

■ ୨୦୦୯ରେ ମୂଲ୍ୟ ଶୂନ ଥିଲା

■ ବର୍ଷରେ ମୂଲ୍ୟ ୫ ଲକ୍ଷ ଟଙ୍କା ବଢ଼ିଛି



ନୂଆଦିଲ୍ଲୀ,୧୪।୮ (ଏଜେନ୍ସି): ବିଟ୍ କଏନ ମୂଲ୍ୟ ପ୍ରଥମ ଥର ପାଇଁ ୧.୦୮ କୋଟି ଟଙ୍କା ଅତିକ୍ରମ କରିଛି। ଆଜି ଏହି କ୍ରିପ୍ଟୋ କରେନ୍ସି ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ୨୦୦୯ରେ ସାତୋଶି ନାକାମୋଟୋ ଯେତେବେଳେ ଏହାକୁ ତିଆରି କରିଥିଲେ, ସେତେବେଳେ ଏହାର ମୂଲ୍ୟ ପାଖାପାଖି ଶୂନ୍ୟ ଥିଲା। ଅର୍ଥାତ୍, ଯଦି ଆପଣ ସେହି ସମୟରେ ବିଟ୍ କଏନ୍‌ରେ ଗୋଟିଏ ଟଙ୍କାରୁ କମ୍ ନିବେଶ କରିଥାନ୍ତେ, ତେବେ ଆଜି ଏହାର ମୂଲ୍ୟ ୧ କୋଟିରୁ ଅଧିକ ହୋଇଥାନ୍ତା।

ବିଟ୍ କଏନର ପ୍ରଥମ ବଡ଼ ମୂଲ୍ୟ ବୃଦ୍ଧି ଅକ୍ଟୋବର ୨୦୧୦ ରେ ହୋଇଥିଲା। ସେତେବେଳେ ଗୋଟିଏ ବିଟକଏନର ମୂଲ୍ୟ ଦୀର୍ଘ ସମୟ ଧରି ପ୍ରାୟ ୦.୧୦ ଡଲାର (ପ୍ରାୟ ୧ ଟଙ୍କା) ରେ ସ୍ଥିର ରହିବା ପରେ ବୃଦ୍ଧି ବର୍ଷ ଶେଷରେ, ଏହା ୦.୩୦ ଡଲାରରେ ପହଞ୍ଚିଲା। ୨୦୧୩ ସୁଦ୍ଧା, ଏହାର ମୂଲ୍ୟ ୧୦୦୦ ଡଲାର ଅତିକ୍ରମ କରିଯାଇଥିଲା। ଆଜିର ହାର ଅନୁସାରେ ଏହି ମୂଲ୍ୟ ପ୍ରାୟ ୮୭ ହଜାର ଟଙ୍କା। ଅର୍ଥନୈତିକ, ରାଜନୈତିକ ଏବଂ ନିୟାମକ ପରିବର୍ତ୍ତନ ଓ ନିବେଶ ଯୋଗୁ ବିଟକଏନର ମୂଲ୍ୟ ବଢୁଛି। ବିଟ୍ କଏନକୁ ଡିଜିଟାଲ ଜଗତର "ସୁନା" କୁହାଯାଏ। ଏହା ଏମିତି ଏକ ଡିଜିଟାଲ ମୁଦ୍ରା, ଯାହା କୌଣସି ବ୍ୟାଙ୍କ କିମ୍ବା ସରକାରଙ୍କ ନିୟନ୍ତ୍ରଣ ବିନା କାମ କରେ। ଅର୍ଥାତ୍, ଏହା ଡିସେଣ୍ଟ୍ରାଲାଇଜ୍। କୌଣସି ଗୋଟିଏ କର୍ତ୍ତୃପକ୍ଷ ଏହା ଉପରେ ନିୟନ୍ତ୍ରଣ ରଖିପାରିବେ ନାହିଁ। ବିଟକଏନ କୌଣସି ଧାତବ ମୁଦ୍ରା କିମ୍ବା ନୋଟ୍ ନୁହେଁ, ବରଂ ଏକ ଡିଜିଟାଲ କୋଡ୍ ଯାହା ଆପଣଙ୍କ ଡିଜିଟାଲ ୱାଲେଟରେ ରହିଥାଏ। ଯେପରି ଆପଣ ହ୍ୱାଟସଆପରେ ମେସେଜ୍ ପଠାନ୍ତି, ସେହିପରି ଆପଣ ଇଣ୍ଟରନେଟ୍ ମାଧ୍ୟମରେ ବିଶ୍ୱର ଯେକୌଣସି ସ୍ଥାନକୁ ବିଟକଏନ ପଠାଇପାରିବେ। ସେମାନଙ୍କର ସଂଖ୍ୟା ମଧ୍ୟ ସୀମିତ।

## ଟାଟା ସନ୍ସର ନିର୍ଦ୍ଦେଶକ ନୋଏଲ୍ ଟାଟା



ନୂଆଦିଲ୍ଲୀ,୧୪।୮ (ଏଜେନ୍ସି): ନୋଏଲ୍ ଟାଟା ହୋଇଛନ୍ତି ଟାଟା ସନ୍ସର ନିର୍ଦ୍ଦେଶକ। ଟାଟା ସନ୍ସର ୧୦୭ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ନୋଏଲ୍ ଟାଟାଙ୍କୁ ବୋର୍ଡରେ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ରତନ ଟାଟାଙ୍କ ମୃତ୍ୟୁ ପରେ ଏହା ଟାଟା ସନ୍ସର ପ୍ରଥମ ସାଧାରଣ ବୈଠକ। ଗତବର୍ଷ ଅକ୍ଟୋବରରେ ରତନ ଟାଟାଙ୍କ ମୃତ୍ୟୁ ପରେ ନୋଏଲ୍ ଟାଟା ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ଅଛନ୍ତି। ସେ ଏବେ ଆନୁଷ୍ଠାନିକ ଭାବରେ ଟାଟା ସନ୍ସର ବୋର୍ଡରେ ଯୋଗଦେଇଛନ୍ତି। ଟାଟା ଟ୍ରଷ୍ଟ ଦ୍ୱାରା ନୋଏଲ୍ ଟାଟାଙ୍କୁ ନିଯୁକ୍ତ କରାଯାଇଛି।

# ଭାରତ-ଅଷ୍ଟ୍ରେଲିଆ ହକି ସିରିଜ ଆଜିଠୁ



ପର୍ଥ, ୧୪।୮ (ଏଜେନ୍ସି):

ଘରୋଇ ଅଷ୍ଟ୍ରେଲିଆ ଓ ଭାରତୀୟ ପୁରୁଷ ହକି ଦଳ ମଧ୍ୟରେ ଶୁକ୍ରବାରଠାରୁ ୪ ମ୍ୟାଚ୍‌ବିଶିଷ୍ଟ ସିରିଜ ଆରମ୍ଭ ହେବାକୁ ଯାଉଛି। ସିରିଜର ସମସ୍ତ ମ୍ୟାଚ୍ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବ। ଅଗଷ୍ଟ ୧୬, ୧୯ ଓ ୨୧ ତାରିଖରେ ପରବର୍ତ୍ତୀ ୩ଟି ମ୍ୟାଚ୍ ଅନୁଷ୍ଠିତ ହେବ। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବର୍ତ୍ତମାନ ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗରେ ୮ମ ସ୍ଥାନରେ ରହିଛି। ସେହିଭଳି ଘରୋଇ ଅଷ୍ଟ୍ରେଲିଆ ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ଥିବାରୁ ଏହି ସିରିଜ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ସେହିଭଳି ଅଗଷ୍ଟ ୨୯ରୁ ବିହାରରେ ଏସିଆ କପ୍ ହକି ଖେଳାଯିବ। ତେଣୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଭାରତୀୟ ଦଳ ଲାଗି ଏକ ଭଲ ପ୍ରସ୍ତୁତି ସଦୃଶ ହେବ ବୋଲି ମୁଖ୍ୟ ପ୍ରଶିକ୍ଷକ କ୍ରେଗ ଫୁଲଟନ୍ କହିଛନ୍ତି।

ନିକଟରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଉଭୟ ଦଳ ପରସ୍ପର ବିପକ୍ଷରେ ଦୁଇଥର ଖେଳିଥିଲେ। ଉଭୟ ମ୍ୟାଚରେ ଅଷ୍ଟ୍ରେଲିଆ ୩-୨ ଗୋଲରେ ବିଜୟୀ ହୋଇଥିଲା। କିନ୍ତୁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଭାରତ ୩-୨ ଗୋଲରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଥିଲା। ୧୯୭୨ ମ୍ୟୁନିକ ଗେମ୍ସ ପରେ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଏହା ପ୍ରଥମ ବିଜୟ ଥିଲା। ୨୦୧୩ ପରଠାରୁ ଯଦି ଦୁଇ ଦଳର ରେକର୍ଡ ଉପରେ ନଜର ପକାଇବା ତେବେ ଅଷ୍ଟ୍ରେଲିଆର ପଲା ଭାରି ରହିଛି। ଗତ ୧୨ ବର୍ଷ ମଧ୍ୟରେ ଦୁଇ ଦଳ ୫୧ଟି ମ୍ୟାଚରେ ସାମ୍ନାସାମ୍ନି ହୋଇଛନ୍ତି। ସେଥିମଧ୍ୟରୁ ୩୫ ମ୍ୟାଚରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ସିରିଜ ଲାଗି ଘୋଷିତ ୨୪ ଜଣିଆ ଭାରତୀୟ ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍ ଓ ଶିଳାନନ୍ଦ ଲାକ୍ରା।

### ଭାରତୀୟ ଦଳ

**ଗୋଲରକ୍ଷକ:** କ୍ରିଷାନ ବାହାଦୂର ପାଠକ, ସୂରଜ କେରକେଟା


**ଡିଫେଣ୍ଡର:** ସୁମିତ, ଜରମନପ୍ରୀତ୍ ସିଂହ, ହରମନପ୍ରୀତ୍ ସିଂହ (ଅଧିନାୟକ), ସଞ୍ଜୟ, ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ, ଯୁଗରାଜ ସିଂହ, ସିବି ପୁଭାନ୍ନା।

**ମିଡ୍‌ଫିଲ୍ଡର:** ରାଜିନ୍ଦର ସିଂହ, ରାଜ କୁମାର ପାଲ୍, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ରନ ସିଂ ମୋଇରଙ୍ଗଥେମ, ବିଷ୍ଣୁ କାନ୍ତ ସିଂ।

**ଫରୱାର୍ଡ:** ମନଦୀପ୍ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ୍ ସିଂହ, ଦିଲପ୍ରୀତ୍ ସିଂହ, ସେଲଭାମ କାର୍ଥିଓ ଆଦିତ୍ୟ ଲାଲାଗେ।

# ଲିଆଣ୍ଡରଙ୍କ ପିତା ଅଲିମ୍ପିଆନ ଭେସ୍ ପେସ୍‌ଙ୍କ ବିୟୋଗ

କୋଲକାତା, ୧୪।୮: ଭାରତର ମହାନ ଟେନିସ ଖେଳାଳି ଲିଆଣ୍ଡର ପେସ୍‌ଙ୍କ ପିତା ତଥା ଅଲିମ୍ପିକ ପଦକ ବିଜେତା ଭେସ୍ ପେସଙ୍କ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ଭେସ୍ କିଛିଦିନ ଧରି ଅସୁସ୍ଥ ଥିଲେ। ଚିକିତ୍ସାଧୀନ ଅବସ୍ଥାନରେ ଗୁରୁବାର ସକାଳେ କୋଲକାତାର ଏକ ହସ୍ପିଟାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।



ଭେସ୍ ୧୯୪୫ ମସିହା ଏପ୍ରିଲ ୩୦ରେ ଗୋଆରେ ଜନ୍ମଗ୍ରହଣ କରିଥିଲେ। ସେ ଏକାଧାରାରେ ବହୁ ପ୍ରତିଭାର ଅଧିକାରୀ ଥିଲେ। ୧୯୬୬ରେ କୋଲକାତାର ପ୍ରେସିଡେନ୍ସି କଲେଜରେ ମେଡିକାଲ ପଢୁଥିବାବେଳେ ଭେସ୍ ଭାରତୀୟ ହକି ଦଳରେ ଖେଳିବାର ସୁଯୋଗ ପାଇଥିଲେ। ହମବର୍ଗ ଇଣ୍ଟରନ୍ୟାସନାଲ କପ୍ ଖେଳି ସେ ଜାତୀୟ ହକି ଦଳରୁ ପଦାର୍ପଣ କରିଥିଲେ। ମଧ୍ୟକ୍ରମରେ ଜଣେ ଦକ୍ଷ ଖେଳାଳି ଥିବା ଭେସ୍ ୧୯୭୧ରେ ବାର୍ସିଲୋନାରେ ଅନୁଷ୍ଠିତ ହକି ବିଶ୍ୱକପ୍ ଖେଳିଥିଲେ। ଏହି ବିଶ୍ୱକପ୍‌ରେ ଭାରତ କାଂସ୍ୟ ପଦକ ଜିତିଥିଲା। ଏହା ପରବର୍ଷ ମ୍ୟୁନିକ ଅଲିମ୍ପିକ୍ସରେ କାଂସ୍ୟ ବିଜୟୀ ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ଥିଲେ। ଏହାବାଦ୍ ସେ କ୍ରିକେଟ୍, ଫୁଟବଲ ଓ ରଗବୀରେ ଡିଭିଜନ ଲେଭଲ ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ସ୍ପୋର୍ଟ୍ସ ମେଡିସନରେ ଜଣେ ସାର୍ଟିଫାଏଡ୍ ଡାକ୍ତର ଥିଲେ। ଏସିଆନ କ୍ରିକେଟ କାଉନସିଲ ଓ ବିସିସିଆଇର ଆଣ୍ଟି-ଡୋପିଂ ପ୍ରୋଗ୍ରାମରେ ମଧ୍ୟ ଭେସ୍ କାମ କରିଥିଲେ। ସେହିଭଳି ୧୯୯୬ରୁ ୨୦୦୨ ପର୍ଯ୍ୟନ୍ତ ଭାରତୀୟ ରଗବୀ ଫୁଟବଲ ୟୁନିୟନର ସେ ସଭାପତି ଭାବେ ଦାୟିତ୍ୱରେ ରହିଥିଲେ। କଲକତା କ୍ରିକେଟ୍ ଓ ଫୁଟବଲ କ୍ଲବର ସଭାପତି ଭାବେ ମଧ୍ୟ କିଛି ବର୍ଷ ଦାୟିତ୍ୱ ତୁଲାଇଥିଲେ। ଭେସ୍ ଜେନିଫର ପେସ୍‌ଙ୍କୁ ବିବାହ କରିଥିଲେ। ଜେନିଫର୍ ଭାରତୀୟ ମହିଳା ବାସ୍କେଟବଲ୍ ଦଳର ଅଧିନାୟିକା ଥିଲେ। ତାଙ୍କ ପୁଅ ଲିଆଣ୍ଡର ପେସ୍ ଭାରତୀୟ ଟେନିସର ଜଣେ ମହାନ ଖେଳାଳି।

**ଅଲିମ୍ପିକ୍ସ ଇତିହାସରେ ପ୍ରଥମଥର**

# ବିକ୍ରି ହେବେ ଭେନ୍ୟୁ ନେମିଂ ରାଇଟ୍

ଲସ୍ ଏଞ୍ଜେଲ୍ସ,୧୪।୮ (ଏଜେନ୍ସି): ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ଇତିହାସରେ ପ୍ରଥମଥର ପାଇଁ ଭେନ୍ୟୁ ନେମିଂ ରାଇଟ୍ ଅର୍ଥାତ କ୍ରୀଡ଼ା ଆୟୋଜନସ୍ଥଳର ନାମକରଣ ଅଧିକାର ବିକ୍ରି ହେବ। ଆମେରିକାର ଲସ୍ ଏଞ୍ଜେଲ୍ସରେ ୨୦୨୮ରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସରେ ଏହି ଅଧିକାର ବିକ୍ରି କରିବାକୁ ଆୟୋଜକମାନେ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ବିପୁଳ ପରିମାଣରେ ଅର୍ଥ ଉପାର୍ଜନ ହେବ। ଏହି ଲକ୍ଷ୍ୟରେ ହିଁ ପ୍ରଥମଥର ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହାକୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ମଧ୍ୟ ସମର୍ଥନ ଜଣାଇଛି। ଏହିକ୍ରମରେ 'କମକାଷ୍ଟ' ଓ 'ହୋଣ୍ଡା' ଭଳି କମ୍ପାନୀ ପ୍ରାରମ୍ଭିକ ଦୁଇଟି ଭେନ୍ୟୁର ନାମକରଣ ଅଧିକାର ହାସଲ କରିଛନ୍ତି। ଆଗକୁ ଆହୁରି କେତୋଟି କର୍ପୋରେଟ୍ ହାଉସ୍ ମଧ୍ୟ ଏହି ନାକମରଣ ଅଧିକାର ହାସଲ କରିବେ ବୋଲି ଆଶା କରାଯାଉଛି। ଏହି ପ୍ରକ୍ରିୟାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବାରୁ ଆଇଓସିକୁ ଆୟୋଜକମାନେ କୃତଜ୍ଞତା ଜଣାଇଛନ୍ତି।




# ଆଜି କିସ୍‌ର ୩ ଖୋ ଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୧୪।୮ (ସମିସ): ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ନୂଆଦିଲ୍ଲୀର ଲାଲ୍ କିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଶ୍ୱକପ୍ ବିଜୟୀ ଭାରତୀୟ ପୁରୁଷ ଓ ମହିଳା ଖୋ ଖୋ ଦଳକୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି। ସମ୍ବର୍ଦ୍ଧିତ ହେବାକୁ ଥିବା ଭାରତୀୟ ପୁରୁଷ ଓ ମହିଳା ଖୋ ଖୋ ଦଳରେ କିସ୍ ବିଶ୍ୱବିଦ୍ୟାଳୟର ୩ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ପବନୀ ଶବର, ଶୁଭଶ୍ରୀ ସିଂ ଓ ମଗାଇ ମାଝୀ। ଏହି ଅବସରରେ କିଟ୍ ଓ କିସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ ହେବାକୁ ଥିବା ୩ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନଙ୍କ ସଫଳତା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ସେ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ପ୍ରାରମ୍ଭରେ ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜକ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଚାମ୍ପିଅନ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିଲା। ଦୁଇ ମହାରାଷ୍ଟ୍ର ଖେଳାଳି ପ୍ରତୀକ ୱାଇକର ଓ ପ୍ରିୟଙ୍କା ଇଙ୍ଗଲେ ଯଥାକ୍ରମେ ଭାରତୀୟ ପୁରୁଷ ଓ ମହିଳା ଦଳର ନେତୃତ୍ୱ ନେଉଥିଲେ।

**■ ସିନ୍‌ସିନ୍ନାଟି ଓପନ**

# କ୍ୱାର୍ଟରରେ ସିନ୍ନର, ସାବାଲେଙ୍କା

ନ୍ୟୁୟର୍କ, ୧୪।୮ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଜାନ୍ନିକ ସିନ୍ନର ଓ ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ସିନ୍‌ସିନ୍ନାଟି ଓପନ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ସିନ୍ନର ୬-୪, ୭-୬ (୭/୪) ସେଟରେ ଆଡ୍ରିଆନ ମାନ୍ନାରିନୋଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟର ଫାଇନାଲରେ ସିନ୍ନରଙ୍କ ମୁକାବିଲା କାନାଡାର ଫେଲିକ୍ସ ଆଗର ଆଲିଆସିମେଙ୍କ ସହ ହେବ। ସେହିଭଳି ୨ୟ ସିଡ୍ ତଥା ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ୬-୧, ୬-୪ ସିଧାସଳଖ ସେଟ୍‌ରେ ଇଟାଲୀର ଲୁକା ନାର୍ଦ୍ଦିଙ୍କୁ ମାତ୍ ଦେଇ ରାଉଣ୍ଡ-୮ରେ ପହଞ୍ଚିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଟପ୍ ସିଡ୍ ସାବାଲେଙ୍କା ୬-୧, ୭-୫ ସେଟ୍‌ରେ ସ୍ପେନର ଜେସିକା ବୌଜାସ ମାନେଇରୋ ହରାଇଥିଲେ। ଶୁକ୍ରବାର କ୍ୱାର୍ଟର ଫାଇନାଲରେ ସାବାଲେଙ୍କା କାଜାଖସ୍ତାନର ଏଲିନା ରିବାକିନାଙ୍କୁ ଭେଟିବେ।








**ପୁରୀରେ ଟି-୧୦ ଟେନିସ୍ ବଲ୍ କ୍ରିକେଟ**

# ସିଂହଦ୍ୱାରରେ ଟ୍ରଫି ଓ ବ୍ରୋଚର ଉନ୍ମୋଚନ

ପୁରୀ,୧୪।୮ (ସମିସ): ସର୍ବଭାରତୀୟ ଟି-୧୦ ଟେନିସ ବଲ୍ କ୍ରିକେଟ ଚାମ୍ପିଅନସିପ୍‌ର ୩ୟ ସଂସ୍କରଣ ସେପ୍ଟେମ୍ବର ୧୧ରୁ ପୁରୀରେ ଆରମ୍ଭ ହେବ। ଗୁରୁବାର ଏହାର ବ୍ରୋଚର ଉନ୍ମୋଚନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସିଂହଦ୍ୱାରରେ ସେବକମାନଙ୍କ ଉପସ୍ଥିତିରେ ଟୁର୍ଣ୍ଣାମେଣ୍ଟର ଟ୍ରଫି ମଧ୍ୟ ଉନ୍ମୋଚିତ ହୋଇଛି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ପ୍ରତିଯୋଗିତାର ଅଫିସିଆଲ୍ ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି। ଏହି ପ୍ରତିଯୋଗିତାରେ ୨୫ ରାଜ୍ୟର ୩୨ ଦଳ ଭାଗନେବେ। ଟି-୧୦ ଫର୍ମାଟ୍ ବା ୧୦ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ପୁରୀର ଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯିବ। ଟି-୧୦ ଟେନିସ ବଲ୍ କ୍ରିକେଟ ଆସୋସିଏସନ ଅଫ୍ ଇଣ୍ଡିଆର ସଭାପତି ତଥା ଶ୍ରୀମନ୍ଦିର ସେବକ ଭବାନୀ ଦାସ ମହାପାତ୍ର ଏହି ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଚାମ୍ପିଅନସିପ୍ ଉତ୍ତର ପ୍ରଦେଶ ଓ ଗୋଆରେ ଅନୁଷ୍ଠିତ ହୋଇସାରିଛି। ଚାରିଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୩୨ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଆୟୋଜକ ଓଡ଼ିଶା ଗ୍ରୁପ୍ 'ଏ'ରେ ପଶ୍ଚିମବଙ୍ଗ, ଆସାମ, ୟୁପି, ବିହାର ଦଳ ସ୍ଥାନ ପାଇଛି। ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ ସେଲିବ୍ରିଟିମାନେ ପ୍ରଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS